




RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-17 ◆SATURDAY ◆11 JULY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୭ ◆ଶନିବାର ◆୧୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଜାତୀୟ ସଙ୍ଗୀତ ପୂର୍ବରୁ ଗାନ ହେବ 'ବନ୍ଦେ ମାତରମ୍'





### ରାଜ୍ୟଗୁଡ଼ିକୁ କେନ୍ଦ୍ରର କଡ଼ା ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏବଂ ଜାତୀୟ ଗୀତ 'ବନ୍ଦେମାତରମ୍'ର ଗାନକୁ ନେଇ କେନ୍ଦ୍ର ସରକାର ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ମନ୍ତ୍ରାଳୟଗୁଡ଼ିକୁ ପୁଣି ଥରେ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଗତ ୫ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ କେନ୍ଦ୍ର ପକ୍ଷରୁ ଏଭଳି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ନୂତନ ନିୟମ ଅନୁଯାୟୀ, ଯଦି କୌଣସି ସରକାରୀ କାର୍ଯ୍ୟକ୍ରମରେ ଉଭୟ ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତ ପରିବେଷଣ କରାଯାଏ, ତେବେ ପ୍ରଥମେ 'ବନ୍ଦେ ମାତରମ୍' ଗାନ କରାଯିବ ଏବଂ ଏହା ପରେ 'ଜନ ଗଣ ମନ' ଗାନ କରାଯିବ। ଜୁଲାଇ ୯ରେ ଏହି ସମ୍ପର୍କିତ ଏକ ଚିଠି ପଠାଯାଇଥିବା ବେଳେ ଶୁକ୍ରବାର ଏହାର ସବିଶେଷ ବିବରଣୀ ସାର୍ବଜନୀନ କରାଯାଇଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତର ମୂଳ ଶବ୍ଦ, ସଠିକ୍ ଉଚ୍ଚାରଣ ଏବଂ ସ୍ୱୀକୃତିପ୍ରାପ୍ତ ଶୈଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। କୌଣସି ପ୍ରକାରର ତ୍ରୁଟି ଏଡ଼ାଇବା ପାଇଁ କେନ୍ଦ୍ର ମନ୍ତ୍ରାଳୟ ନିଜର ୱେବସାଇଟ୍‌ରେ ଏହାର ସଠିକ୍ ପାଠ୍ୟ ଏବଂ ଉଚ୍ଚାରଣ ଉପଲବ୍ଧ କରାଇଛି। ଯେଉଁ ରାଜ୍ୟଗୁଡ଼ିକର ନିଜସ୍ୱ ରାଜ୍ୟ ସଙ୍ଗୀତ ରହିଛି, ସେମାନେ ମଧ୍ୟ ଏହି ନିର୍ଦ୍ଧାରିତ କ୍ରମକୁ ପାଳନ ▸ପୃଷ୍ଠା-୭

## ଚୀନ୍‌ର ଜୋତା କାରଖାନାରେ ଅଗ୍ନିକାଣ୍ଡ; ୨୮ ମୃତ

■ ବେଜିଂ, ୧୦।୭ (ଏଜେନ୍ସି): ଚୀନ୍‌ର ଫୁଜିଆନ୍ ପ୍ରଦେଶସ୍ଥିତ ଏକ ଜୋତା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡରେ ୨୮ ଜଣ ପ୍ରାଣ ହରାଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଘଟଣାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଜିଞ୍ଜିଆଙ୍ଗ ସହରରେ ଅବସ୍ଥିତ 'ଫୁଜିଆନ୍ ହୁଇଟେଙ୍ଗ' ଜୋତା କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ସମୟରେ ୫ ମହଲା ବିଶିଷ୍ଟ ଏହି କଂକ୍ରିଟ୍ କୋଠା ମଧ୍ୟରେ ୨୩୭ ଜଣ ଶ୍ରମିକ ଏବଂ ୨ ଜଣ ପର୍ଯ୍ୟଟକ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡରେ ୨୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ୨୧୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। କୋଠାର ତଳ ମହଲାରେ ଥିବା ଏକ ଗୋଦାମ ଓ କର୍ମଶାଳାରୁ ନିଆଁ ଲାଗି ଜୋତା ତିଆରି ସାମଗ୍ରୀ ଗଦାରେ ଲାଗିଯାଇଥିଲା, ଯାହା ଭୟଙ୍କର ରୂପ ଧାରଣ କରିଥିଲା।



## ଶାନ୍ତି ଚୁକ୍ତି ଭଙ୍ଗ ପଛରେ ଇସ୍ରାଏଲ୍!

■ ମସ୍କୋ/ତେଲ୍ ଆଭିଭ୍, ୧୦।୭ (ଏଜେନ୍ସି): ଶାନ୍ତି ଚୁକ୍ତି ଭଙ୍ଗ ଓ ଇରାନ ଉପରେ ପୁନର୍ବାର ଆମେରିକା ଆକ୍ରମଣ ପଛରେ ଇସ୍ରାଏଲ୍ ଖଳନାୟକ ଭୂମିକା ଅବଲମ୍ବନ କରିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ମସୁଧା କରୁଥିବା ସଂକ୍ରାନ୍ତରେ ଇସ୍ରାଏଲ୍ ଆମେରିକାକୁ ସୂଚନା ଦେବା ପରେ ଇରାନ୍ ଉପରେ ପୁନର୍ବାର ଆକ୍ରମଣ ପାଇଁ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ଇସ୍ରାଏଲ୍ ଗୁଇନ୍ଦା ଏଜେନ୍ସି ମୋସାଦର ସୂଚନାକୁ ଆମେରିକା ବିଶ୍ୱାସ କରି ପୁନଃ ଆକ୍ରମଣ ନିର୍ଦ୍ଦେଶ ଦେବା ପରେ ଇରାନର ପ୍ରମୁଖ ଅଞ୍ଚଳ ଉପରେ ଆମେରିକୀୟ ସେନା କ୍ଷେପଣାସ୍ତ୍ର ବର୍ଷା କରିଛି। ଅନୁରୂପ ଭାବରେ ଇସ୍ରାଏଲ୍ ମଧ୍ୟ ଇରାନର ବିଭିନ୍ନ ସହର ଉପରେ ଆକ୍ରମଣ ଜାରି ରଖିଛି ଓ ଇରାନ ପକ୍ଷରୁ ପାଲଟା ଜବାବ ଦିଆଯାଇଛି। ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ବ୍ୟାପକ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବାରୁ ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଲଗାତାର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଉଭୟ ଦେଶର ଅନେକ ସହର ଧ୍ୱଂସ ହୋଇଛି।

ଏହି ଯୁଦ୍ଧ ପରିସ୍ଥିତିକୁ ନେଇ ପ୍ରମୁଖ ରାଷ୍ଟ୍ରଗୁଡ଼ିକ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଉଭୟ ଦେଶକୁ ତୁରନ୍ତ ଶତ୍ରୁତା ବନ୍ଦ କରିବା ଏବଂ ସଂଘର୍ଷକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଆହ୍ୱାନ ଜଣାଇଛନ୍ତି। ଯୁଦ୍ଧ ଜାରି ରହିଲେ କେବଳ ପଶ୍ଚିମ ଏସିଆ ନୁହେଁ, ସମଗ୍ର ବିଶ୍ୱର ଶାନ୍ତି ଓ ଅର୍ଥନୀତି ଉପରେ ଏହାର ଗୁରୁତର ପ୍ରଭାବ ପଡିବ ବୋଲି ସେ କହିଛନ୍ତି। ଜାତିସଂଘ ସମେତ ଅନେକ ଆନ୍ତର୍ଜାତିକ ସଂଗଠନ ମଧ୍ୟ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଜଣାଇଛନ୍ତି।



### ଯୁଦ୍ଧବିରତି ପାଇଁ ପୁଟିନଙ୍କ ଆହ୍ୱାନ

# ବିଳମ୍ବ ହେବ ପଞ୍ଚାୟତ ନିର୍ବାଚନ

### ଜନଗଣନା ନ ସରିବା ଯାଏ ହେବନି ନିର୍ବାଚନ ■ ମିଳିନାହିଁ ବାଲାଟ ପେପର କାଗଜ କିଣା ଅନୁମତି





■ ଭୁବନେଶ୍ୱର, ୧୦।୭ (ସମିସ): ଆଉ ୬ ମାସ ପରେ ଶେଷ ହେବ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବ। ଏହାର ଅବ୍ୟବହିତ ପରେ ପୌରାଞ୍ଚଳ ଓ ମହାନଗର ନିଗମର ନିର୍ବାଚିତ ପ୍ରତିନିଧିମାନଙ୍କ ଅବଧି ସରିବ। ମାତ୍ର ଧାର୍ଯ୍ୟ ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବନାହିଁ। ଯେଉଁ ଢାଞ୍ଚା ଓ ଢଙ୍ଗରେ ନିର୍ବାଚନୀ ପ୍ରସ୍ତୁତି ଚାଲିଛି, ତାହା ଆସନ୍ତା ବର୍ଷ ଜୁନ୍ ପୂର୍ବରୁ ଶେଷ ହେବାର ସମ୍ଭାବନା ନାହିଁ। ଏହା ୨୦୨୭ ପରିବର୍ତ୍ତେ ପ୍ରାୟ ଏକ ବର୍ଷ ବିଳମ୍ବରେ ନିର୍ବାଚନ କରିବା ପାଇଁ ଯୋଜନାର ଅଂଶ ବିଶେଷ ବୋଲି ମଧ୍ୟ ବିରୋଧୀ ଆଶଙ୍କା କରିଛନ୍ତି। ଏପରିକି ବର୍ଷାଧିକ କାଳ ଧରି ଖାଲି ପଡ଼ିଥିବା ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ପଦ ପାଇଁ ନିର୍ବାଚନ ହୋଇ ପାରିନାହିଁ। ଏଥିପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାକୁ ରଦ୍ଦ କରାଯାଇଛି। ତେଣୁ ଆସନ୍ତା ବର୍ଷ ପୌର ଓ ପଞ୍ଚାୟତ ନିର୍ବାଚନକୁ ନେଇ ଲୋକଙ୍କ ମନରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ କହିଛନ୍ତି, ଜନଗଣନା କ୍ରମରେ ଘର ତାଲିକା ପ୍ରସ୍ତୁତ ସରିଛି। ଆସନ୍ତା ଫେବୃଆରୀରୁ ମାର୍ଚ୍ଚ ପ୍ରଥମ ସପ୍ତାହ ଯାଏଁ ଜନଗଣନା ହେବ ଓ ଏହା ପରେ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟ ପାଇଁ ନିର୍ବାଚନ ଆୟୋଗଙ୍କ ପାଖରେ ଯଥେଷ୍ଟ ଲୋକ ନ ଥିବାରୁ ଜନଗଣନା କାମ ସରିବା ପରେ ନିର୍ବାଚନ କାମ ଆରମ୍ଭ ହେବ। ନିର୍ବାଚନ ଆୟୋଗଙ୍କ ଏହି ସୂଚନାକୁ ବିଶ୍ୱାସ କରାଗଲେ, ପଞ୍ଚାୟତ ଓ ପୌର ନିର୍ବାଚନ ଅନ୍ୟୂନ ଦୁଇ ତିନିମାସ ବିଳମ୍ବ ହେବାର ସମ୍ଭାବନା ରହିଛି। ଅର୍ଥାତ ପଞ୍ଚାୟତ ନିର୍ବାଚନ ୨୦୨୭ ମଇ ବା ଜୁନ୍ ମାସରେ ହୋଇପାରେ ଆଶା କରାଯିବା କଥା।ପଞ୍ଚାୟତ ନିର୍ବାଚନ ବିଳମ୍ବିତ ହେଲେ, ସ୍ୱାଭାବିକ ପୌର ନିର୍ବାଚନ ବି ବିଳମ୍ବିତ ହେବ ମାତ୍ର ମେ ଓ ଜୁନ୍ ମାସର ପ୍ରଚଣ୍ଡ ଖରା ଓ ଏହା ପରବର୍ତ୍ତୀ ସମୟରେ ମୌସୁମୀ ଋତୁରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବ କି ନାହିଁ ତାହା ବି ସନ୍ଦେହରେ।

ପୂର୍ବରୁ ପଞ୍ଚାୟତ ନିର୍ବାଚନ ଆୟୋଜନକୁ ନେଇ ବିଜେପି ରାଜ୍ୟ ସଭାପତି ଆଗୁଆ ପଞ୍ଚାୟତ ନିର୍ବାଚନ ନେଇ ମତ ଦେଇଥିବା ବେଳେ ରାଜ୍ୟ ନିର୍ବାଚନ ଆୟୋଗ ଓ ପଞ୍ଚାୟତିରାଜ ମନ୍ତ୍ରୀ ମଧ୍ୟ ସଠିକ୍ ସମୟରେ ପଞ୍ଚାୟତ ନିର୍ବାଚନ ହେବ ବୋଲି କହିଥିଲେ। ମାତ୍ର ଯେଉଁ ଗତିରେ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଚାଲିଛି, ସେଥିରୁ ଧାର୍ଯ୍ୟ ସମୟରେ ନିର୍ବାଚନ ହେବା ସମ୍ଭାବନା ନାହିଁ ବୋଲି ଜଳଜଳ ଦିଶୁଛି। ବାଲାଟ ପେପର ଛପା ପାଇଁ ଆବଶ୍ୟକ ୱାଟରମାର୍କ କାଗଜ କ୍ରୟ ପାଇଁ ପାଣ୍ଠି ବରାଦ ମାଗି ରାଜ୍ୟ ମୁଦ୍ରଣ, ଲେଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ ମାସକ ମଧ୍ୟରେ ଦୁଇଥର ରାଜ୍ୟ ନିର୍ବାଚନ କମିଶନକୁ ଚିଠି ଲେଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସମ୍ମତି ମିଳିନାହିଁ। ଫଳରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ। ମୁଦ୍ରଣ ନିର୍ଦ୍ଦେଶାଳୟ ପ୍ରଥମେ ୧୦ ଜୁନ ୨୦୨୬ରେ ରାଜ୍ୟ ନିର୍ବାଚନ କମିଶନକୁ ଚିଠି ଲେଖି ୱାଟରମାର୍କ କାଗଜ କ୍ରୟ ପାଇଁ ଆବଶ୍ୟକ ପାଣ୍ଠି ବରାଦ ▸ପୃଷ୍ଠା-୭

## ଶୃଙ୍ଖଳିତ ରଥଯାତ୍ରା ଲାଗି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

### ସୁରକ୍ଷା ପାଇଁ ନିୟୋଜିତ ହେବେ ୧୯ ବରିଷ୍ଠ ଆଇପିଏସ୍ ଅଧିକାରୀ



### ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ଗୁରୁତ୍ୱ

### ୮ଟି ଅସ୍ଥାୟୀ ହସ୍ପିଟାଲ; ଲାଗିବ ୪୭୦ ସିସିଟିଭି କ୍ୟାମେରା

■ ଭୁବନେଶ୍ୱର, ୧୦।୭ (ସମିସ): ରଥଯାତ୍ରା ପାଇଁ ଶେଷ ତଥା ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମୁଖ୍ୟମନ୍ତ୍ରୀ, ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଗୁରୁତ୍ୱ ଆରୋପ କରିଛନ୍ତି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପରେ ଆଜି ଆଉଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି

ଏହି ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ସ୍ଥାନାନ୍ତର, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ▸ପୃଷ୍ଠା-୭

## ୨୦୨୯ରେ ହୋଇପାରେ 'ଏକ ଦେଶ, ଏକ ନିର୍ବାଚନ'

### ସୂଚନା ଦେଲେ ଜେପିସି ଅଧ୍ୟକ୍ଷ

■ ପାନାଜି, ୧୦।୭ (ଏଜେନ୍ସି): ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ଆସନ୍ତା ୨୦୨୯ରେ କାର୍ଯ୍ୟକାରୀ ହେବ। ସଂସଦର ଯୁଗ୍ମ କମିଟି (ଜେପିସି) ନିର୍ବାଚନୀ ସଂସ୍କାରକୁ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ କାମ କରୁଛି ବୋଲି ସୂଚନା ଦେଇଛନ୍ତି କମିଟିର ଅଧ୍ୟକ୍ଷ ତଥା ଭାଜପା ସାଂସଦ ପି. ପି. ଚୌଧୁରୀ। ଗୋଆରେ ଆୟୋଜିତ ଦୁଇ ଦିନିଆ ବୈଠକ ଅବସରରେ ସେ କହିଛନ୍ତି ଯେ ଦେଶର ବିଭିନ୍ନ ରାଜ୍ୟରେ କମିଟି ପକ୍ଷରୁ ସାଧାରଣ ନାଗରିକ, ସାମାଜିକ ସଂଗଠନ, ସମ୍ବିଧାନ ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଏପର୍ଯ୍ୟନ୍ତ ଯେଉଁମାନଙ୍କ ସହ ଆଲୋଚନା ହୋଇଛି, ସେମାନଙ୍କ ମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ତେବେ ସମସ୍ତ ରାଜନୈତିକ ଦଳଙ୍କ ପାଇଁ ଗ୍ରହଣୀୟ ହେବା ଭଳି ଏକ ବ୍ୟବହାରିକ ବ୍ୟବସ୍ଥା ପ୍ରସ୍ତୁତ କରିବା କମିଟିର ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଗୋଆ ଗସ୍ତ ସମୟରେ କମିଟି ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଏକକାଳୀନ ନିର୍ବାଚନ ଲାଗୁ କରିବା ବେଳେ କେଉଁ ସମ୍ବିଧାନିକ, ▸ପୃଷ୍ଠା-୭



### ରାମମନ୍ଦିର ଦାନ ଅର୍ଥ ପରିମାଣ ହ୍ରାସ

## କମିଛି ୫୦୦ ଟଙ୍କିଆ, ବଢ଼ିଛି ୧୦ ଟଙ୍କିଆ।

### ଗଣତି କାର୍ଯ୍ୟରୁ ୨୩ କର୍ମଚାରୀଙ୍କ ଇସ୍ତଫା

■ ଅଯୋଧ୍ୟା, ୧୦।୭ (ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରର ଦାନ ପାଣ୍ଠି ଚୋରି ମାମଲାକୁ ନେଇ ବିବାଦ ଥମି ନ ଥିବା ବେଳେ ଶୁକ୍ରବାର ଦାନ ଅର୍ଥ ଗଣନା କାର୍ଯ୍ୟରେ ନିୟୋଜିତ ୨୩ ଜଣ କର୍ମଚାରୀ ସାମୂହିକ ଇସ୍ତଫା ଦେଇଛନ୍ତି। ସୂଚନା ଅନୁସାରେ ମନ୍ଦିରରେ ଦାନ ପାଣ୍ଠି ଚୋରି ଘଟଣା ସାମ୍ନାକୁ ଆସିବା ପରେ ଦାନ ଅର୍ଥ ଗଣନା ପ୍ରକ୍ରିୟାକୁ ଅଧିକ କଡ଼ା ଓ ସମୟସାପେକ୍ଷ କରାଯାଇଛି। ଭକ୍ତମାନେ ବର୍ତ୍ତମାନ ଅଧିକ ପରିମାଣରେ ୧୦ ଓ ୨୦ ଟଙ୍କିଆ ନୋଟ୍ ଦାନ କରୁଥିବାରୁ ଟଙ୍କା ଗଣନାରେ ବହୁତ ସମୟ ଲାଗୁଛି। ପୂର୍ବରୁ ୫୦୦ ଟଙ୍କିଆ ନୋଟର ୭୦ରୁ ୮୦ଟି ବଣ୍ଡିଲ୍ ପ୍ରସ୍ତୁତ ହେଉଥିବାବେଳେ ବର୍ତ୍ତମାନ ୫୦୦ ଟଙ୍କିଆ ନୋଟର ମାତ୍ର ୧୫ଟି ବଣ୍ଡିଲ୍ ହିଁ ପ୍ରସ୍ତୁତ ହେଉଛି। ସେହିପରି ୧୦ ଓ ୨୦ ଟଙ୍କିଆ ନୋଟ ବଣ୍ଡିଲ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଦୁଇଟି ସିଫ୍ଟରେ କାମ ହେଉଥିଲା ଓ ପ୍ରତ୍ୟେକ କର୍ମଚାରୀ ଦୈନିକ ୬ ଘଣ୍ଟା ଲେଖାଏଁ କାମ କରୁଥିଲେ। ମାତ୍ର ବର୍ତ୍ତମାନ ସକାଳ ୯ଟାରୁ ସନ୍ଧ୍ୟା ୬ଟା ▸ପୃଷ୍ଠା-୭

### ଶବବାହକ ଗାଡ଼ି ପାଇଁ ଅର୍ଥ ନାହିଁ

## ବାଇକ୍‌ରେ ବୁହାହେଲା ଶବ

■ ଉମରକୋଟ, ୧୦।୭ (ସମିସ): ଶବବାହକ ଗାଡ଼ି ଭଡ଼ାରେ ନେବାକୁ ଅର୍ଥ ନାହିଁ। ବାଇକ୍‌ରେ ଶବକୁ ଗାଁକୁ ନେଲେ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଞ୍ଚଳରେ। ବ୍ଲକର ମୂର୍ତ୍ତୁମା ପଞ୍ଚାୟତ ଆମ୍ବାଗୁଡା ଗ୍ରାମର ଅନିତ୍ରା ଲହରା (୧୩) ରୋଗରେ ପୀଡ଼ିତ ହୋଇ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ଭଲ ନ ହେବାରୁ ପରିବାର ଲୋକେ ତାଙ୍କୁ ଉମରକୋଟ ବ୍ଲକ ସାନ ଭରଣ୍ଡି ଗ୍ରାମରେ ଥିବା ନିଜ ସମ୍ପର୍କୀୟ ଘରକୁ ନେଇଥିଲେ। ▸ପୃଷ୍ଠା-୭



### ଭେଣ୍ଟିଲେଟରରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

# ନିଶ୍ୱାସ ନେଇପାରୁନି ନର୍ସିଂ ଶିକ୍ଷା

### ୬ ବର୍ଷରେ ବି ସରୁନି ୪ ବର୍ଷିଆ ନର୍ସିଂ ପାଠ୍ୟକ୍ରମ

### ନିଯୁକ୍ତି, ଇଣ୍ଟର୍ଣ୍ଣଶିପ୍, ପ୍ଲେସ୍‌ମେଣ୍ଟରୁ ଶିକ୍ଷାର୍ଥୀ ବଞ୍ଚିତ

### ଆନ୍ଦୋଳନ କଲେ ମିଳୁଛି ପରୀକ୍ଷାରେ ଫେଲ ଧମକ

■ ଭୁବନେଶ୍ୱର, ୧୦।୭ (ସମିସ): ୬ ବର୍ଷ ବିତିଲାଣି, ମାତ୍ର ସରୁନାହିଁ ୪ ବର୍ଷିଆ ନର୍ସିଂ ଶିକ୍ଷାର୍ଥୀଙ୍କ ପାଠ୍ୟକ୍ରମ। ୮ଟି ସେମିଷ୍ଟାର ବଦଳରେ ମାତ୍ର ୩-୪ ଟି ପରୀକ୍ଷା ହୋଇଛି। ସରକାରୀ ଶିକ୍ଷାନୁଷ୍ଠାନର ପିଲାଙ୍କ ସହ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଘରୋଇ ଅନୁଷ୍ଠାନରେ ପଢୁଥିବା ପିଲାମାନେ ବି ଭଗବାନଙ୍କ ଭରସାରେ ରହିଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଘରୋଇ କଲେଜର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ମାତ୍ରାଧିକ ବିଳମ୍ବ ହେଉଥିବା ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଥିବାବେଳେ ସାରା ରାଜ୍ୟର ନର୍ସିଂ ଶିକ୍ଷା ବ୍ୟବସ୍ଥା ନିଶ୍ୱାସ ନେବାରେ ବି କଷ୍ଟ ଅନୁଭବ କରୁଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ଅଧୀନରେ ଥିବା ଶିକ୍ଷାନୁଷ୍ଠାନରେ ପ୍ରାୟ ୫୨ ଟି ସେମିଷ୍ଟାର ପରୀକ୍ଷା ହୋଇ ନ ଥିବାବେଳେ ଏବେ ନର୍ସିଂ ଶିକ୍ଷାରେ ଅଚଳାବସ୍ଥା ରାଜ୍ୟରେ ଡ଼ାକ୍ତରୀ ଶିକ୍ଷା ବ୍ୟବସ୍ଥାକୁ ଥିବା ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

୨୦୨୩ରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ପ୍ରତିଷ୍ଠା ହୋଇଥିଲା। ୨୦୨୩-୨୪ ଶିକ୍ଷାବର୍ଷରୁ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ସମସ୍ତ ଡାକ୍ତରୀ ଓ ନର୍ସିଂ ଶିକ୍ଷାନୁଷ୍ଠାନ ପଞ୍ଜୀକୃତ ହେଲା। ଇତି ମଧ୍ୟରେ ବିଏସ୍‌ସି ନର୍ସିଂ ପ୍ରଥମ ବ୍ୟାଚ୍ ପିଲାଙ୍କ ୩ ବର୍ଷ ସରିବା ସହ ଶେଷ ବର୍ଷ ଶିକ୍ଷାଗ୍ରହଣ ଜାରି ରହିଛି। ସେମାନଙ୍କ ୬ଟି ସେମିଷ୍ଟାର ସରିବା ବଦଳରେ ମାତ୍ର ୨ଟି ସେମିଷ୍ଟାର ପରୀକ୍ଷା ସରିଛି। ଅବଶିଷ୍ଟ ୪ଟି ସେମିଷ୍ଟାର ପରୀକ୍ଷା ହୋଇନାହିଁ ଓ କେବେ ହେବ ତାହାର ମଧ୍ୟ ସୂଚନା ନାହିଁ। ଅନୁରୂପ ଭାବେ ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖାଇଥିବା ପିଲାଙ୍କ ମାତ୍ର ଗୋଟିଏ ସେମିଷ୍ଟାର ସରିଥିବାବେଳେ ୩ଟି ବକେୟା ରହିଛି ରହିଛି। କେବଳ ବିଏସ୍‌ସି ନର୍ସିଂ ନୁହେଁ, ପିବି ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମରେ ୨୦୨୩-୨୪ରେ ନାମଲେଖାଇଥିବା ପିଲାଙ୍କ ପାଠପଢ଼ା ୨୦୨୫ ରୁ ସରିଲାଣି। ବର୍ଷେ ହେବ ସେମାନେ ଶିକ୍ଷାନୁଷ୍ଠାନକୁ ପଢ଼ିବାକୁ ମଧ୍ୟ ଆସୁନାହାନ୍ତି। ମାତ୍ର ସେମାନଙ୍କ ଦ୍ୱିତୀୟ ବାର୍ଷିକ ପରୀକ୍ଷା ଏବେଯାଏଁ ହୋଇନାହିଁ। ଅନୁରୂପ ଭାବେ ୨୦୨୪-୨୫ ବ୍ୟାଚ୍ ପିଲାଙ୍କ ପାଠପଢ଼ା ସରିଥିଲେ ମଧ୍ୟ ଗୋଟିଏ ମଧ୍ୟ ପରୀକ୍ଷା ସରିନାହିଁ। ଏମ୍‌ଏସ୍‌ସି ନର୍ସିଂ ପାଠ୍ୟକ୍ରମର ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମ ପାଇଁ ୨୦୨୩-୨୪ରେ ନାମଲେଖାଇଥିବା ପିଲାମାନେ ୨୦୨୫ରୁ ପଢ଼ା ସାରିଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନାହିଁ।

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ିଥିବା ପିଲାମାନେ ପରୀକ୍ଷା ହେଉ ନ ଥିବାରୁ ପ୍ରମାଦ ଗଣୁଛନ୍ତି। ପାଠପଢ଼ା ଅବଧି ସରିଥିଲେ ମଧ୍ୟ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ହୋଇପାରୁ ନାହାନ୍ତି। ▸ପୃଷ୍ଠା-୭




# ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁରକ୍ଷା ଭେଦ; ପ୍ରତିବାଦକାରୀଙ୍କ ହଙ୍ଗାମା



ମେଲବୋର୍ଣ୍ଣ, ୧୦।୭ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ମେଲବୋର୍ଣ୍ଣରେ ପ୍ରଧାନମନ୍ତ୍ରୀ ରହୁଥିବା ହୋଟେଲରେ ଜଣେ ଉଗ୍ର-ଦକ୍ଷିଣପନ୍ଥୀ ତଥା ପ୍ରବାସୀ ବିରୋଧୀ ପ୍ରତିବାଦକାରୀ ପୁଲିସ ବଳୟ ଭେଦ କରି ପଶିଆସିବା ସହ ଅଶାଳୀନ ନାରାବାଜି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆରେ ପହଞ୍ଚିବାର ମାତ୍ର କିଛି ଘଣ୍ଟା ପରେ ଏହି ଘଟଣା ଘଟିଥିଲା। ପ୍ରଧାନମନ୍ତ୍ରୀ ହୋଟେଲ ଲବିରେ ରେଡ୍ କାର୍ପେଟରେ ଯାଉଥିବା ସମୟରେ, ଉପର ମହଲାରୁ ହ୍ୟୁଗୋ ଲେନନ ନାମକ ଜଣେ ବ୍ୟକ୍ତି ମୋଦୀଙ୍କ ବିରୋଧରେ ଅଶାଳୀନ ଭାଷା ପ୍ରୟୋଗ କରିବା ସହ 'ଏହା ଅଷ୍ଟ୍ରେଲିଆ, ଆମକୁ ଆଉ ଭାରତୀୟ ଦରକାର ନାହିଁ' ବୋଲି ଚିତ୍କାର କରିଥିଲେ। ଭିକ୍ଟୋରିଆ ପୁଲିସ ତୁରନ୍ତ ୨୨ ବର୍ଷୀୟ ଏହି ପ୍ରତିବାଦକାରୀଙ୍କୁ କାବୁ କରି ସେଠାରୁ ବାହାର କରିଦେଇଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ, ହ୍ୟୁଗୋ ଲେନନ ଜଣେ 'ନିଓ-ନାଜି' (ହିଟଲର ସପକ୍ଷବାଦୀ) ସହଯୋଗୀ ଏବଂ ସେ ପୂର୍ବରୁ ମଧ୍ୟ ଅନେକ ପ୍ରବାସୀ ବିରୋଧୀ ଆନ୍ଦୋଳନ ସହ ଜଡିତ ଥିଲେ। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମ୍ପର୍କିତ ସୂଚନା ପୂର୍ବରୁ ପ୍ରସାରିତ ହୋଇଥିବାରୁ ସେ ହୋଟେଲରେ ପହଞ୍ଚିବାରେ ସଫଳ ହୋଇଥିବା ସନ୍ଦେହ କରାଯାଉଛି। ଏହାସହ ପରଦିନ ମେଲବୋର୍ଣ୍ଣର ମାର୍ଭେଲ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ମଧ୍ୟ ଲେନନ ଏବଂ ତାଙ୍କ ସହଯୋଗୀମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲେ। ସେମାନେ 'ଭାରତୀୟ ଆକ୍ରମଣ ବନ୍ଦ କର' ଏବଂ 'ମୋଦୀ ଫେରିଯାଅ' ଭଳି ସ୍ଲୋଗାନ ଲେଖାଥିବା ପୋଷ୍ଟର ଧରି ପ୍ରାୟ୨ ଘଣ୍ଟା ଧରି ବିକ୍ଷୋଭ କରିଥିଲେ। ତେବେ ଷ୍ଟାଡିୟମ ଭିତରେ ଥିବା ଭାରତୀୟ ସମର୍ଥକଙ୍କ ଉତ୍ସାହ ଏବଂ ବାଦ୍ୟଯନ୍ତ୍ରର ଉଚ୍ଚ ସ୍ୱରରେ ପ୍ରତିବାଦକାରୀଙ୍କ ସ୍ୱର ଦବି ଯାଇଥିଲା। ଶେଷରେ ସେମାନେ ସେଠାରୁ ଚାଲିଯିବାକୁ ବାଧ ହୋଇଥିଲେ।

ଇସ୍ରାଏଲର ବଡ଼ ନିଷ୍ପତ୍ତି

# ଭାରତରେ ପ୍ରସ୍ତୁତ ହେବ ଆଇରନ୍ ଡୋମ୍ ମିସାଇଲ୍



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଭାରତ ଏବଂ ଇସ୍ରାଏଲର ପ୍ରତିରକ୍ଷା ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଇସ୍ରାଏଲର ପ୍ରତିରକ୍ଷା କମ୍ପାନୀ 'ରାଫେଲ୍ ଆଡଭାନ୍ସଡ୍ ପ୍ରତିରକ୍ଷା ପ୍ରଣାଳୀ' ତା'ର ସବୁଠାରୁ ଆଧୁନିକ ଏୟାର ଡିଫେନ୍ସ ସିଷ୍ଟମ 'ଆଇରନ୍ ଡୋମ୍' ପାଇଁ ବ୍ୟବହୃତ ହେଉଥିବା 'ତାମିର' ଇଣ୍ଟରସେପ୍ଟର ମିସାଇଲ୍‌ଗୁଡ଼ିକୁ ଭାରତରେ ମିଳିତ ଭାବେ ନିର୍ମାଣ କରିବା ପାଇଁ ଯୋଜନା କରୁଛି। ଏଥିପାଇଁ କମ୍ପାନୀ କେତେକ ପ୍ରମୁଖ ଭାରତୀୟ ପ୍ରତିରକ୍ଷା ସଂସ୍ଥା ସହିତ ଆଲୋଚନା ଚଳାଇଛି। ବିଶ୍ୱବ୍ୟାପୀ ଚାଲିଥିବା ବିଭିନ୍ନ ଯୁଦ୍ଧ ଓ ସଂଘର୍ଷ କାରଣରୁ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀର ଚାହିଦା ବହୁତ ବଢ଼ିଯାଇଛି। ଭାରତରେ ଏହାର ଉତ୍ପାଦନ ଲାଇନ୍ ପ୍ରତିଷ୍ଠା ହେବା ଦ୍ୱାରା ରାଫେଲ୍ କମ୍ପାନୀର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ ଏବଂ ଅନ୍ୟ ଦେଶକୁ ମିସାଇଲ୍ ରପ୍ତାନି କରିବା ସହଜ ହେବ। ଏହାସହ ଜରୁରୀକାଳୀନ ପରିସ୍ଥିତିରେ ଇସ୍ରାଏଲ୍‌କୁ ମଧ୍ୟ ଅତିରିକ୍ତ ମିସାଇଲ୍ ସହାୟତା ମିଳିପାରିବ। ଏହି ଚୁକ୍ତି ସଫଳ ହେଲେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆହୁରି ମଜବୁତ ହେବ ଏବଂ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତର ସୁନାମ ବୃଦ୍ଧି ପାଇବ। ଇସ୍ରାଏଲ୍ ଏବଂ ଭାରତର ଏହି ନୂତନ ସାମରିକ ସହଭାଗିତା ଦ୍ୱାରା କେବଳ କୌଶଳଗତ ସମ୍ପର୍କ ସୁଦୃଢ଼ ହେବ ନାହିଁ, ବରଂ ଏହା ଭାରତକୁ ବିଶ୍ୱର ଏକ ପ୍ରମୁଖ ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବାରେ ବଡ଼ ସହାୟକ ହେବ।

## ଚେକ୍ ବାଉନ୍ସ ମାମଲାରେ ରାଜପାଲଙ୍କୁ ଜେଲ୍

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ରାଜପାଲ ଯାଦବଙ୍କ ଅଡୁଆ ପୁଣି ବଢ଼ିଛି। ଏକାଧିକ ଚେକ୍ ବାଉନ୍ସ ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନିମ୍ନ ଅଦାଲତ ଦେଇଥିବା ଦଣ୍ଡାଦେଶକୁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ କାଏମ ରଖିଛନ୍ତି। ଏହି ନିଷ୍ପତ୍ତି ପରେ ରାଜପାଲ ଜେଲ୍ ଯିବା ସ୍ପଷ୍ଟ ହୋଇଛି। ରାଜପାଲ ଯାଦବଙ୍କ ଦ୍ୱାରା ଦାୟର ହୋଇଥିବା ପୁନର୍ବିଚାର ପିଟିସନକୁ ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା ଖାରଜ କରିଦେଇଛନ୍ତି। ଅଭିନେତାଙ୍କ ଆଚରଣକୁ ସନ୍ଦେହଜନକ ବୋଲି କହି କୌଣସି ପ୍ରକାରର ପରୀକ୍ଷାମୂଳକ ମୁକ୍ତି ପ୍ରଦାନ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆଇନ ଅନୁଯାୟୀ, ରାଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତାଙ୍କ ବିରୋଧରେ ମୋଟ ୭ଟି ଚେକ୍ ବାଉନ୍ସ ମାମଲାରେ ୩ ମାସ ଜେଲ୍ ଦଣ୍ଡ ଶୁଣାଯାଇଛି। ଜରିମାନା ଅନାଦେୟ ହେଲେ ରାଜପାଲଙ୍କୁ ଅତିରିକ୍ତ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜପାଲ ପୂର୍ବରୁ କୋର୍ଟରେ ୨.୨୫ କୋଟି ଟଙ୍କା ଜମା କରିସାରିଛନ୍ତି। ହାଇକୋର୍ଟ ରାଜପାଲଙ୍କୁ ଏହି ନିର୍ଦ୍ଦେଶ ବିରୋଧରେ ଆବେଦନ କରିବା ପାଇଁ ୨ ମାସର ସମୟ ପ୍ରଦାନ କରିଛନ୍ତି।

## ଦେଢ଼ ବର୍ଷର ଭଣଜାକୁ ହତ୍ୟା: ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ

ଫିରୋଜାବାଦ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲା ଅଦାଲତ ଜଣେ ବ୍ୟକ୍ତିଙ୍କୁ ନିଜର ଦେଢ଼ ବର୍ଷର ଭଣଜାକୁ ଅତି ନିର୍ମମ ଭାବେ ହତ୍ୟା କରିବା ଅପରାଧରେ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜିତେନ୍ଦ୍ର ପାଠକ ଓରଫ୍ ବିରାଜ ନିଜ ଭାଉଜଙ୍କୁ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ଭାଉଜ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ସେ କ୍ରୋଧିତ ହୋଇ ଶିଶୁପୁତ୍ର ଆରଭକୁ ତଳେ କାଟି ହତ୍ୟା କରିଥିଲେ। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ, ଗତ ମେ ୩୦ରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ବିରାଜ ନିଜ ଭ୍ରାତୃବଧୂଙ୍କୁ ବିବାହ କରିବା ପଥରେ ଏହି ଶିଶୁଟିକୁ ବାଧକ ମଣି ସ୍ପଷ୍ଟ ଦିବାଲୋକରେ ତାକୁ ମାରିଦେଇଥିଲେ। ପୁଲିସ ମାତ୍ର ୬ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ସହ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା। ଜିଲ୍ଲା ଓ ରୋ ଜଜ୍ ମାମଲାର ଗୁରୁତ୍ୱକୁ ଦେଖି ଏହି ଐତିହାସିକ ରାୟ ପ୍ରକାଶ କରିଛନ୍ତି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟାଳୟଙ୍କ ଦ୍ରୁତ ବିଚାର ପ୍ରକ୍ରିୟା ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ନିଷ୍ଠୁର ଅପରାଧୀକୁ ଫାଶୀ ଦଣ୍ଡାଦେଶ ମିଳିପାରିଛି।

## ସରକାରୀ ରେକର୍ଡରୁ ହଟିବ 'ଦଳିତ' ଶବ୍ଦ

ଜୟପୁର, ୧୦।୭ (ଏଜେନ୍ସି): ରାଜସ୍ଥାନ ପୁଲିସ ନିଜର ସମସ୍ତ ସରକାରୀ ସଞ୍ଚାର ଏବଂ କାର୍ଯ୍ୟାଳୟ ରେକର୍ଡରେ 'ଦଳିତ' ଶବ୍ଦର ବ୍ୟବହାର ଉପରେ ରୋକ୍ ଲଗାଇଛି। ଏଣିକି ଏହି ଶବ୍ଦ ବଦଳରେ ସାମ୍ବିଧାନିକ ଭାବେ ସ୍ୱୀକୃତିପ୍ରାପ୍ତ ଶବ୍ଦ 'ତଫସିଲଭୁକ୍ତ ଜାତି' କିମ୍ବା 'ଅନୁସୂଚିତ ଜାତି' ବ୍ୟବହାର କରିବାକୁ ସମସ୍ତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ପୁଲିସ ବିଭାଗର ପ୍ରାଥମିକ ଏତଲା, ଚାର୍ଜସିଟ୍, ଗିରଫ ସ୍ମାରକପତ୍ର ଏବଂ ଅନ୍ୟାନ୍ୟ ସରକାରୀ କାଗଜପତ୍ରରେ 'ଦଳିତ' ଶବ୍ଦ ଲେଖାଯାଇପାରିବ ନାହିଁ କିମ୍ବା କୁହାଯାଇପାରିବ ନାହିଁ। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମିଳିଥିବା ଅଭିଯୋଗ ଆଧାରରେ ଏହି କଡ଼ା ନିୟମ ଲାଗୁ କରାଯାଇଛି। 'ଦଳିତ' ଶବ୍ଦଟି ଏକ ସାମାଜିକ-ରାଜନୈତିକ ପରିଚୟ ଭାବେ ବ୍ୟବହାର ହେଉଥିବାବେଳେ, ଆଇନଗତ ଓ ସରକାରୀ ସ୍ତରରେ କେବଳ 'ତଫସିଲଭୁକ୍ତ ଜାତି' ଶବ୍ଦର ବୈଧତା ରହିଥିବାରୁ ଏହି ପଦକ୍ଷେପ ନିଆଯାଇଛି।

## ସ୍ପେନ ଅଗ୍ନିକାଣ୍ଡରେ ୧୧ ମୃତ

ମାଦ୍ରିଦ, ୧୦।୭ (ଏଜେନ୍ସି): ଦକ୍ଷିଣ ସ୍ପେନର ଆଲମେରିଆରେ ଏକ ଭୟାଭୟ ଅଗ୍ନିକାଣ୍ଡରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ପଶ୍ଚିମ ୟୁରୋପରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି ଦୁର୍ଘଟଣା ସ୍ପେନର ସବୁଠାରୁ ମାରାତ୍ମକ ଅଗ୍ନିକାଣ୍ଡ ମଧ୍ୟରୁ ଏକ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଆଲମେରିଆର ସିଏରା ଡି ଲୋସ ଫିଲାବ୍ରେସ୍ ପର୍ବତମାଳା ନିକଟବର୍ତ୍ତୀ ଏକ ଛୋଟ ଗ୍ରାମରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଅନେକ ମୃତଦେହ ସମ୍ପୂର୍ଣ୍ଣ ରୂପେ ପୋଡ଼ିଯାଇଥିବା ଗାଡ଼ି ଭିତରୁ ଉଦ୍ଧାର କରାଯାଇଛି। ଅଗ୍ନିକାଣ୍ଡ ଯୋଗୁଁ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୧୦୦୦ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ଅନେକ ମୁଖ୍ୟ ରାସ୍ତାକୁ ବନ୍ଦ କରିଦିଆଯାଇଛି।

୧୯୯୬ ଶ୍ରୀନଗର ହିଂସାକାଣ୍ଡ

# ୬ ହୁରିୟାତ ନେତାଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜସିଟ୍



ଶ୍ରୀନଗର, ୧୦।୭ (ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୧୯୯୬ରେ ଶ୍ରୀନଗରରେ ଏକ ଶବଯାତ୍ରା ବେଳେ ହୋଇଥିବା ହିଂସାକାଣ୍ଡ ଏବଂ ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ଘଟଣାରେ ବିଚ୍ଛିନ୍ନତାବାଦୀ ହୁରିୟାତ କନଫରେନ୍ସର ୬ ଜଣ ବରିଷ୍ଠ ନେତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ଯେଉଁ ନେତାମାନଙ୍କ ବିରୋଧରେ ଅଭିଯୋଗ ହୋଇଛି ସେମାନେ ହେଲେ ସବିର ଅହମ୍ମଦ ଶାହା, ସୈୟଦ ଅଲି ଶାହା ଗିଲାନି, ଅବଦୁଲ ଗନି ଲୋନେ, ମହମ୍ମଦ ୟାକୁବ ୱାକିଲ ଓରଫ ମହମ୍ମଦ ୟାକୁବ ଭାକିଲ, ଜାଭିଦ ଅହମ୍ମଦ ମୀର ଏବଂ ଶକିଲ ଅହମ୍ମଦ ବକ୍ସି। ଏମାନଙ୍କ ମଧ୍ୟରୁ ଗିଲାନି, ଲୋନେ ଏବଂ ୱାକିଲଙ୍କର ମାମଲାର ତଦନ୍ତ ଚାଲିଥିବା ସମୟରେ ମୃତ୍ୟୁ ହୋଇଛି। ତଥାପି, ତଦନ୍ତ ସମୟରେ ମିଳିଥିବା ପ୍ରମାଣ ଆଧାରରେ ଚାର୍ଜସିଟରେ ସେମାନଙ୍କର ଅପରାଧିକ ଷଡଯନ୍ତ୍ର ଏବଂ ବେଆଇନ ସମାବେଶରେ ଥିବା ଭୂମିକା ବିଷୟରେ ବିସ୍ତୃତ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୧୭ ଜୁଲାଇ ୧୯୯୬ରେ ଶ୍ରୀନଗରର ନାଜ୍ କ୍ରସିଂଠାରେ ନିହତ ଆତଙ୍କବାଦୀ ହିଲାଲ ଅହମ୍ମଦ ବେଗର ଶବଯାତ୍ରା ବାହାରିଥିଲା। ସେହି ସମୟରେ ଏହି ୬ ଜଣ ନେତା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସେଠାରେ ସେମାନେ ପୁଲିସ କର୍ମଚାରୀଙ୍କ ବିରୋଧରେ ହିଂସା ସୃଷ୍ଟି କରିବାକୁ ଲୋକଙ୍କୁ ଉସୁକାଇଥିଲେ। ସେହି ଶୋଭାଯାତ୍ରାରେ ସଶସ୍ତ୍ର ଆତଙ୍କବାଦୀମାନେ ମିଶି ପୁଲିସ ଉପରେ ଆଖିବୁଜା ଗୁଳି ଚାଳନା କରିଥିଲେ। ଫଳରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହାବ୍ୟତୀତ ପ୍ରବଳ ପଥର ମାଡ଼ ଯୋଗୁଁ ସରକାରୀ ଗାଡ଼ିଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏନ୍‌ଆଇଏ କହିଛି ଯେ ଏହି ନେତାମାନେ ଭାରତ-ବିରୋଧୀ, ପାକିସ୍ତାନ ସମର୍ଥକ ଏବଂ ବିଚ୍ଛିନ୍ନତାବାଦୀ ସ୍ଲୋଗାନ ଦେବା ସହ ସଶସ୍ତ୍ର ସଂଗ୍ରାମ ପାଇଁ ଭାଷଣ ଦେଇଥିଲେ। ଏହି ହିଂସାକାଣ୍ଡ ଏକ ପୂର୍ବ ପ୍ରସ୍ତୁତ ଷଡଯନ୍ତ୍ରର ଅଂଶ ଥିଲା। ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ଥିଲା। କେନ୍ଦ୍ର ସରକାରଙ୍କ ବିରୋଧରେ ଜନସମର୍ଥନ ଏକାଠି କରିବା ଏବଂ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିବା ଯୋଜନା ରହିଥିଲା। ଏବେ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଧାରା ସହିତ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ଅଯୋଧ୍ୟା ରାମ ମନ୍ଦିର ଦାନ ଦୁର୍ନୀତି ମାମଲା

# ଜୁଲାଇ ୧୩ରେ ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ପାଇଁ ସଂଗୃହିତ ଦାନ ଚୋରି ଅଭିଯୋଗର ଏକ ନିରପେକ୍ଷ ତଥା ସମୟୋପଯୁକ୍ତ ତଦନ୍ତ ଦାବିରେ ଦାୟର ହୋଇଥିବା ଏକାଧିକ ଆବେଦନର ଶୁଣାଣି ଆସନ୍ତା ଜୁଲାଇ ୧୩ରେ ସୁପ୍ରିମକୋର୍ଟରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଏହି ପ୍ରସଙ୍ଗରେ ମୋଟ ୩ଟି ପ୍ରମୁଖ ଆବେଦନ ଦାଖଲ କରାଯାଇଛି। ପ୍ରଥମତଃ ଆବେଦନକାରୀ ନରେନ୍ଦ୍ର କୁମାର ଗୋସ୍ୱାମୀ ଏହି ଘଟଣାର ସିବିଆଇ ତଦନ୍ତ ସହ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆର୍ଥିକ କାରବାରର ସିଏଜି ଅଡିଟ୍ ପାଇଁ ଦାବି କରିଛନ୍ତି। ଦ୍ୱିତୀୟରେ ଆରଜେଡି ସାଂସଦ ସୁଧାକର ସିଂ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମସ୍ତ ଆର୍ଥିକ କାରବାରର ଫୋରେନ୍ସିକ ଅଡିଟ୍ ପାଇଁ ଆବେଦନ କରିଛନ୍ତି। ତୃତୀୟରେ ଅଜୟ କୁମାର ରାୟ ଏବଂ ଦିନେଶ କୁମାର ଯାଦବ ନାମକ ଦୁଇଜଣ ଆଇନଜୀବୀ ସିବିଆଇ ନେତୃତ୍ୱରେ ଏକ ବହୁମୁଖୀ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ଅନିୟମିତତାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହେବା ପରେ, ଗତ ଜୁନ୍ ୧୩ରେ ଉତ୍ତରପ୍ରଦେଶ ସରକାର ଏକ ଏସଆଇଟି ଗଠନ କରିଥିଲେ। ଏହି ଦଳରେ ଲକ୍ଷ୍ନୌ ବିଭାଗୀୟ କମିଶନର ବିଜୟ ବିଶ୍ୱାସ ପନ୍ଥ, ଆଇଜି କିରଣ ଏସ୍. ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନୀଲ ରତନ ସାମିଲ ଅଛନ୍ତି। ତେବେ ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ, ଏହି ଘଟଣା ସହିତ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଜଡ଼ିତ ଥିବାରୁ ଏକ ପେସାଦାର ଏବଂ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ମନ୍ଦିରକୁ ମିଳିଥିବା ଦାନ ଚୋରି ମାମଲାରେ ପୂର୍ବରୁ ୮ ଜଣଙ୍କୁ ଗିରଫ କରାଯାଇ ଜୁନ୍ ୨୯ରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଏହାପରେ ଗତ ଜୁଲାଇ ୭ରେ ଅଯୋଧ୍ୟା ଅଦାଲତ ଅନୁକଲ୍ପ ମିଶ୍ର, ଲବକୁଶ ମିଶ୍ର ଏବଂ କରୁଣେଶ ପାଣ୍ଡେଙ୍କ ସମେତ ତିନିଜଣ ଅଭିଯୁକ୍ତଙ୍କୁ ଦିନିକିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି।

# ଶିଶୁ ଯୌନ ନିର୍ଯାତନା ଖବର ଲୁଚାଇବା ଅପରାଧ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଶିଶୁ ଯୌନ ନିର୍ଯାତନା ମାମଲାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ କୌଣସି ଶିଶୁଠାରୁ ଯୌନ ନିର୍ଯାତନା ସମ୍ପର୍କିତ ସିଧାସଳଖ ଅଭିଯୋଗ ପାଇବା ପରେ କୌଣସି ବ୍ୟକ୍ତି ନିଜ ସ୍ତରରେ ବେସରକାରୀ ତଦନ୍ତ କରି ପୁଲିସକୁ ସୂଚନା ନଦେଇ ରହିପାରିବେ ନାହିଁ। ଏହା ସହିତ ସୁପ୍ରିମକୋର୍ଟ ଆସାମର ଗୁଆହାଟୀସ୍ଥିତ ଏକ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅପରାଧିକ ମାମଲା ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ମନୋଜ ମିଶ୍ର ଏବଂ ବିଚାରପତି କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ନିମ୍ନ ଅଦାଲତ ଏବଂ ଗୁଆହାଟୀ ହରାଇକୋର୍ଟଙ୍କ ପୂର୍ବ ଆଦେଶକୁ ରଦ୍ଦ କରିଦେଇଛନ୍ତି, ଯେଉଁଥିରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦୋଷମୁକ୍ତ କରାଯାଇଥିଲା। ପକ୍ସୋ ଆଇନର ଅନୁଯାୟୀ, ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ପୀଡ଼ିତ ଶିଶୁଠାରୁ ମିଳିଥିବା ସିଧାସଳଖ ଓ ବିଶ୍ୱାସଯୋଗ୍ୟ ସୂଚନା ଥାଏ, ତେବେ ତାହାକୁ ଅପରାଧର ଜ୍ଞାନ ବୋଲି ଧରାଯିବ ଏବଂ ଏଥିପାଇଁ ପୁଲିସକୁ ଜଣାଇବା ବାଧ୍ୟତାମୂଳକ ଅଟେ। ଏହି ଘଟଣାଟି ଜଣେ ୮ ବର୍ଷର ଛାତ୍ରୀଙ୍କ ସହ ଜଣେ ବରିଷ୍ଠ ଛାତ୍ରଙ୍କ ଦ୍ୱାରା ହୋଇଥିବା ଯୌନ ନିର୍ଯାତନା ସହିତ ଜଡ଼ିତ। ପୀଡ଼ିତା ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ସେ ପୁଲିସକୁ ନଜଣାଇ ନିଜେ ତଦନ୍ତ କରିଥିଲେ ଏବଂ 'କିଛି ଘଟିନାହିଁ' ବୋଲି କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରିଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପକ୍ସୋ ଆଇନରେ ନିଜ ସ୍ତରରେ ସତ୍ୟାସତ୍ୟ ଜାଣିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଭଳି ବେସରକାରୀ ତଦନ୍ତ ଦ୍ୱାରା ପ୍ରମାଣ ନଷ୍ଟ ହେବାର ଆଶଙ୍କା ଥାଏ, ଯାହା ଆଇନର ମୂଳ ଉଦ୍ଦେଶ୍ୟକୁ ବ୍ୟାହତ କରେ। ସୁପ୍ରିମକୋର୍ଟ କେବଳ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲାକୁ କାୟମ ରଖିଛନ୍ତି, କାରଣ ସେ ପୀଡ଼ିତାଙ୍କଠାରୁ ସିଧାସଳଖ ଅଭିଯୋଗ ପାଇଥିଲେ।

ଶୀର୍ଷ ନେତୃତ୍ୱରେ ଶୂନ୍ୟତା

## ଇରାନର ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ତେହରାନ, ୧୦।୭ (ଏଜେନ୍ସି): ଇରାନର ଶୀର୍ଷ ଶାସନ ବ୍ୟବସ୍ଥାରେ ଏକ ବଡ଼ ଧରଣର ଶୂନ୍ୟତା ପ୍ରକାଶ ପାଇଛି। ଦେଶର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇ ଦୀର୍ଘ ସମୟ ଧରି ଅନୁପସ୍ଥିତ ରହିବା ଯୋଗୁଁ ଶାସନ ଗଦିରେ ସଙ୍କଟ ଦେଖାଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଆଭ୍ୟନ୍ତରୀଣ ଅଶାନ୍ତି ଚଳିତ ସପ୍ତାହରେ ସାର୍ବଜନୀନ ଭାବେ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କୁ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେମାନଙ୍କୁ ଉପହାସ କରାଯିବା ସହ ହଇରାଣ ହରକତ କରାଯାଇଥିବା ଦେଖିବାକୁ ମିଳିଛି। ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତି ଏବଂ ଶୀର୍ଷ ନେତାଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ଇରାନ ଶାସନ କଳ ମଧ୍ୟରେ ଥିବା ବିବାଦ ଓ ବିଶୃଙ୍ଖଳାକୁ ସ୍ପଷ୍ଟ କରୁଛି। ଏହି ପରିସ୍ଥିତି ଆଗାମୀ ଦିନରେ ଇରାନର ରାଜନୀତିକୁ କେଉଁ ମୋଡ଼ ଦେବ, ସେ ନେଇ ଅନ୍ତର୍ଜାତୀୟ ସ୍ତରରେ ନଜର ରଖାଯାଇଛି।

## କେରଳରେ ସର୍ବନିମ୍ନ ସ୍ତରକୁ ଖସିଲା ଜନ୍ମ ହାର

ତିରୁଅନନ୍ତପୁରମ୍, ୧୦।୭ (ଏଜେନ୍ସି): କେରଳର ସାଧାରଣ ଜନ୍ମ ହାର ଇତିହାସରେ ପ୍ରଥମ ଥର ପାଇଁ ଏକକ ଅଙ୍କକୁ ଖସି ଆସିଛି, ଯାହା ରାଜ୍ୟରେ ଏକ ଆସନ୍ନ ଜନସଂଖ୍ୟା ସଙ୍କଟ ଆଡ଼କୁ ସଙ୍କେତ କରୁଛି। ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୪ ମସିହାର ସାଂଖ୍ୟିକ ରିପୋର୍ଟରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଜନ୍ମ ହାର ୧୧.୦୬ ଥିବାବେଳେ ୨୦୨୪ରେ ଏହା ୯.୬୪କୁ ହ୍ରାସ ପାଇଛି। ସେହିପରି ପଞ୍ଜିକୃତ ଜୀବିତ ଜନ୍ମ ସଂଖ୍ୟା ପ୍ରାୟ ୩ ଲକ୍ଷ ୯୩ ହଜାରରୁ ୩ ଲକ୍ଷ ୪୪ ହଜାରକୁ କମିଯାଇଛି। କରୋନା ମହାମାରୀ ପରବର୍ତ୍ତୀ ବର୍ଷ ଅର୍ଥାତ ୨୦୨୨ରେ ଏଥିରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ବର୍ଷରେ ଏହା ଦ୍ରୁତ ଗତିରେ ହ୍ରାସ ପାଇଛି। ଆଞ୍ଚଳିକ ସ୍ତରରେ ଆଲାପୁଝା ଜିଲ୍ଲାରେ ସବୁଠାରୁ କମ୍ ଜନ୍ମ ହାର ରେକର୍ଡ କରାଯାଇଥିବା ବେଳେ ଉତ୍ତର କେରଳର ମାଲାପୁରମରେ ଏହା ସବୁଠାରୁ ଅଧିକ ରହିଛି।

## ଲରେନ୍ସ ଗ୍ୟାଙ୍ଗ୍ ନାମରେ ଆମେରିକାର ଚାର୍ଜସିଟ୍

ୱାସିଂଟନ, ୧୦।୭ (ଏଜେନ୍ସି): ଭାରତୀୟ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ତା'ର ସହଯୋଗୀମାନଙ୍କ ବିରୋଧରେ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ ଏକ ବଡ଼ ଚାର୍ଜସିଟ୍ ଦାଖଲ କରାଯାଇଛି। ଆମେରିକାର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ୨୦୧୫ ମସିହାରୁ ଭାରତୀୟ ଜେଲ୍‌ରେ ଥାଇ ମଧ୍ୟ ବିଷ୍ଣୋଇ ବେଆଇନ ମୋବାଇଲ୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସାରା ବିଶ୍ୱରେ ନିଜର ଅପରାଧିକ ସାମ୍ରାଜ୍ୟ ଚଳାଉଥିଲା। ଏହି ଗ୍ୟାଙ୍ଗଷ୍ଟର ବିରୋଧରେ ହତ୍ୟା, ଜବରଦସ୍ତ ଚାନ୍ଦା ଆଦାୟ, ସ୍ମଗଲିଂ ଏବଂ ମାଦକ ଦ୍ରବ୍ୟ କାରବାର ଭଳି ଅନେକ ସଂଗୀନ ଅଭିଯୋଗ ଆଣିଛି ଆମେରିକା। ଚାର୍ଜସିଟ୍ ଅନୁଯାୟୀ, କାନାଡାରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜରର ହତ୍ୟା ପଛରେ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର୍‌ର ହାତ ରହିଛି। ଏହା ବ୍ୟତୀତ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ମଧ୍ୟ ଏହି ଗ୍ୟାଙ୍ଗ୍ ନିଜେ ଦାୟିତ୍ୱ ନେଇଥିଲା। ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ବାରମ୍ବାର ଧମକ ଦେବା ଏବଂ ଗାୟକ ଗିପ୍ପି ଗ୍ରେୱାଲଙ୍କ ଘର ଉପରକୁ ଗୁଳିମାଡ଼ କରିବା ଭଳି ଘଟଣାକୁ ନେଇ ଆମେରିକା ପୁଲିସ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ 'ଆନ୍ତର୍ଜାତୀୟ ଅପରାଧିକ ସଂଗଠନ' ଭାବେ ଘୋଷଣା କରିଛି।

## ଆମେରିକାରେ ସଡ଼କ ଦୁର୍ଘଟଣା: ଭାରତୀୟ ଛାତ୍ରୀ ମୃତ

ନ୍ୟୁୟର୍କ, ୧୦।୭ (ଏଜେନ୍ସି): ଆମେରିକାର ନ୍ୟୁୟର୍କରେ ସଡ଼କ ଦୁର୍ଘଟଣାରେ ପ୍ରସନ୍ନା ଆଟଲୁରୀ ନାମକ ଜଣେ ୨୫ ବର୍ଷୀୟା ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ପ୍ରସନ୍ନା ନିକଟରେ ପେସ୍ ୟୁନିଭର୍ସିଟିରୁ ପାଠପଢ଼ା ଶେଷ କରି ଚାକିରି ଖୋଜୁଥିଲେ। ଗତ ଜୁଲାଇ ୫ରେ ସେ ନିଜ ସାଙ୍ଗମାନଙ୍କ ସହ କାର୍‌ରେ ମନ୍ଦିର ଯାଉଥିବା ବେଳେ ଏକ ଟ୍ରାଫିକ୍ ସିଗନାଲ୍‌ରେ ଅଟକିଥିଲେ। ଏହି ସମୟରେ ପଛପଟୁ ଏକ ଦ୍ରୁତଗାମୀ ଗାଡ଼ି ସେମାନଙ୍କ କାର୍‌କୁ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ପ୍ରସନ୍ନାଙ୍କ ସହ ଅନ୍ୟ ଜଣେ ମହିଳାଙ୍କର ମଧ୍ୟ ମୃତ୍ୟୁ ହୋଇଛି ଏବଂ ଆଉ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରସନ୍ନା ଆନ୍ଧ୍ରପ୍ରଦେଶର ଏନଟିଆର ଜିଲ୍ଲା ଇବ୍ରାହିମପଟନମ ମଣ୍ଡଳର ଏକ ସାଧାରଣ ଚାଷୀ ପରିବାରର ଝିଅ ଥିଲେ। ଏହି ଦୁଃଖଦ ଖବର ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି।

ସୁପ୍ରିମକୋର୍ଟରେ ଆବେଦନକାରୀଙ୍କ ତୁମୁଳକାଣ୍ଡ

# ବିଚାରପତିଙ୍କ ଉପରକୁ କାଗଜ ଫୋପାଡ଼ି ଗାଳିଗୁଲଜ



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ସୁପ୍ରିମକୋର୍ଟରେ ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ମାମଲାର ଶୁଣାଣି ବେଳେ ଆବେଦନକାରୀ ଜଣକ ବିଚାରପତିଙ୍କ ଉପରକୁ ଦଲିଲ ଫିଙ୍ଗିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଘଟଣା ଅନୁଯାୟୀ, ଜଷ୍ଟିସ କେ.ଭି. ବିଶ୍ୱନାଥନ୍ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠରେ ଆଲାହାବାଦ ହାଇକୋର୍ଟଙ୍କ ଏକ ନିଷ୍ପତ୍ତି ବିରୋଧରେ ଦାୟର ହୋଇଥିବା ଆବେଦନର ଶୁଣାଣି ହେଉଥିଲା। ଏହି ସମୟରେ କୋର୍ଟରେ ଆବେଦନକାରୀ ଜଣକ ଅତ୍ୟନ୍ତ ଅସଭ୍ୟ ଭାବେ ନିଜର ପକ୍ଷ ରଖିଥିଲେ। ସେ ବିଚାରପତିଙ୍କୁ, 'ହେ ନ୍ୟାୟିକ ସେବକ, ମୁଁ ତୁମକୁ ଆଦେଶ ଦେଉଛି ଯେ ଲକ୍ଷ୍ନୌର ଏସିପିଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଅ' ବୋଲି କହିଥିଲେ। ଏଭଳି ଆଚରଣରେ ଆଶ୍ଚର୍ଯ୍ୟ ପ୍ରକଟ କରି ଜଷ୍ଟିସ ବିଶ୍ୱନାଥନ୍ ପ୍ରଶ୍ନ କରିଥିଲେ, 'ଆପଣ କଣ ଆମକୁ ଆଦେଶ ଦେଉଛନ୍ତି' ଏହାପରେ ପରିସ୍ଥିତି ଅଧିକ ଜଟିଳ ହୋଇଥିଲା। ଆବେଦନକାରୀ ଜଣକ ନିଜ ହାତରେ ଥିବା କେସ୍ ସମ୍ବନ୍ଧୀୟ କାଗଜପତ୍ରଗୁଡ଼ିକୁ ଶୂନ୍ୟରେ ଫିଙ୍ଗିବା ସହ ମୁଖ୍ୟ ବିଚାରପତିଙ୍କ ବିରୋଧରେ ଅତ୍ୟନ୍ତ ଅପଶବ୍ଦ ବ୍ୟବହାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ସେହି ସମୟରେ ଖଣ୍ଡପୀଠରେ ଉପସ୍ଥିତ ନଥିଲେ। କିନ୍ତୁ ଏହି ହଟ୍ଟଗୋଳ ପରେ ସୁରକ୍ଷାକର୍ମୀମାନେ ତୁରନ୍ତ ଆବେଦନକାରୀଙ୍କୁ କୋର୍ଟରୁମରୁ ବାହାର କରିଦେଇଥିଲେ। ସମ୍ପୃକ୍ତ ଆବେଦନକାରୀଙ୍କ ପରିଚୟ ଏବଂ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

# ଡିସେମ୍ବରରେ ବାଂଲାଦେଶ କୋର୍ଟରେ ଆତ୍ମସମର୍ପଣ କରିବେ ଶେଖ ହସିନା



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଶୁକ୍ରବାର ସ୍ୱଦେଶ ଫେରିବାକୁ ଘୋଷଣା କରିଛନ୍ତି। ସେ ଏବଂ ତାଙ୍କ ଦଳ 'ଆୱାମୀ ଲିଗ୍'ର ବରିଷ୍ଠ ନେତାମାନେ ଆସନ୍ତା ଡିସେମ୍ବର ମାସରେ ସ୍ୱଦେଶ ଫେରିବେ ଏବଂ ସେଠାକାର କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ସୂଚନା ମିଳିଛି। ନିଜ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସେ ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ୨୦୨୪ ଅଗଷ୍ଟ ୫ରେ ଏକ ବ୍ୟାପକ ଛାତ୍ର ଆନ୍ଦୋଳନ ପରେ ଶେଖ ହସିନା ବାଂଲାଦେଶ ଛାଡ଼ି ଭାରତରେ ଶରଣ ନେଇଥିଲେ। ସେବେଠାରୁ ସେ ଭାରତରେ ନିର୍ବାସିତ ଜୀବନ ବିତାଉଛନ୍ତି। ଗତ ନଭେମ୍ବର ୨୦୨୫ରେ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ଏକ ସାକ୍ଷାତକାରରେ ୭୮ ବର୍ଷୀୟା ଏହି ନେତ୍ରୀ କହିଛନ୍ତି ଯେ ଗିରଫ କିମ୍ବା ତାଙ୍କ ହତ୍ୟାର ପ୍ରବଳ ସମ୍ଭାବନା ଥିଲେ ମଧ୍ୟ ତାଙ୍କୁ ସ୍ୱଦେଶ ଫେରିବାକୁ ହେବ।

Excellence is a habit @ VIKASH / Admission Open for 2026-27 Courses Offered: PG, UG & DIPLOMA
The Legacy of GOLD Continues ...
UNIV. RANK 1 (BCA) Aradhana Pradhan 9.62 CGPA
UNIV. RANK 1 B.A. PSY. (H.) Sanskruti Hota 9.42 CGPA
UNIV. RANK 1 (BBA) N. Jhansi Rani 8.97 CGPA
BCA Final Sambalpur University Results 2026
1st Rank 9.62 CGPA ARADHANA PRADHAN | 2nd Rank 9.48 CGPA ADYASHA RANA | 5th Rank 9.10 CGPA TANMAYA MAHARANA | 8th Rank 8.87 CGPA K SAI MANISHA | 9th Rank 8.84 CGPA KHUSI KUMARI
BBA Final Sambalpur University Results 2026
1st Rank 8.97 CGPA N. JHANSI RANI | 4th Rank 8.76 CGPA ANISHA GUPTA | 5th Rank 8.59 CGPA SIMRAN GUPTA | 7th Rank 8.23 CGPA PALLAVI SHARMA | 7th Rank 8.23 CGPA ROHIT SHARMA | 8th Rank 8.17 CGPA SHRUTI AGRAWAL | 10th Rank 8.12 CGPA PRACHI PANDA
+3 Final Sambalpur University Results 2026
M.Com (2024-26) Univ. Rank 6 8.64 CGPA Priyaranjan Bhoi
MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm
Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com
94393 49333 / 82800 08111 / 92372 70045 / 94380 85817

## ଅଣସରରେ ଗୁପ୍ତ ସେବା

# ଚକାକୁ ବିଜେ ହେଲେ ଦାରୁଦିଅଁ

ପୁରୀ,୧୦।୭(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ଶନିବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବା ବେଳେ ଶୁକ୍ରବାର ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ବିରୋଧୀ ଦଳ ନେତାଙ୍କ ଡିପ୍‌ଫେକ୍ ଭିଡିଓ

# ‘ସୋସିଆଲ ଟକ୍’ ନାଁରେ ବିଜେଡିର ଏତଲା



ଭୁବନେଶ୍ୱର, ୧୦।୭ (ସମିସ): ‘ସୋସିଆଲ ଟକ୍’ ନାମକ ଏକ ପେଜ୍‌ରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ ଅପଲୋଡ୍ ହେଉଛି। ଅତ୍ୟନ୍ତ ମାନହାନୀକାରୀ ଓ ବ୍ୟକ୍ତିଗତ ସମ୍ମାନକୁ ହାନି ଉଦ୍ଦେଶ୍ୟରେ ପ୍ରସାରିତ ଏହି ଭିଡ଼ିଓଗୁଡ଼ିକୁ ତୁରନ୍ତ ଅପସାରଣ ଓ ଏହାକୁ ପ୍ରସ୍ତୁତ କରିଥିବା ସୋସିଆଲ ଟକ୍ ନାମକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଜବତ ପାଇଁ ଦାବି କରିଛି ବିଜେଡି। ପ୍ରୀତି ପ୍ରକାଶ ନାୟକ ନାମକ

**ଭ୍ରମାତ୍ମକ ଭିଡିଓ ପ୍ରସ୍ତୁତକର୍ତ୍ତା ପ୍ରୀତିପ୍ରକାଶଙ୍କୁ ଗିରଫ ଦାବି**

**ବିଜେପି ଇଙ୍ଗିତରେ ବିଜେଡି ବିରୋଧରେ ହେଉଛି ଷଡ଼ଯନ୍ତ୍ର**

ଜଣେ ବ୍ୟକ୍ତି ଏହି ଭିଡ଼ିଓ ପ୍ରସ୍ତୁତ କରିଥିବା ଅଭିଯୋଗ କରି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ୟାପିଟାଲ ଥାନାରେ ଦଳ ପକ୍ଷରୁ ଏତଲା ଦିଆଯାଇଛି।

ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ ତତ୍କାଳୀନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ନେଇ ପ୍ରସ୍ତୁତ ଏହି ଡ଼ିପ୍‌ଫେ଼୍ ଭିଡ଼ିଓକୁ ପ୍ରୀତିପ୍ରକାଶ ନାୟକ ତାଙ୍କ ସୋସିଆଲ ଟକ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ କରିଛନ୍ତି। ଏଥିରେ ବାରମ୍ବାର ଅପମାନଜନକ ଶବ୍ଦ ବ୍ୟବହାର କରାଯିବା ସହ ଏଆଇ ପ୍ରସ୍ତୁତ୍ ହୀନ ମାନସିକତାର ଛବି ପ୍ରସ୍ତୁତ କରାଯାଇଛି। ଏହି ଭିଡ଼ିଓ ପ୍ରସ୍ତୁତି ପଛରେ ବିଜେପିର ପ୍ରୋତ୍ସାହନ ଥିବା ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡିପଫେକ୍ ଭିଡିଓ କରି ସୋସିଆଲ ମିଡିଆରେ ପ୍ରଚାର ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ କରିଥିବା ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଜେପି ସରକାର ଦୁଇ ବର୍ଷ ହେବ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରି ନପାରି ସବୁଠି ନିନ୍ଦିତ ହେଉଛି। ମାତ୍ର ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବନ୍ଦିତ କରିଛି। ଫଳରେ ବିଜେପି ଦଳ ଅସହିଷ୍ଣୁ ହୋଇ ଏହିପରି କାର୍ଯ୍ୟ କରୁଛି। ଜନସାଧାରଣଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ ଏପରି ଭିଡ଼ିଓ ପ୍ରସ୍ତୁତ କରାଯାଇଛି। ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ପୂର୍ବରୁ ମଧ୍ୟ ଏଭଳି ଡିଫାମେଟରି କଣ୍ଟେଣ୍ଟ ପାଇଁ ବିଭାଗୀୟ ମାମଲା (କେସ୍ ନମ୍ବର ୧୪୬/୨୦୨୩) ସମ୍ମୁଖୀନ ହୋଇଛନ୍ତି। ବିଜେପି ସମର୍ଥନରେ ସୋସିଆଲ ମିଡିଆରେ ସେ ଏହିପରି କାର୍ଯ୍ୟ ଅଭ୍ୟାସଗତ ଭାବେ ବାରମ୍ବାର କରୁଛନ୍ତି। ଭୂକମ୍ପ ପ୍ରଭାବିତ ଭେନିଜୁଏଲା ଅଞ୍ଚଳକୁ ଭିକେ ପାଣ୍ଡିଆନ ପରିଦର୍ଶନକୁ ବିଦ୍ରୂପ ଭାବେ ଉପସ୍ଥାପନ କରାଯାଇଛି। ଆକ୍ରୋଶ ମୂଳକ ଭାବେ ଅପଶବ୍ଦ ପ୍ରୟୋଗ କରି ତାଙ୍କ ସମ୍ମାନ ନଷ୍ଟ କରିବାକୁ ପ୍ରୟାସ କରାଯାଇଛି। ଭିଡିଓ ପ୍ରସ୍ତୁତକାରୀ, ସେୟାର, ରି-ପୋଷ୍ଟ କିମ୍ବା ଅନ୍ୟ ଭାବେ ପ୍ରଚାର କରିଥିବା ଅନ୍ୟ କୌଣସି ବ୍ୟକ୍ତି, ପେଜ୍ କିମ୍ବା ଆକାଉଣ୍ଟ୍ ମଧ୍ୟ ସମାନ ଭାବେ ଦାୟୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ତେଣୁ ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକଙ୍କ ବିରୋଧରେ ମାମଲା ରୁଜୁ କରି, ଇନଷ୍ଟାଗ୍ରାମ ଆକାଉଣ୍ଟ୍ ଜବତ କରି ପରୀକ୍ଷଣ କରିବା, ଉକ୍ତ ଭିଡିଓକୁ ଅପସାରଣ କରିବା, ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ କରି ପ୍ରଚାର କରିଥିବା ଅନ୍ୟ ଆକାଉଣ୍ଟ୍ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ବିଜେଡିର ଏହି ଟିମ୍‌ରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ସ୍ନେହାଶିଷ ଜେନା, ଏମ୍‌ଡି ସହିଦୁଲ୍ଲା, ପ୍ରତୀକ ଦାଶ, ଶୁଭମ ଶୁଭଦର୍ଶୀ ଖଟୁଆ, ମଳୟ ସାହୁ, ପ୍ରତ୍ୟୁଷ ଜେନା, ଚିତ୍ତରଞ୍ଜନ ଦାସ, ଦୀପକ ହୋତା, ପ୍ରିୟାଂଶୁ ସାହୁ, ଇସ୍କନ ନାୟକ ଓ ଆଶୁତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲୁଛି ମହାନଦୀ

# ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଖୋଲା

ସମ୍ବଲପୁର, ୧୦।୭ (ସମିସ): ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ଓ ଅନ୍ୟ ଡ୍ୟାମ୍‌ର ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇଛି। ଗୁରୁବାର ଜଳସ୍ତର ୬୧୫ ଫୁଟ୍‌ରେ ପହଞ୍ଚିଥିବାବେଳେ ପୂର୍ବାହ୍ଣ ସାଢ଼େ ୧୧ଟାରେ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲାଯାଇ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲା ଯାଇଥିଲା। ମୋଟ ୧୦ଟି ଗେଟ୍ ଦେଇ ପ୍ରାୟ ଦେଢ଼ ଲକ୍ଷ କ୍ୟୁସେକ୍ ଜଳ ମହାନଦୀକୁ ଛଡ଼ାଯାଉଥିଲା। ମହାନଦୀରେ ଏହି ଜଳ ୧୮ ଘଣ୍ଟା ମଧ୍ୟରେ ସୁବର୍ଣ୍ଣପୁର ଓ ପରେ ବୌଦ୍ଧ ଜିଲ୍ଲାକୁ ପହଞ୍ଚିଛି। ଶୁଖିଲା ପଡ଼ି ରହିଥିବା ମହାନଦୀ ଏବେ ବିଭିନ୍ନ ସ୍ଥାନରେ ଫୁଲିଉଠୁଛି। ତେବେ ସମ୍ପ୍ରତି ବର୍ଷା ପରିମାଣ ହ୍ରାସ ପାଇଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହେବାର କୌଣସି ଆଶଙ୍କା ନ ଥିବା ଜଣାପଡ଼ିଛି। ଏହି ବନ୍ୟାଜଳ ମୁଣ୍ଡଳୀରେ ପହଞ୍ଚିବା ପାଇଁ ପ୍ରାୟ ୩୬ ଘଣ୍ଟା ସମୟ ଲାଗିବ। ସେତେବେଳକୁ ସେଠାରେ ଜଳସ୍ତର ଯଥେଷ୍ଟ କମି ଯାଇଥିବ। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ହୀରାକୁଦ ମୁଖ୍ୟବନ୍ଧ ତଥା ଅପର ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି। ଆଜି ସନ୍ଧ୍ୟା ସାଢ଼େ ୬ଟା ସମୟରେ ଆଉ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୩ ଫୁଟ ରହିଛି। ନଦୀବନ୍ଧର ବାମପଟର ୭ଟି ଓ ଡାହାଣ ପଟର ୩ଟି ଏହିପରି ୧୦ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୧,୯୫୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୮୦,୩୪୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୫୧,୫୭୦ କ୍ୟୁସେକ୍, ପାୱାର ଚେନାଲ ଦେଇ ୨୫୦୪୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୪୮୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୧୩୪୯ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଳଠାରେ ୨,୨୮,୦୦୦ କ୍ୟୁସେକ୍, ବାରମୁଲଠାରେ ୭୦,୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୧,୧୬,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪.୩୨ ମିମି ଏବଂ ତଳମୁଣ୍ଡରେ ୧.୧୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ବଡ଼ସାହି ବ୍ଲକ ଜେଇ

## ୫ ଲକ୍ଷ ଟଙ୍କାର ରାସ୍ତା କାମ ବିଲ୍ ପାସ ପାଇଁ ଲାଞ୍ଚ ନେଉଥିବାବେଳେ ଗିରଫ



ବାରିପଦା/ବଡ଼ସାହି, ୧୦।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ଚଢ଼ଉ ପୂର୍ବକ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରିଛି। ଏକ ରାସ୍ତା କାମର ବିଲ୍ ପାସ୍ କରାଇବା ପାଇଁ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ କନିଷ୍ଠ ଯନ୍ତ୍ରୀ (ଜେଇ) ସୁଶୀଲ ସିଂଙ୍କୁ ବାରିପଦା ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରମାଣ ସହିତ ଗିରଫ କରାଯାଇଛି।

ସୂଚନା ମୁତାବକ, ବଡ଼ସାହି ବ୍ଲକ ଅଧୀନରେ ଥିବା ଟଙ୍ଗାଶୋଳ ପଞ୍ଚାୟତର ଲେମ୍ବୁସାହିଠାରୁ କେନ୍ଦୁଆ ପର୍ଯ୍ୟନ୍ତ ଏକ ମେଟାଲ୍ ମୋରମ୍ ରାସ୍ତା କାମ ହୋଇଥିଲା। ଏହି କାମ ପାଇଁ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କାର ବ୍ୟୟଅଟକଳ କରାଯାଇଥିଲା। ତେବେ ଏହି କାମର ବିଲ୍ ପ୍ରସ୍ତୁତ ଓ ପାସ୍ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ସୁଶୀଲ ସିଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିସି (ଲାଞ୍ଚ) ବାବଦକୁ ୩୨ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ କାରବାର ନେଇ ପୂର୍ବରୁ ସୂଚନା ପାଇ ବାରିପଦା ଭିଜିଲାନ୍ସ ଟିମ୍ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁପ୍ତ ଭାବେ ଜଗି ରହିଥିଲା। ଶୁକ୍ରବାର ସୁଶୀଲ ସିଂହ ନିଜ କାର୍ଯ୍ୟାଳୟରେ ଦାବି ମୁତାବକ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ ଚଢ଼ଉ କରି କାବୁ କରିଥିଲେ। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ରସାୟନ ବୋଳା ଟଙ୍କା ଜବତ କରାଯିବା ସହ ତାଙ୍କ ହାତ ଧୋଇବା ପରେ ରଙ୍ଗ ବାହାରିଥିଲା। ଭିଜିଲାନ୍ସ ଟିମ୍ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରି ବାରିପଦା ଆଣିବା ସହ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି। ଏଥିସହିତ ଜେଇଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ପାଇଁ ତାଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରାଯାଉଥିବା ସୂଚନା ମିଳିଛି। ସରକାରୀ କାର୍ଯ୍ୟାଳୟରେ ଏଭଳି ଦିନଦ୍ୱିପ୍ରହରରେ ଚଢ଼ଉ ଓ ଗିରଫଦାରୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, କନିଷ୍ଠ ଯନ୍ତ୍ରୀ ଜଣଙ୍କ ବିଡିଓଙ୍କ ପ୍ରିୟ ଯନ୍ତ୍ରୀ ଭାବେ ଏକ ସଙ୍ଗେ ଟଙ୍ଗାଶୋଳ ସମେତ ମାଣତ୍ରୀ, ମାନଗୋବିନ୍ଦପୁର, ଶାଳଗାଁ, ଦେଉଳିଆ ଆଦି ୫ଟି ପଞ୍ଚାୟତ ଦାୟିତ୍ୱ ତୁଲାଉଥିବାବେଳେ ପ୍ରତ୍ୟେକ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ବ୍ଲକ କଂଗ୍ରେସ ସଭାପତି ଶଶାଙ୍କଶେଖର କର ଅଭିଯୋଗ କରିଛନ୍ତି। ଏଣୁ ଭିଜିଲାନ୍ସ ସବୁଦିଗ ପ୍ରତି ତଦନ୍ତ କରୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ବାର୍‌ହା ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

ବ୍ରହ୍ମଗିରି,୧୦।୭(ସମିସ): ଶୁକ୍ରବାର ସକାଳେ ବାର୍‌ହା ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧାଙ୍କୁ ପ୍ରଥମେ ବ୍ରହ୍ମଗିରି ରେବଣା ନୂଆଗାଁ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ କୃଷ୍ଣପ୍ରସାଦ ବ୍ଲକ୍ ସାତପଡ଼ା ଗ୍ରାମ ପଞ୍ଚାୟତ ବଳଭଦ୍ରପୁରର ପଦ୍ମାବତୀ ଜାଲି (୬୫) ଓ ସେହି ଗ୍ରାମର ବ୍ରାହ୍ମଣୀ ଦଳାଇ(୬୦) ମିଶି ପୋଲାଙ୍ଗ ଗୋଟାଇବା ପାଇଁ ଯାଇଥିଲେ। ବାଡ଼ିରେ ପୋଲାଙ୍ଗ ଗୋଟାଇବା ସମୟରେ ହଠାତ୍ ବାର୍‌ହା ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପଦ୍ମାବତୀଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ବ୍ରାହ୍ମଣୀ ଆହତ ହୋଇଥିଲେ।

# ନବୀନଙ୍କୁ ଭେଟିଲେ ଚୌଦ୍ୱାର ମୁନିସିପାଲିଟିର ଅଧ୍ୟକ୍ଷା ଓ କାଉନସିଲର



ଭୁବନେଶ୍ୱର,୧୦।୭(ସମିସ): ଚୌଦ୍ୱାର ମୁନିସିପାଲିଟିର ଅଧ୍ୟକ୍ଷା ମାନସୀ ସାମଲ ଓ ବିଜେଡିର କାଉନସିଲରମାନେ ଆଜି ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ଏକଜୁଟ ହୋଇ ଲୋକଙ୍କ ସେବା ଜାରି ରଖିବାକୁ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ସ୍ମୃତି ଚାରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚୌଦ୍ୱାର ସହ ବିଜୁ ବାବୁଙ୍କର ଆବେଗିକ ସମ୍ପର୍କ ରହିଥିଲା ଓ ଚୌଦ୍ୱାର ବିକାଶରେ ବିଜୁ ବାବୁଙ୍କର ବିଶେଷ ଅବଦାନ ଥିଲା। ତେଣୁ ଚୌଦ୍ୱାରର ସ୍ୱାଭିମାନ ଓ ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଆଲୋଚନାରେ ଯୋଗ ଦେଇଥିବା କାଉନସିଲରମାନେ ଚୌଦ୍ୱାରର ବିକାଶ କାମରେ ଆସୁଥିବା ବାଧା ସମ୍ପର୍କରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ବିଜୁ ଜନତା ଦଳର ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସାଂସଦ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ଥିଲେ।

# ସେଲ୍ଫି ନେବାବେଳେ ନାଳରେ ଖସି ଛାତ୍ରଙ୍କ ମୃତ୍ୟୁ

ମୁନିଗୁଡା, ୧୦।୭ (ସମିସ): ରାୟଗଡ଼ ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ସେଲ୍ଫି ନେବା ବେଳେ ନାଳରେ ଖସି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଅମ୍ବାଦଳା ଥାନା କୁଳେରପଟା ଗ୍ରାମର ଦାସ ପୂଜାରୀଙ୍କ ପୁଅ ଲଳିତ ପୂଜାରୀ (୧୫)। ସେ ଅମ୍ବାଦଳା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଥିଲେ।



ସୂଚନା ଅନୁଯାୟୀ, ଗାଁ ନିକଟସ୍ଥ ବୁଜିବାଙ୍ଗ ନାଳରେ ସେଲ୍ଫି ନେଉଥିବା ବେଳେ ପଥରଉପରୁ ତାଙ୍କର ଗୋଡ଼ ଖସିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବିଶ୍ୱନାଥପୁର, ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ଏହି ଘଟଣାକୁ ନେଇ ଏବେ ନୂଆ ବିବାଦ ସାମ୍ନାକୁ ଆସିଛି। ସହପାଠୀ ଓ କେତେକ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଲଳିତ ଘଟଣା ଦିନ ବିଦ୍ୟାଳୟକୁ ଯାଇ ସେଠାରେ ବ୍ୟାଗ୍ ରଖି ମଧ୍ୟାହ୍ନରେ ଘରକୁ ଆସି ସେଲ୍ଫି ନେବାକୁ ଯାଇଥିଲେ। ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖା ନଯିବାରୁ ଏପରି ଘଟିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରୁଣ କୁମାର ରାଉତରାୟ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଲଳିତ ଘଟଣା ପୂର୍ବରୁ ଦୁଇ ଦିନ ଧରି ବିଦ୍ୟାଳୟକୁ ଆସିନଥିଲେ। ଯଦି ଛାତ୍ର ବିଦ୍ୟାଳୟକୁ ଆସିନଥିଲେ, ତେବେ ତାଙ୍କ ସ୍କୁଲ ବ୍ୟାଗ ବିଦ୍ୟାଳୟରେ ରହିଲା କିପରି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଏହି ଘଟଣା ପରେ ତାଙ୍କର ଜଣେ ସହପାଠୀ ସେହି ବ୍ୟାଗକୁ ତାଙ୍କ ଘରେ ପହଞ୍ଚାଇଥିବା କୁହାଯାଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହେଉଛି।

## ପ୍ରଶାସନିକ ବିଫଳତା

# ରାଜ୍ୟର ୧୩ଟି ଆଦିମ ଜନଜାତି ଅବହେଳିତ

## ଦାଦନ ଯାଇ ଜୁଆଙ୍ଗ ମୃତ୍ୟୁ ଘଟଣା ଲଜ୍ଜିତ କରୁଛି: ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ



କେନ୍ଦୁଝର, ୧୦।୭ (ସମିସ): ସୁଦୂର ତାମିଲନାଡୁରେ ଥିବା ଏକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଏହି ପ୍ରତିନିଧି ଦଳ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଗୁରୁବାର କେନ୍ଦୁଝର ଜିଲ୍ଲରେ ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ଗସ୍ତ କରିବା ପରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ କେନ୍ଦୁଝର ରୋଟାରୀ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ।

କେନ୍ଦୁଝର ଜିଲ୍ଲାର ଦୁଇଟି ଘଟଣା ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା ଓ ୧୫ ଜଣ ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଆଲୋଡନ ଖେଳାଇଛି। ପ୍ରଶାସନ କେନ୍ଦୁଝର ଜିଲ୍ଲାରେ ବିଫଳ ହୋଇଛି। ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତର ଭାବେ ନେଇ ତାଙ୍କ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବା ପାଇଁ ବିଜେଡି ଦାବି କରିଛି।

ଏହି ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଅନୁଧ୍ୟାନ କରିଛି ଯେ ରାଜ୍ୟରେ ଥିବା ୧୩ଟି ଆଦିମ ଜନଜାତି ଆଜି ବିଶେଷ ଭାବରେ ଅବହେଳିତ ଅବସ୍ଥାରେ ଥିବାବେଳେ ‘କୁବେରପୁରୀ କେନ୍ଦୁଝର’ରେ ଦାରିଦ୍ର୍ୟ ସୀମା ଲଂଘନ କରିଛି। କେନ୍ଦୁଝର ଜିଲ୍ଲାର ଏହି ଜୁଆଙ୍ଗ ଜନଜାତିମାନଙ୍କ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଜିବୀକା ମିଶନ ଆଦି ଏଠାରେ ବିଫଳ ହୋଇଥିବା କଥା ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲାର ୧୪ଜଣ ଜୁଆଙ୍ଗ ବାଳିକା ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଜଣେ ବାଳିକାଙ୍କ ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ସ୍କୁଲ ଯିବା କଥା ସେମାନେ ଦାଦନ ଖଟିବାକୁ ଯାଇଥିଲେ। କେତେ ଜଣ ଜୁଆଙ୍ଗ ଦାଦନ ଖଟିବାକୁ ଯାଇଛନ୍ତି, କେତେ ଜଣଙ୍କର ଶବ ଫେରିଛି, କେତେଜଣ ଚିକିତ୍ସିତ ହେଉଛନ୍ତି ଆଉ କେତେ ଜଣ ଅଛନ୍ତି ତାହା ରାଜ୍ୟବାସୀ ଜାଣିବାର ଅଧିକାର ଅଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

**ତୁରନ୍ତ ଆଦିବାସୀ ବ୍ୟାପାର ମନ୍ତ୍ରୀ ଘଟଣାସ୍ଥଳକୁ ଯାଆନ୍ତୁ**

**ଜିତୁ ମୁଣ୍ଡା ପରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ**

**ବାଂଶପାଳ ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ପ୍ରତିନିଧି ଦଳ**

ଡବଲ ଇଂଜିନ ସରକାର ପ୍ରତ୍ୟେକଟି କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସେ କହିଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଶତକଡା ୯୦ ପ୍ରତିଶତ ଜୁଆଙ୍ଗ ଗ୍ରାମକୁ ପହଞ୍ଚିପାରି ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଅଭିଯୋଗ କରିଥିଲେ। ଜିତୁ ମୁଣ୍ଡା ଘଟଣା ସହ ଜୁଆଙ୍ଗଙ୍କ ମୃତ୍ୟୁ ପ୍ରମାଣିତ କରିଛି ଯେ କେନ୍ଦୁଝର ଜିଲ୍ଲାରେ ବ୍ୟବସ୍ଥା ବିଫଳ ହୋଇଛି। ଜୁଆଙ୍ଗମାନଙ୍କୁ ବିକାଶର ଧାରାକୁ ଆଣିବାକୁ ତୁରନ୍ତ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ସେ ଦାବି କରିଥିଲେ। କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ ଜୁଆଙ୍ଗ ଗାଁଗୁଡ଼ିକୁ ସବୁଦିନିଆ ରାସ୍ତା ହେବା ଆବଶ୍ୟକ। ଅନ୍ୟପକ୍ଷରେ, ବାଂଶପାଳ ବ୍ଲକ ଅଞ୍ଚଳର ଜଣେ ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ ଘଟଣାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଘୋର ଉଦବେଗ ପ୍ରକାଶ କରି କହିଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବେଡ ଅଭାବରୁ ପୀଡ଼ିତା ତଳେ ଚିକିତ୍ସିତ ହେଉଥିବା ଏହି ପ୍ରତିନିଧି ଦଳ ଦେଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସୋର ବିଧାୟକ ମାଧବ ଧଡା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଦେବାଶିଷ ମାରାଣ୍ଡି, ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ, ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ, ମୀନା ମାଝୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଉଣା ପାଇଁ ଭୋକେସନାଲ ଟ୍ରେନର ଡିଇଓଙ୍କ ଦ୍ୱାରସ୍ଥ

ବଲାଙ୍ଗିର,୧୦।୭(ସମିସ)



ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍କୁଲରେ ଭୋକେସନାଲ ଟ୍ରେନରମାନେ ସ୍ଥାୟୀ ଶିକ୍ଷକ ଭଳି କର୍ତ୍ତବ୍ୟ କରୁଛନ୍ତି। ସମସ୍ତଙ୍କ ଭଳି ସରକାରୀ ସମୟରେ ପହଞ୍ଚୁଛନ୍ତି; କିନ୍ତୁ ଠିକ୍ ସମୟରେ ଦରମା ପାଉନାହାନ୍ତି। ଜିଲ୍ଲାରେ କାର୍ଯ୍ୟରତ ଭୋକେସନାଲ ଟ୍ରେନରମାନେ ଏହିଭଳି ଅଭିଯୋଗ କରିଛନ୍ତି। ଶୁକ୍ରବାର ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ୩ ମାସ ହେଲା ସଂପୃକ୍ତ ଟ୍ରେନରମାନଙ୍କୁ ନିଯୁକ୍ତି କରିଥିବା କମ୍ପାନୀ ଦରମା ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରୁ କମ୍ପାନୀକୁ ଟଙ୍କା ଜମା କରାଯାଇଛି; ହେଲେ ସରକାରୀ ନିର୍ଦ୍ଦେଶକୁ ବେଖାତିର ସଂପୃକ୍ତ ସଂସ୍ଥା ମନମୁଖୀ କାରବାର ଚଳାଉଥିବା ଟ୍ରେନରମାନେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଗୁଣାତ୍ମକ ଶିକ୍ଷା କୁ ଆହୁରି ଉନ୍ନତ କରିବା ପାଇଁ ପାଠ୍ୟକ୍ରମରେ ଭୋକେସନାଲ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ପାଠ୍ୟକ୍ରମ ପାଇଁ ରାଜ୍ୟ ଗଣଶିକ୍ଷା ବିଭାଗ ଅଧୀନ ଓସେପା ପକ୍ଷରୁ ସ୍କୁଲରେ ଭୋକେସନାଲ ଟ୍ରେନରଙ୍କୁ ନିଯୁକ୍ତି କରାଯାଇଥିଲା। ପ୍ରାୟ ୧୦ ବର୍ଷ ଧରି ଏହି ଟ୍ରେନରମାନେ ବିଭିନ୍ନ ଭୋକେସନାଲ ପାଠ୍ୟକ୍ରମ ତାଲିମ ଦେଉଛନ୍ତି। ଚଳିତ ଶିକ୍ଷାବର୍ଷରୁ ସମସ୍ତ ଟ୍ରେନରଙ୍କୁ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ଅଧୀନରେ ନିଯୋଜିତ କରାଯାଇଛି। ବଲାଙ୍ଗିର ଜିଲ୍ଲାରେ ବର୍ତ୍ତମାନ ୧୩୫ ଜଣ ଭୋକେସନାଲ ଟ୍ରେନର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ରହିଛନ୍ତି। ଏହି ଟ୍ରେନରମାନେ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୋଜିତ ହୋଇଛନ୍ତି। ତେବେ ଏହି ସବୁ ଟ୍ରେନରଙ୍କୁ ଗତ ଏପ୍ରିଲ ମାସରୁ ସଂପୃକ୍ତ ଆଉଟସୋର୍ସିଂ ସଂସ୍ଥା ଦରମା ଦେଇ ନ ଥିବା ଅଭିଯୋଗ ହୋଇଛି। ଭୋକେସନାଲ ଟେକେର କମ୍ପାନୀ ଟୁରିଜମ ଓ ହସ୍ପିଟାଲିଟି ପାଠ୍ୟକ୍ରମ ପାଇଁ ୫୪ ଜଣଙ୍କୁ ନିଯୋଜିତ କରିଛି। ସଂପୃକ୍ତ ଟ୍ରେନରଙ୍କୁ ୨ ମାସର ଦରମା କମ୍ପାନୀ ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି। ସେହିପରି ଅମାସ ସ୍କିଲ କମ୍ପାନୀ ପକ୍ଷରୁ ନିଯୋଜିତ ୧୯ ଜଣ ଟ୍ରେନର, ହାଇଲାଇନ କମ୍ପାନୀ ପକ୍ଷରୁ ନିଯୋଜିତ ୪୨ ଜଣ ଟ୍ରେନର ଓ ଓରିଅନ କମ୍ପାନୀ ପକ୍ଷରୁ ନିଯୋଜିତ ୨୦ ଜଣ ଟ୍ରେନରଙ୍କୁ କମ୍ପାନୀ ୩ ମାସର ଦରମା ପ୍ରଦାନ କରି ନ ଥିବା ଜଣାପଡିଛି। ଏନେଇ ସଂପୃକ୍ତ ଟ୍ରେନର ଶୁକ୍ରବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ କମ୍ପାନୀକୁ ଦରମା ବାବଦକୁ ଅର୍ଥ ପ୍ରଦାନ କରାଯାଇଥିବା ଜଣାପଡିଥିଲା। ଏନେଇ ଗତ ଜୁଲାଇ ୩ ତାରିଖରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ଚିଠି ନଂ ୨୨୭୭ରେ ସମସ୍ତ କମ୍ପାନୀ ରାଜ୍ୟ ମୁଖ୍ୟଙ୍କୁ ଏନେଇ ସୂଚନା ଦେବା ସହ ଶୀଘ୍ର ଦରମା ପ୍ରଦାନ କରିବାକୁ କୁହାଯାଇଥିଲା। ତେବେ ପ୍ରତିମାସ ୧୦ ତାରିଖ ସୁଦ୍ଧା ଦରମା ଟଙ୍କା ପ୍ରଦାନ କରିବାକୁ କମ୍ପାନୀ ଚୁକ୍ତି କରିଥିବା ବେଳେ କାହିଁକି ମାସ ମାସ ଧରି ଦରମା ବକେୟା ପଡୁଛି ବୋଲି ଟ୍ରେନରମାନେ ପ୍ରଶ୍ନ ଉଠାଉଛନ୍ତି। ତେବେ ଏ ଦିଗରେ କମ୍ପାନୀ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।

**ଜିଲ୍ଲାରେ ୧୩୫ ଟ୍ରେନର କାର୍ଯ୍ୟରତ**
**ବକେୟା ପଡିଛି ଦରମା**
**ବିଭାଗ ଦେଇସାରିଲାଣି; ହେଲେ କମ୍ପାନୀ ଦେଉନି**

● ରାସ୍ତା କାମ ନିମ୍ନମାନର

## ୩ ମାସରେ ଦବିଗଲା, ପିଚୁ ଉଠିଲା

କଣ୍ଟାବାଞ୍ଜି,୧୦।୭(ସମିସ): ସରକାର ଗ୍ରାମାଞ୍ଚଳ ଗମନାଗମନ ପାଇଁ ପାଣି ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ଦାୟିତ୍ୱରେ ଥିବା ଠିକାଦାର ଓ ସରକାରୀ ଅଧିକାରୀ ମିଶି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଛନ୍ତି। ଏଣୁ ଯୋଜନା ବାଟବଣା ହେଉଛି। ଏହାଫଳରେ ଲୋକଙ୍କ ସମସ୍ୟା ଦୂର ହେବା ବଦଳରେ ସମସ୍ୟା ଆହୁରି ବଢ଼ିବାରେ ଲାଗିଛି। ରାସ୍ତା କାମ ଶେଷ ହୋଇ ୩ ମାସ ହୋଇଥିବା ବେଳେ ନବନିର୍ମିତ ରାସ୍ତାରୁ ପିଚୁ ଉଠି ଯାଇଛି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଗୋଇମୁଣ୍ଡ ଗାଁରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବଙ୍ଗୋମୁଣ୍ଡା-ଟିଟିଲାଗଡ଼ ରାସ୍ତା ଗୋଇମୁଣ୍ଡ ଗାଁ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇଛି। ୫.୫୦ କିଲୋମିଟର ରାସ୍ତା ପିଚୁ କରିବାକୁ ୫୨୨.୪୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଠିକାଦାର ନୀଲେଶ ଅଗ୍ରୱାଲ କାମ ପାଇଥିଲେ। ଟିଟିଲାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖ ଦାୟିତ୍ୱରେ ରହିଥିଲା। ୨୦୨୫ ଜୁନ୍ ୨୩ରେ କାମ ଆରମ୍ଭ ହୋଇଥିଲା। ଗତ ମାର୍ଚ୍ଚ ୨୨ ତାରିଖରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କାମ ସରିବାର ମାତ୍ର ୩ ମାସ ପୂରିଛି। ବର୍ତ୍ତମାନ



ରାସ୍ତା ଦବି ଯିବା ସହ ପିଚୁ ଉଠି ଯାଉଛି। ଠିକାଦାର ଅତି ନିମ୍ନମାନର କାମ କରିଥିବା ଏହା ପ୍ରମାଣ କରୁଛି। ଏହାଦ୍ୱାରା ସରକାରୀ ରାଜକୋଷରେ ଟଙ୍କା ଲୁଟ୍ ହୋଇଛି। କନିଷ୍ଠ ଯନ୍ତ୍ରୀ-ଠିକାଦାର ମିଶି ଟଙ୍କା ଲୁଟିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ତେବେ କେଉଁ ସ୍ୱାର୍ଥରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାକୁ ନେଇ ପ୍ରଶ୍ନ ଉଠୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କୁ ଏହି ଦୁର୍ନୀତିରୁ ଖସାଇବାକୁ ଉଦ୍ୟମ କରୁଛି।

● ଦୁର୍ନୀତି ଜଳ ଜଳ ଦିଶୁଛି
● ଅନ୍ଧାରରେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ
● ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ବାଟବଣା

## ଟ୍ରେନରୁ ୭ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ବଲାଙ୍ଗିର,୧୦।୭(ସମିସ): ବଲାଙ୍ଗିରରୁ ଉତ୍ତରପ୍ରଦେଶକୁ ଟ୍ରେନରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ରେଳବାଇ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଲଳିତପୁର ଜିଲ୍ଲା ଜକହଉରା ଥାନା ଦାଇଲୱାରା ଗାଁର ରାହୁଲ ଚାଣ୍ଡେଲ। ତା' ପାଖରୁ ପ୍ରାୟ ୭ କେଜି ଗଞ୍ଜେଇ ଜବତ ହୋଇଛି। ଶୁକ୍ରବାର ବଲାଙ୍ଗିର ରେଳଷ୍ଟେସନରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ କରିବା ପାଇଁ ସେ ଟ୍ରେନ ଅପେକ୍ଷାରେ ରହିଥିଲା। ରେଳବାଇ ପୁଲିସ ଖବର ପାଇ ତା ବ୍ୟାଗ୍ ଯାଞ୍ଚ କରିବା ବେଳେ ଗଞ୍ଜେଇ ମିଳିଥିଲା।

## ଚନ୍ଦନଭାଟିରେ ନରସିଂହଙ୍କ ସାଧାରଣ ସଭା

ବଲାଙ୍ଗିର,୧୦।୭(ସମିସ): ବଲାଙ୍ଗିର ବ୍ଲକ୍ ଚନ୍ଦନଭାଟି ମେହେରପଡା କଲ୍ୟାଣ ମଣ୍ଡପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଲିଙ୍ଗରାଜ ମେହେର, କପିଳେଶ୍ୱର ମେହେର, ଶିବ ମେହେର, ନରେନ୍ଦ୍ର ମେହେର, ଶ୍ୟାମ ମେହେର, ରାମ ପ୍ରସାଦ ମିଶ୍ର, ପ୍ରକାଶ ବରେଇ, ସଂକୀର୍ତ୍ତନ ମେହେରଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀସ୍ତରୀୟ କୃଷକ ସଂଗଠନ ଗଠିତ

କଣ୍ଟାବାଞ୍ଜି,୧୦।୭(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଗ୍ରେସନ ଭବନରେରେ ଶୁକ୍ରବାର କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀସ୍ତରୀୟ କୃଷକ ସଙ୍ଗଠନ ଗଠିତ ହୋଇଛି। ଚାଷୀଙ୍କ ସମସ୍ୟା ଓ ହକ୍ ପାଇଁ ଲଢେଇ କରିବାକୁ ସଂକଳ୍ପ ନିଆଯାଇଛି। ବଲଧା ପଞ୍ଚାୟତ ପୂର୍ବତନ ସରପଞ୍ଚ ଲୋକନାଥ ପ୍ରଧାନଙ୍କ ନେତୃତ୍ୱରେ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ବ୍ଲକ ଓ କଣ୍ଟାବାଞ୍ଜିରୁ ଶହ ଶହ ଚାଷୀ ଏଥିରେ ସାମିଲ ହୋଇଥିଲେ। ମଣ୍ଡିରେ ମାସ ମାସ ଧରି ଧାନ ପଡି ରହିଛି। ତାହା କେମିତି ମିଲର୍ସ ଉଠାଇବେ, ଚାଷୀଙ୍କୁ କିଭଳି କମ୍ ମୂଲ୍ୟରେ ସାର ଓ ବିହନ ବଣ୍ଟାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ତେବେ ଅଜିତ ଯୋଶୀ, ସୁଜିତ ବେହେରା, ଦୁଷ୍ମନ୍ତ ବେହେରା, ଲୋକନାଥ ପ୍ରଧାନୀ, ଅଭିମନ୍ୟୁ ରଣା, ଧ୍ରୁବଳେ ପରଭୋଇ, ଜ୍ୟୋତିପ୍ରକାଶ ବାରିକ, ମଳୟ ପୁଟେଲ, ଗଙ୍ଗା ନାଗ, କୃଷ୍ଣ ନାୟକ, ଅଲେଖ ସରପ, ବିରେନ୍ଦ୍ର ରାଉତରାୟ, ଚମ୍ପେଶ୍ୱର ପୁଞ୍ଜି, ନିରୋତ୍ତୋମ ରଣା, ପ୍ରେମରାଜ ବାରିକ, ବିଶ୍ୱଜିତ ପ୍ରଧାନୀ ପ୍ରମୁଖଙ୍କୁ ନେଇ ଏହି କୃଷକ ସଂଗଠନ ଗଠିତ ହୋଇଛି। ତିରୁପତି ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଜାପାନ ଫେରନ୍ତା ଛାତ୍ର ସମ୍ବର୍ଦ୍ଧିତ



ବଲାଙ୍ଗିର,୧୦।୭(ସମିସ): ଜାପାନ ଫେରନ୍ତା ଲୋଇସିଂହା ମହାବିଦ୍ୟାଳୟର ଛାତ୍ର ରାଜୁ ପଧାନଙ୍କୁ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ସୁଶ୍ରୀ ରୀନା ବେହେରା, ସେବାଶ୍ରୀ ଭୋଇ, ଲୋଇସିଂହା ବ୍ଲକ୍ ଶିକ୍ଷା ଅଧିକାରୀ ନାରାୟଣ ଭୁଏ, ରୁଦ୍ରଦେବ ଷଡଙ୍ଗୀ, ନବଘନ ସାହୁ, ତାରାକାନ୍ତ ମିଶ୍ର, ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସେ ଶିକ୍ଷକ କୁଶଧ୍ୱଜ ଷଡଙ୍ଗୀଙ୍କ ସାହାଯ୍ୟରେ ହଳ .ଳିତ ମଞ୍ଜିବୁଣା ଯନ୍ତ୍ର ପ୍ରକଳ୍ପ ପାଇଁ ଜିଲ୍ଲା, ରାଜ୍ୟ ଏବଂ ଜାତୀୟସ୍ତରରେ ପୁରସ୍କୃତ ହୋଇଥିଲେ। ଶେଷରେ ଏହି ପ୍ରକଳ୍ପ ପାଇଁ ସେ ଜାପାନ ଯାଇଥିଲେ।

## ମରାମତିର ୩ ମାସରେ ଖାଲଢିପ

ଶଗଡା/ମନମୁଣ୍ଡା,୧୦।୭(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠି ପଦର ପଞ୍ଚାୟତ ମାଳିସାହିରୁ ଶୁଣ୍ଠିପଦର ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି; ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟାତ କଷ୍ଟକର ହୋଇ ପଡେ। ଶୁଣ୍ଠିପଦରକୁ ଯିବା ପାଇଁ ଏକ ମାତ୍ର ରାସ୍ତା ଥିବା ବେଳେ ଲୋକେ ଅତି ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ସ୍କୁଲକୁ ପାଠ ପଢ଼ିଯିବା ପାଇଁ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯାଇଥାନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ଏଭଳି ହୋଇ ପଡେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇଥାଏ। ରାସ୍ତାରେ ଅନେକ ଖାଲଖମା ଥିବା ବେଳେ ବର୍ଷା ହେଲେ ଉକ୍ତ ଖାଲରେ ପାଣି ଭର୍ତ୍ତି ହୋଇ ପଡେ। ଏହା ଫଳରେ ଯାତାୟାତ କରୁଥିବା ଲୋକେ ଜାଣି ନ ପାରି ଖାଲରେ ପଡି ଆହତ ହେଉଛନ୍ତି। ବର୍ଷା ହେଲେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇ ଯାଏ। ଗ୍ରାମବାସୀ ଅନେକ ଥର ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଡ଼ିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ



ଅଭିଯୋଗ କରି ଆସୁଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରି ନାହିଁ। ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଗ୍ରାମକୁ ନୂତନ ରାସ୍ତା ନିର୍ମାଣ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଆଜି ପର୍ଯ୍ୟନ୍ତ ରାସ୍ତା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମର ଦେବଦତ୍ତ ବସ୍ତିଆ, ଦୁରବିନ୍ଦ ଅମାତ, ନରେଶ ଅମାତ, ପୂର୍ଣ୍ଣଚନ୍ଦ୍ର ରଣା, ବଶିଷ୍ଠ ପ୍ରଧାନ, ଶ୍ରୀରାମ ମହାକୁଡ଼, ଗୁପ୍ତେଶ୍ୱର ପ୍ରଧାନ, ଦିବାକାର ରଣା ପ୍ରମୁଖ ଦାବି କରିଛନ୍ତି।

## କୁଡୁର୍ଲା ଧ୍ରୁବଆନନ୍ଦ କଲେଜରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୦।୭(ସମିସ): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ କୁଡୁର୍ଲା ଧ୍ରୁବଆନନ୍ଦ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ସଚେତନତା ତଥା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦକୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କନ୍ଧକେଲଗାଁ ସେକ୍ସନ ଫରେଷ୍ଟର ଆଦିତ୍ୟ ନନ୍ଦ, କୁଡୁର୍ଲା ସରପଞ୍ଚଙ୍କ ପ୍ରତିନିଧି ଡମ୍ବରୁ ହରପାଲ,ବନରକ୍ଷୀ ପ୍ରଦୀପ ମାଝି ପ୍ରମୁଖ ଯୋଗ ଦେଇଥିଲେ। ସଂପ୍ରତି ବିଶ୍ୱତାପାୟନ ସହିତ ପରିବେଶ ଅସନ୍ତୁଳନକୁ ନେଇ ବିଶ୍ୱବାସୀ ଅତିଷ୍ଠ ହେଲେଣି। ୟୁରୋପ ଭଳି ଦେଶରେ ତାପମାତ୍ରା ୪୫ ଡିଗ୍ରୀ ଡେଇଁଲାଣି। ଏହାର ପ୍ରଭାବରେ ହଜାର ହଜାର ଲୋକ ମୃତ୍ୟୁ ମୁଖରେ ପଡିଲେଣି। ତାହା ଉଦବେଗର ବିଷୟ। ବଲାଙ୍ଗୀର ଜିଲ୍ଲାରେ ପ୍ରତିବର୍ଷ ତାପମାତ୍ରା ୪୭ଡିଗ୍ରୀ ଉପରକୁ ଯାଉଛି। ଜଙ୍ଗଲ ପରିମାଣ ୩୭%ରୁ ଖସି ୧୭କ୍ଷରେ ପହଞ୍ଚିଲାଣି। ତେଣୁ ସମସ୍ତେ ସଚେତନ ହୋଇ ବ୍ୟାପକ ମାତ୍ରାରେ ଚାରାରୋପଣ କରିବାକୁ ଆହ୍ୱାନ ଦିଆଯାଇଛି। ସମସ୍ତେ ଚାରାରୋପଣ କରିବାକୁ ସଂକଳ୍ପ ନେବା ଉଚିତ ବୋଲି ଆହ୍ୱାନ ଦିଆଯାଇଛି। ବନୀକରଣର ଆବଶ୍ୟକତା ତଥା ସରକାରୀ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। ଛାତ୍ରଛାତ୍ରୀ ନିଜସ୍ୱ ଉଦ୍ୟମରେ ନିଜ ନିଜ ଘରବାଡି ତଥା ସ୍କୁଲ ଓ କଲେଜରେ ଚାରାରୋପଣ କରି ପରିବେଶ ସୁରକ୍ଷାରେ ସହାୟକ ହେବାକୁ ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ଚାରାରୋପଣ ହୋଇଥିଲା। ଅଧ୍ୟାପକ ବିଜୟ ଜାଲ, ବଳରାମ ପଧାନ, ହେମନ୍ତ ସାହୁ, ନବକିଶୋର ବାରିକ, ସଂଜୀବ ପଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଧରା ପଡିଲା ଜଳ ଓ ପରିମଳ ବିଭାଗର ମିଛ | ଭୁଲ୍ ତଥ୍ୟ ଦେଉଛି ବିଭାଗ

ଶଗଡା,୧୦।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ପଞ୍ଚାୟତ ମାଧବନଗରକୁ ସଂଯୋଗ ହୋଇଥିବା ପାଇପ୍‌ରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ଦୀର୍ଘ ୪ ବର୍ଷ ହେଲା ପାଣି ମିଳୁ ନାହିଁ। ଏ ସଂକ୍ରାନ୍ତରେ ଗତ ମେ ମାସ ୨୩ ତାରିଖ ଦିନ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ଏହି ପଢ଼ାକୁ ମାତ୍ର ଦିନେ ପାଇପ୍ ପାଣି ଯୋଗାଣ ପରେ ପୁଣି ବନ୍ଦ ହୋଇ ପଡି ରହିଛି। ଏହାକୁ ନେଇ ପଢ଼ାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଳ ଯୋଗାଣ ହେଉ ନ ଥିବା ନେଇ 'ସକାଳ'ରେ ପ୍ରକାଶିତ ଖବରକୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରଶାସନ ଓ ଜଳ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା; ହେଲେ ବିଭାଗ ମାଧବନଗରରେ ଜଳ ଯୋଗାଣ ସ୍ୱାଭାବିକ ହୋଇଥିବା ନେଇ 'ଏକ୍ସ'ରେ ଉତ୍ତର ଦେଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହା କେବଳ ଗୋଟିଏ ଉଦାହରଣ ମାତ୍ର। କାମ ସମ୍ପୂର୍ଣ୍ଣ ନ କରି ବିଲ୍ ଉଠାଇବା ପରେ ବାହାର ଗ୍ରାମର ଲୋକଙ୍କୁ ଆଣି ଜଳ ଯୋଗାଣ ହେଉଥିବା ଭିଡିଓ ସହ ବିଭାଗୀୟ ଅଧିକାରୀଙ୍କୁ ଚିଠି ପ୍ରଦାନ କରିବା ଭଳି ଆହୁରି ଅନେକ ମିଛ ତଥ୍ୟ ଦେଇ ଜଳ ଓ ପରିମଳ ବିଭାଗ ଉପରିସ୍ଥ ଅଧିକାରୀଙ୍କୁ ମିଛ କହୁଥିବା ନଜିର ରହିଛି।

**ପାଣି ନ ଦେଇ ଜଳ ଯୋଗାଣ ସ୍ୱାଭାବିକ ବୋଲି ଦେଉଛି ତଥ୍ୟ**

**ରାଶନ କାର୍ଡ ଅଛି, ଚାଉଳ ମିଳୁନାହିଁ**

## ୫ ମାସ ଧରି ଅପେକ୍ଷାରେ ହିତାଧିକାରୀ

ବୀରମହାରାଜପୁର,୧୦।୭(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖାଦ୍ୟ ସୁରକ୍ଷା ଯୋଜନାରେ ବୀରମହାରାଜପୁର ବ୍ଲକରେ ଗୁରୁତର ଅବ୍ୟବସ୍ଥା ଅଭିଯୋଗ ସାମ୍ନାକୁ ଆସିଛି। ବ୍ଲକର ବହଳପଦର ପଞ୍ଚାୟତ ସମେତ ଅନ୍ୟ କେତେଗୋଟି ପଞ୍ଚାୟତରେ ନୂତନ ରାଶନ କାର୍ଡ ପାଇଥିବା ହିତାଧିକାରୀମାନେ ୫ ମାସ ବିତିଯାଇଥିଲେ ମଧ୍ୟ ରାଶନ ଚାଉଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଚାଉଳ ବଣ୍ଟନରେ ଅନିୟମିତତା ନେଇ ଚର୍ଚ୍ଚା ଜୋର ଧରିଛି। ବହଳପଦର ପଞ୍ଚାୟତର ଅମରପାଲି ଗ୍ରାମର ଚୁମକି ସାହୁଙ୍କ ନାମରେ ଫେବୃଆରୀ ୧୩ରେ ରାଶନ କାର୍ଡ ନଂ.୨୯୦୨୦୨୧୨୧୬୭ ଇସ୍ୟୁ ହୋଇଥିଲା। କାର୍ଡରେ ଚୁମକିଙ୍କ ସହ ସ୍ୱାମୀ ରାକେଶଙ୍କ ନାମ ରହିଥିବା ବେଳେ ଜଣପିଛା ୫ କେଜି ଚାଉଳ ମିଳିବ ବୋଲି ଉଲ୍ଲେଖ ରହିଛି। ମାତ୍ର ୫ ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଏପର୍ଯ୍ୟନ୍ତ ରାଶନ ଚାଉଳ ମିଳିନାହିଁ। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଯୋଗାଯୋଗ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରରେ ୩ଜଣ ସଦସ୍ୟ ଥିଲେ ମଧ୍ୟ ରାଶନ କାର୍ଡରେ ମାତ୍ର ୨ଜଣଙ୍କ ନାମ ରହିଥିବା ମଧ୍ୟ ସେ କହିଛନ୍ତି। ସେହିପରି ଭାଲୁଡୁଙ୍ଗୁରୀ ଗ୍ରାମର ମନୀଷା ପଧାନଙ୍କ ନାମରେ ଫେବୃଆରୀ ୨୬ରେ ରାଶନ କାର୍ଡ ଇସ୍ୟୁ ହୋଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ଚାଉଳ ମିଳିନାହିଁ। ତାଙ୍କ ପରିବାରରେ ୩ ଜଣ ସଦସ୍ୟ ଥିବାବେଳେ କାର୍ଡରେ ୨ଜଣଙ୍କ ନାମ ରହିଛି। ଏହି ଗ୍ରାମର ସରୋଜିନୀ ସାହୁଙ୍କୁ ମଧ୍ୟ ଫେବୃଆରୀ ୧୬ରେ ରାଶନ କାର୍ଡ ମିଳିଥିଲେ ସୁଦ୍ଧା ଏଯାବତ ଚାଉଳ ପ୍ରଦାନ କରାଯାଇନାହିଁ। ଅଭିଯୋଗ ଅନୁଯାୟୀ, ଏହି ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିଥିଲେ ମଧ୍ୟ କେବଳ ମିଳିଯିବ ବୋଲି ଆଶ୍ୱାସନା ମିଳୁଛି। ଫଳରେ ୫ ମାସ ଧରି ସେମାନଙ୍କ ବକେୟା ଚାଉଳ କୁଆଡେ ଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ବୀରମହାରାଜପୁର ଯୋଗାଣ ଅଧିକାରୀ କ୍ଷୀରୋଦ କୁମାର ଧଳଙ୍କୁ ପଚାରିବାରେ ହିତାଧିକାରୀମାନଙ୍କୁ ଚଳିତ ମାସରୁ ରାଶନ ଚାଉଳ ପ୍ରଦାନ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କେବଳ ବହଳପଦର ପଞ୍ଚାୟତ ନୁହେଁ, ବୀରମହାରାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଶତାଧିକ ନୂତନ ରାଶନ କାର୍ଡଧାରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

## ପାଟଣେଶ୍ୱରୀଙ୍କ ଗମ୍ଭୀରା ମରାମତି ପାଇଁ କେଭିଙ୍କ ପ୍ରତିଶ୍ରୁତି



ବଲାଙ୍ଗିର,୧୦।୭(ସମିସ): ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ତଥା ୪୮ ପାଟର ଇଷ୍ଟ ଦେବୀ ହେଉଛନ୍ତି ମାଁ ପାଟଣେଶ୍ୱରୀ। ୧୮୭୨ ମସିହାରେ ବଲାଙ୍ଗିରରେ ରାଜଧାନୀ ସ୍ଥାପନ ହେଲାଦିନୁ ମାଁ ପାଟଣେଶ୍ୱରୀ ଦେବୀ ପୂଜା ପାଇ ଆସୁଛନ୍ତି। ୧୯୯୨ ମସିହାରେ ମାଁ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭୀରା ଘରେ ପରଭା ନିର୍ମାଣ ହୋଇଥିଲା। ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ପରଭାଟି ଭଗ୍ନ ଅବସ୍ଥାରେ ଅଛି। ଏଥିରେ ଫାଟ ସୃଷ୍ଟି ହୋଇଛି। ଦେବୀଙ୍କ ପ୍ରତିମୂର୍ତ୍ତିରେ ଚୁନ ପଥର ପଡୁଛି। ଏ ନେଇ ପ୍ରଶାସନ ସହ ଆଲୋଚନା ହୋଇଛି; ହେଲେ ଫଳ ଶୂନ। ଶେଷରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରିଛି। ମନ୍ଦିରର ବିଭିନ୍ନ ବିଷୟରେ ଆଲୋଚନା କରି ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଛି। ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥୀ, ଆଇନଜୀବୀ ଭବାନୀଶଙ୍କର ଭୋଇ, ଗୋପାଳଜୀ ପାଣିଗ୍ରାହୀ ପ୍ରମୁଖ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଏମାନେ ମନ୍ଦିରର ସମସ୍ୟା ଜଣାଇବା ସହ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏ ନେଇ ଉପମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

## ଲାୟନ୍ସ କ୍ଲବର ସମ୍ମାନ ସମାରୋହ

ବଲାଙ୍ଗିର,୧୦।୭(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଲାୟନ୍ସ କ୍ଲବ୍ ପକ୍ଷରୁ ନିକଟସ୍ଥ ମହାବୀର ପଞ୍ଚାୟତି ଧର୍ମଶାଳାରେ ଏକ ସମ୍ମାନ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ ସଦସ୍ୟ, ସମାଜସେବୀ, ଶୁଭେଚ୍ଛୁ ସାମ୍ବାଦିକ ଏବଂ ସହଯୋଗୀଙ୍କୁ ସମ୍ମାନିତ କରାଯାଇଛି। ସଞ୍ଜୟ ସୋନି, ଲାୟନ୍ସ ମମତା ଗୌତମ, ଯମୁନା ପ୍ରସାଦ ଗୋୟଲଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବ୍ ସଭାପତି ମନୀଷ




ଗୁପ୍ତା, ସମ୍ପାଦକ ଆବାସ ଖାନ, କୋଷାଧ୍ୟକ୍ଷ ରୋଷନ ଖମାରୀ, ଲିଓ କ୍ଲବ୍ ସଭାପତି ପ୍ରୀତମ ସାହୁ, ପୂର୍ବତନ ସଭାପତି ଲିଙ୍ଗରାଜ ସାହୁ, ଶମ୍ଭୁପ୍ରସାଦ ଗୋୟଲ, ଦୀପକ ପୃଷ୍ଟି, ସନ୍ତୋଷ ମହାନ୍ତି, ଗଙ୍ଗାଧର ଶର୍ମା, ପଙ୍କଜ ନାମଦେବ, ବିନୟ ଜୈନ, ବିନ୍ଦୁ ସାହୁ, ସୀମା ଗୋୟଲ, ସ୍ୱାତୀ ଗୋୟଲ, ଶୀତଳ ଗୋୟଲ, ମୁସ୍କାନ ଗୋୟଲ, ଅର୍ଚ୍ଚନା ଗୋୟଲ, ଶୈଳେଶ ଗୋୟଲ, ଉମେଶ କନୋଡ଼ିଆ, ପ୍ରତ୍ୟୁଷ ସାହୁ, ରାଧିକା ଗୌତମ, ବରିଷ୍ଠ ନାଗରିକ କମିଟି ସଭାପତି ରତ୍ନାକର ସାହୁ, ସମ୍ପାଦକ ଈଶ୍ୱର ଜୈନ ପ୍ରମୁଖ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କ୍ଲବ୍ ପକ୍ଷରୁ ୪ ଜଣ ଛାତ୍ରୀଙ୍କୁ ସାଇକଲ ବିତରଣ କରାଯାଇଥିଲା।

**ଦୁଇ ବନ୍ଧୁଙ୍କ ମୃତଦେହ ଉଦ୍ଧାର ଘଟଣା**

## ୫ ଦିନ ପରେ ବି ଅନ୍ଧାରରେ ପୁଲିସ

ବଲାଙ୍ଗିର,୧୦।୭(ସମିସ)

ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଭାଲୁଖାଇ ଗାଁରେ ଦୁଇ ବନ୍ଧୁଙ୍କ ମୃତଦେହ ଉଦ୍ଧାର ଘଟଣା ଏବେ ବି ଅନ୍ଧାରରେ ରହିଛି। ସାଙ୍ଗ ହୋଇ କେମିତି ଦୁଇ ବନ୍ଧୁଙ୍କ ଜୀବନ ଚାଲିଗଲା ତାହା ସନ୍ଦେହ ଏବଂ ପ୍ରଶ୍ନ ସୃଷ୍ଟି କରିଛି। ଶୋଇବା ଭଳି ଭଙ୍ଗିରେ ପଡିଥିବା ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ସେମାନେ ଆତ୍ମହତ୍ୟା କରିଛନ୍ତି ନା ହତ୍ୟା କରାଯାଇଛି ନା ଦୁର୍ଘଟଣାବଶତଃ ତାଙ୍କ ମୃତ୍ୟୁ ଘଟିଛି ତାହା ପୁଲିସ ମଧ୍ୟ ଠଉରାଇପାରିନି। ବ୍ୟବଚ୍ଛେଦ ରିପୋର୍ଟରୁ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନି। ଭିସେରା ପରୀକ୍ଷା ପାଇଁ ନମୁନା ଭୁବନେଶ୍ୱର ପଠାଯାଇଛି। ୫ ଦିନ ପରେ ବି ଦୁଇ ବନ୍ଧୁଙ୍କ ମୃତ୍ୟୁ ଘଟଣା ରହସ୍ୟ ହୋଇ ରହିଛି। ଗତ ୬ ତାରିଖରେ ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଭାଲୁଖାଇ ନିକଟସ୍ଥ ସାବୁନଭାଡିରେ ଥିବା ଏକ ପରିତ୍ୟକ୍ତ ଘରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉଭୟ ବନ୍ଧୁ ହୋଇଥିବା ବେଳେ ସେହିଦିନ ଉଭୟ ଗୋଟିଏ ବାଇକ୍‌ରେ ହିଁ ବାହାରେ ବୁଲାବୁଲି କରିଥିଲେ। ମୃତଦେହ ନିକଟରୁ ତାଙ୍କ ବାଇକ୍ ମଧ୍ୟ ଜବତ ହୋଇଛି। ମୃତ ଦୁଇ ବନ୍ଧୁ ହେଲେ ଖରବାହାଲି ଗାଁର କ୍ଷେତ୍ର ନିଆଲ(୨୮) ଓ ଫୁଲକାନି ଗାଁର କୁବେର ଭାଟି(୩୧)। ଉଭୟଙ୍କ ମୃତଦେହ ଫଗନୁ ମାଝୀଙ୍କ ଜମିରେ ଥିବା ଏକ ଗୁହାଳରୁ ପୁଲିସ ଜବତ କରିଥିଲା। ତେବେ ଗୋଟିଏ ସ୍ଥାନରୁ ଦୁଇ ଜଣଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହେବା ସମସ୍ତଙ୍କୁ ଚକିତ କରିଥିଲା। ସେମାନଙ୍କ ଶରୀରରେ କୌଣସି କ୍ଷତାକ୍ତ ଚିହ୍ନ ନ ଥିବା ବେଳେ ଶୋଇବା ଭଳି ଭଙ୍ଗିରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରୁ ସେମିତି କିଛି ସନ୍ଦେହଜନକ ସାମଗ୍ରୀ ମଧ୍ୟ ପୁଲିସ ଜବତ କରିନି। ତେବେ ଉଭୟ ବନ୍ଧୁଙ୍କ କେମିତି ମୃତ୍ୟୁ ଘଟିଲା ତାହା ସବୁଠାରୁ ବଡ ପ୍ରଶ୍ନ। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ ୫ ଦିନ ପରେ ବି ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଯଦି ସେମାନେ ଆତ୍ମହତ୍ୟା କରିଛନ୍ତି ତେବେ କେମିତି, କ'ଣ ଖାଇ ଆତ୍ମହତ୍ୟା କଲେ ସେ ସଂପର୍କିତ କିଛି ସାମଗ୍ରୀ ମଧ୍ୟ ପୁଲିସ ପାଇନାହିଁ। ଯଦି ସେମାନଙ୍କୁ ହତ୍ୟା କରାଯାଇଛି ତେବେ ଶରୀରରେ କୌଣସି କ୍ଷତାକ୍ତ ଚିହ୍ନ ନାହିଁ। ଏଣୁ ଆକ୍ରମଣ ହୋଇ ନ ଥିବା ଏକ ପ୍ରକାର ସ୍ପଷ୍ଟ। ତେବେ କେମିତି ତାଙ୍କୁ ହତ୍ୟା କରାଗଲା, କିଛି ଖାଇବାକୁ ଦେଇ ହତ୍ୟା କରାଯାଇଛି କି, ଯଦି ହତ୍ୟା କରାଯାଇଛି ତେବେ କିଏ ଏମିତି ଚାଲାକିର ସହ ହତ୍ୟା କରିଥାଇପାରେ, ହତ୍ୟାର କାରଣ କ'ଣ ହୋଇଥାଇପାରେ ଏମିତି ଅନେକ ପ୍ରଶ୍ନ ଏହି ଘଟଣାକୁ ରହସ୍ୟାବୃତ୍ତ କରିଚାଲିଛି। ଏନେଇ ସ୍ଥାନୀୟ ଥାନା ଅଧିକାରୀ ଅନନ୍ତ ପଧାନଙ୍କୁ ପଚାରିବାରୁ ବ୍ୟବଚ୍ଛେଦରୁ ସେମିତି କଣ ସ୍ପଷ୍ଟ ସୂଚନା ମିଳିନାହିଁ। ଦୁଇ ଜଣଙ୍କ ମୃତଦେହ ଉଦ୍ଧାର ହେବା ନିହାତି ଭାବେ ଏକ ଗୁରୁତର ଘଟଣା। ସେମାନଙ୍କ ଶରୀରରୁ ନିଶା ସାମଗ୍ରୀର ମଧ୍ୟ କିଛି ସଙ୍କେତ ମିଳିନି। ଶରୀରରେ ଗୋଟିଏ ସ୍ଥାନରୁ ବି କିଛି କ୍ଷତାକ୍ତ ଚିହ୍ନ ନାହିଁ। ଭୁବନେଶ୍ୱର ଭିସେରା ପରୀକ୍ଷା ପାଇଁ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ଯାହା ଜଣାପଡିବ ବୋଲି ସେ କହିଛନ୍ତି। ତାହା ନ ଆସିବା ପର୍ଯ୍ୟନ୍ତ ଏହା ହତ୍ୟା, ଆତ୍ମହତ୍ୟା ନା ଦୁର୍ଘଟଣା ଜନିତ ମୃତ୍ୟୁ ତାହା କହିହେବନାହିଁ ବୋଲି ଶ୍ରୀ ପଧାନ କହିଛନ୍ତି।

# ସରକାରୀ କର୍ମଚାରୀଙ୍କ ନାଁରେ ଭେଣ୍ଡର

**ଗୋଲାମୁଣ୍ଡା, ୧୦।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମରେ ଜଣେ ସରକାରୀ କର୍ମଚାରୀଙ୍କ ନାମରେ ଭେଣ୍ଡର ପଞ୍ଜୀକରଣ ହୋଇଥିବା ନେଇ ବିଭିନ୍ନ ମହଲରେ ଅନେକ ପ୍ରଶ୍ନ ଉଠିଥିବା ବେଳେ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି ଜୋର ଧରିଛି।

ଅଭିଯୋଗ ଅନୁଯାୟୀ, ଚିଚିଆ ଗ୍ରାମର ବୈକୁଣ୍ଠ ପଟେଲଙ୍କ ନାମରେ ଏକ ଭେଣ୍ଡର ପଞ୍ଜିକୃତ ରହିଛି। ସ୍ଥାନୀୟ ଲୋକଙ୍କ ଦାବି ହେଉଛି ଯେ, ବୈକୁଣ୍ଠ ପଟେଲ ଦୀର୍ଘ ପ୍ରାୟ ୧୨ରୁ ୧୩ ବର୍ଷ ଧରି ଗୋଲାମୁଣ୍ଡା ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୂଗୋଳ ଅଧ୍ୟାପକ(ପ୍ରଦର୍ଶକ) ଭାବେ ସରକାରୀ ଚାକିରିରେ କାର୍ଯ୍ୟରତ ଅଛନ୍ତି। ଏପରି ସ୍ଥିତିରେ ତାଙ୍କ ନାମରେ ଭେଣ୍ଡର ପଞ୍ଜିକରଣ ହୋଇଥିବା ଏବଂ ସେହି ଭେଣ୍ଡର ମାଧ୍ୟମରେ ବିଭିନ୍ନ ସରକାରୀ ଟଙ୍କା କାରବାର ହୋଇଥିବା ନେଇ ଅଭିଯୋଗ ଉଠିଛି। ଏହି ଅଭିଯୋଗ ପରେ ସ୍ଥାନୀୟ ଲୋକଙ୍କ ମନରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି। ଜଣେ ସରକାରୀ କର୍ମଚାରୀ ନିଜ ନାମରେ ଭେଣ୍ଡର ପଞ୍ଜୀକରଣ କରିପାରିବେ କି? ଯଦି ପଞ୍ଜୀକରଣ ହୋଇଥାଏ, ତେବେ ତାହା ପ୍ରଚଳିତ ସରକାରୀ ସେବା ନିୟମାବଳୀ ଓ ଆର୍ଥିକ ନିୟମ ସହ ସଙ୍ଗତିପୂର୍ଣ୍ଣ କି? ଏହି ଭେଣ୍ଡର ମାଧ୍ୟମରେ ସରକାରୀ କିମ୍ବା ପଞ୍ଚାୟତ ସ୍ତରରେ କୌଣସି କାରବାର ହୋଇଥିଲେ, ସେଥିରେ ସମସ୍ତ ନିୟମାବଳୀ ପାଳନ କରାଯାଇଥିଲା କି ନାହିଁ? ଏଭଳି ଅନେକ ପ୍ରଶ୍ନ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ମତ ହେଉଛି, ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ପ୍ରକାରର ଅନୁମାନ କିମ୍ବା ଚର୍ଚ୍ଚା ପରିବର୍ତ୍ତେ ସମ୍ପୃକ୍ତ ବିଭାଗ ପକ୍ଷରୁ ତଥ୍ୟଭିତ୍ତିକ ଯାଞ୍ଚ କରାଯିବା ଆବଶ୍ୟକ। ତଦନ୍ତରେ ଯଦି କୌଣସି ନିୟମ ଉଲ୍ଲଂଘନ ହୋଇଥିବା ପ୍ରମାଣିତ ହୁଏ, ତେବେ ପ୍ରଚଳିତ ଆଇନ ଓ ସରକାରୀ ନିୟମାବଳୀ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ।

ଅନ୍ୟପକ୍ଷରେ, ଯଦି ସମସ୍ତ ପ୍ରକ୍ରିୟା ନିୟମାନୁସାରେ ହୋଇଥାଏ, ତେବେ ସେ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦିଆଯିବା ଆବଶ୍ୟକ, ଯାହା ଦ୍ୱାରା ସାଧାରଣ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇପାରିବ। ଏ ନେଇ ଗୋଲାମୁଣ୍ଡା ବିଡ଼ିଓ ବିଶ୍ୱନାଥ ରାଉତଙ୍କୁ ଫୋନ ଯୋଗେ ପଚାରିବାରୁ ଜଣେ ସରକାରୀ କର୍ମଚାରୀଙ୍କ ନାଁରେ ଭେଣ୍ଡର ହେବ ନାହିଁ ତଦନ୍ତ ପରେ ଜଣା ପଡ଼ିବ ବୋଲି କହିଥିଲେ। ଜିଲ୍ଲାପାଳ ଏ ଦିଗରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ବିଦେଶୀ ମଦ ଦୋକାନକୁ ବିରୋଧ



**କେସିଙ୍ଗା, ୧୦।୭(ସମିସ):** ଗତ ୧୫ ଦିନ ଧରି କେସିଙ୍ଗାରେ ଚର୍ଚ୍ଚାର ବିଷୟ ପାଲଟିଥିବା ନିଶାନ୍ତ ବାର ( ବିଦେଶୀ ମଦ ଦୋକାନ) ମାମଲା ବର୍ତ୍ତମାନ ପହଞ୍ଚିଛି ଜିଲ୍ଲା ସଦରମହକୁମା ଭବାନୀପାଟଣାରେ। ଗତ ଦୁଇଦିନ ତଳେ ଉକ୍ତ ମାମଲା କେସିଙ୍ଗା ଥାନା ପର୍ଯ୍ୟନ୍ତ ଯାଇଥିବା ବେଳେ ଆଜି ତାହା ଉପ ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପାଖରେ ପହଞ୍ଚିଛି।

ଏଠାରେ ପ୍ରକାଶ ଥାଉକି, ଅଞ୍ଚଳର ବୁଦ୍ଧଜୀବୀ ଏବଂ ସଚେତନ ନାଗରିକ ନିଶାନ୍ତବାରକୁ ନୁହେଁ ବରଂ ଉକ୍ତ ବାର୍ ଆର୍ଏମ୍‌ସିର ଶେଷ ମୁଣ୍ଡରୁ କେସିଙ୍ଗା-ଟିଟଲାଗଡ଼ ରାସ୍ତା ଓମନଗରପଡ଼ାକୁ ସ୍ଥାନାନ୍ତର ହେଉଛି ବୋଲି ବିରୋଧ ହେଉଛି। କାରଣ ନିଶାନ୍ତବାର ସ୍ଥାନାନ୍ତରିତ ହେଉଥିବା ସ୍ଥାନଟି ଓମନଗର ଓ ଗାୟତ୍ରୀନଗରର ଅତି ନିକଟବର୍ତ୍ତି ଓ କେସିଙ୍ଗା ଓ ଟିଟଲାଗଡ଼ର ବେପାରୀଙ୍କ ନିତିଦିଆ ରୋଜଗାରର ବାଟ ସାଙ୍ଗକୁ କେସିଙ୍ଗା ବାସୀଙ୍କ ଏକ ମାତ୍ର ବୁଲିବାର ସ୍ଥାନ ହୋଇଥିବାରୁ ସକାଳୁ ରାତି ଯାଏଁ ଉକ୍ତ ରାସ୍ତା ଭିଡ଼ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ଉକ୍ତ ସ୍ଥାନରେ ବାର ଖୋଲିବା ଦ୍ୱାରା ପଥଚାରୀ ହେଉ କିମ୍ବା ଏକୁଟିଆ ଉକ୍ତ ରାସ୍ତାରେ ଆଗକୁ କେସିଙ୍ଗାର ସେଲ୍‌ଫିଫି ପଏଣ୍ଟ କିମ୍ବା ତେଲନଦୀ କୂଳକୁ ବୁଲାବୁଲି କରି ଯାଉଥିବା କେସିଙ୍ଗାବାସୀଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ବିରୋଧ ବଢ଼ିବାରେ ଲାଗିଛି।

ସେଥିପାଇଁ ଆଜି ସମସ୍ତ ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଭବାନୀପାଟଣା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ ସାଙ୍ଗକୁ ନିଶାନ୍ତ ବାର୍‌କୁ ଉକ୍ତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଅନୁମତି ନ ଦେବାକୁ ଅଧୀକ୍ଷକଙ୍କୁ ଅନୁରୋଧ କରିବା ସହ ଜିଲ୍ଲାର ଅନ୍ୟ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ଉତ୍ପାତ କରୁଥିବା ବାର୍‌ହା ଉଦ୍ଧାର

**ନୂଆପଡ଼ା/କୋମନା, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା ସଦର ରେଞ୍ଜ ପଞ୍ଚମପୁର ଗାଁରେ ଆତଙ୍କ ଖେଳାଇଥିବା ବାର୍‌ହାକୁ କାବୁ କରିଛି ବନବଭାଗ। ବାର୍‌ହାଟି ପଞ୍ଚମପୁର ଧାନ ମଣ୍ଡିରେ ଧାନ ଖାଇ ଲୁଚିଥିବାବେଳେ ସ୍ଥାନୀୟ ଲୋକେ ନୂଆପଡ଼ା ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାର୍‌ହାଟିକୁ କାବୁ କରି ନିଜ କାର୍ଯ୍ୟାଳୟକୁ ନେଇ ଚିକିତ୍ସା ପରେ ଜଙ୍ଗଲରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

# ଯୋଗିବାହାଲ ସ୍କୁଲରୁ କଣ୍ଟାବାଡ଼ ହଟାଇଲା ପୁଲିସ

**ନୂଆପଡ଼ା/ସିନାପାଲି, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଯୋଗିବାହାଲ ବିଦ୍ୟାଳୟରେ ନିଜର ଜାଗା ଦାବି କରିବା ସହ ପରିବାରର ସଦସ୍ୟଙ୍କୁ ଚାକିରି ଦେବା ନେଇ ବିଦ୍ୟାଳୟ ରାସ୍ତାରେ କଣ୍ଟା ବାଡ଼ ପୋତିବା ଘଟଣାର କୌଣସି ସମାଧାନ ହୋଇ ପାରିନଥିଲା। ସିନାପାଲି ପୁଲିସ ପହଞ୍ଚି କଣ୍ଟା ବାଡ଼ ହଟାଇ ଶିକ୍ଷାଦାନ ସ୍ୱାଭାବିକ କରିଛି। ସ୍ଥାନୀୟ ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା ଓ ସିନାପାଲି ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝି ପହଞ୍ଚି ବୁଝାସୁଝା କରିବା ପରେ ମଧ୍ୟ ବୁଝି ନ ଥିବା ଜଣାପଡ଼ିଛି। ଜିଲ୍ଲାପାଳ ହସ୍ତକ୍ଷେପ କରି ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆମ୍ବୁଲାନ୍ସରେ ନାବାଳିକାଙ୍କ ମୃତ୍ୟୁ ଘଟଣା

# ରାସ୍ତାକୁ ଓହ୍ଲାଇଲା ବିଜୁ ଜନତା ଦଳ

**ଭବାନୀପାଟଣା, ୧୦।୭(ସମିସ)**

ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିଗୁଡୁଛି। ସରକାର ଆମ୍ବୁଲାନ୍ସର ରଙ୍ଗ ବଦଳାଇଦେଲେ କିନ୍ତୁ ରକ୍ଷଣାବେକ୍ଷଣ କଥା ଭୁଲିଗଲେ। ସାମାନ୍ୟ ଚକା ପଞ୍ଚର ପାଇଁ ଜଣେ କୁନି ଝିଅର ଜୀବନ ଚାଲିଗଲା। ଯାହା ସମଗ୍ର କଳାହାଣ୍ଡି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ବଖାଣୁଛି।

**ମୃତ ରିୟାଙ୍କ ପରିବାରଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି**

**ଆମ୍ବୁଲାନ୍ସ ରଙ୍ଗ ବଦଳିଲା, ରକ୍ଷଣାବେକ୍ଷଣ ହେଉନାହିଁ**

ଏହାର ପ୍ରତିବାଦରେ ଆଜି ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛି ବିଜୁ ଜନତାଦଳ। ସରକାରୀ ଅବହେଳା ପାଇଁ ପ୍ରାଣ ହରାଇଥିବା କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ତୁଳାପଡ଼ାର ଡିଙ୍ଗର ନାଏକଙ୍କ ମୃତ ନାବାଳିକା ଝିଅ ରିୟା ନାଏକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା, ଏହାର କଳାହାଣ୍ଡି ଜିଲ୍ଲା ଅଧିକାରୀ ଓ ଅବହେଳା ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେଡି।

ବିଜେଡି କହିଛି, ରାଜ୍ୟରେ ବିଜେପି ସରକାର ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନରେ ମସ୍‌ଗୁଲ୍ ଥିବାବେଳେ ଆମ୍ବୁଲାନ୍ସରେ ଶିଶୁ କନ୍ୟାର ଜୀବନ ଚାଲିଯିବା ଏକ ଲଜ୍ଜାଜନକ ଘଟଣା। କଳାହାଣ୍ଡି ଜିଲ୍ଲାରେ ବିକାଶର ଧାରା ବହିବା ପରିବର୍ତ୍ତେ ସ୍ୱାସ୍ଥ୍ୟସେବାର ବିନାଶର ଚିତ୍ର ନଜରକୁ ଆସିଛି। ବିଜୁ ଜନତା ଦଳ ସରକାର ସମୟରେ ୨୪ଘଣ୍ଟିଆ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ପରିଚାଳନାଗତ ଅପାରଗତା ଯୋଗୁଁ ନାବାଳିକା ରିୟା ନାଏକ(୧୧)ଙ୍କ ଜୀବନ ଯାଇଛି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିବାବେଳେ ଆମ୍ବୁଲାନ୍ସର ଟାୟାର ପଞ୍ଚର ହେବା, ଦୁର୍ବଳ ଷ୍ଟେପିନ୍ ଟାୟାର କାମ ନଦେବାରୁ ଦୀର୍ଘ ତିନିଘଣ୍ଟା ଆମ୍ବୁଲାନ୍ସରେ ପଡ଼ି ନାବାଳିକାଙ୍କ ଜୀବନ ଚାଲିଥିବା ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି। ଆମ୍ବୁଲାନ୍ସର ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା, ସେମାନଙ୍କ ଅଧିକାରୀ ଓ କର୍ମଚାରୀ ତଥା ସେମାନଙ୍କୁ ମନିଟରିଂ କରିବାରେ ଅବହେଳା ଯୋଗୁଁ ଏଭଳି ଅମାନବୀୟ ଘଟଣା ଘଟିଲା ବୋଲି ଅଭିଯୋଗ କରିଛି ଦଳ। ସ୍ୱାସ୍ଥ୍ୟବିଭାଗ ତଥା ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥାର ଏହି ଗୁରୁତର ତ୍ରୁଟି ଓ ଅବହେଳା ଅକ୍ଷମଣୀୟ ବୋଲି ଦଳ କହିଛି।






ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ନିର୍ଦ୍ଦେଶକ୍ରମେ ତଥା ବରିଷ୍ଠ ଉପସଭାପତି ଧର୍ମେନ୍ଦ୍ର ନାଏକଙ୍କ ଆହ୍ୱାନରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଉପସ୍ଥିତ ରହି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସମ୍ମୁଖରେ ବିଧାୟିକା ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ଦୃଢ଼ ନିନ୍ଦା କରିବା ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ବିଭାଗୀୟ କର୍ମଚାରୀଙ୍କ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏଥିସହିତ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ବ୍ୟାପକ ଅବ୍ୟବସ୍ଥା ନେଇ ଆଗାମୀ ବିଧାନସଭାରେ ସ୍ୱର ଉଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ପ୍ରଦୀପ ମୁଣ୍ଡ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ସାମନ୍ତ ଖମାରୀ, ଧବଳେଶ୍ୱର ମହାପାତ୍ର, ପ୍ରଦୀପ ପ୍ରଧାନ, ସେନାପତି ନାଏକ, ରାଜୀବ ଶତପଥୀ, ବିଜୟ ମାଝୀ, ରବି ନାଏକ, ସବିତା ରାଉତ, ଗିରିଜା ଗହୀର, କାଦିର ଖାଁ, ନଳିନୀ ପଟ୍ଟନାୟକ, ବରକତ ଖାଁ, ପ୍ରେମରଞ୍ଜନ ପାଣିଗ୍ରାହୀ, ଶେଖ ମୁନାୱର, ହୃଷୀକେଶ ସାହୁ, ମହମ୍ମଦ ଇଲିୟାସ, ଖଗେଶ୍ୱର ବାଗ୍, ଦୁର୍ଯ୍ୟ ବଗର୍ତ୍ତୀ, ଗୋବିନ୍ଦ ତାଣ୍ଡି, ସୁଦର୍ଶନ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ାରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ସମୀକ୍ଷା

# ଲକ୍ଷପତି ଦିଦି ସୃଷ୍ଟି, ବ୍ୟାଙ୍କ ଲିଙ୍କେଜ୍ ଓ ପ୍ରବାସୀ ପରିବାରର ଜୀବିକା ସଶକ୍ତୀକରଣ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ନୂଆପଡ଼ା/ସିନାପାଲି, ୧୦।୭(ସମିସ):** ନୂଆପଡ଼ା ଜିଲ୍ଲାରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ (ଓଏଲ୍ଏମ୍) ଅଧୀନରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନାର ଜିଲ୍ଲାସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ ଗୁରୁବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ବିଭିନ୍ନ କାର୍ଯ୍ୟକ୍ରମର ବ୍ଲକଭିତ୍ତିକ ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଜିଲ୍ଲାର ୯, ୨୭୧ଟି ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୯, ୦୫୩ଟି (୯୮ ପ୍ରତିଶତ) ଏବଂ ୯୮୨ଟି ସକ୍ରିୟ ସିଏଲ୍ଏଫ୍ ମଧ୍ୟରୁ ୯୭୦ଟି (୯୯ ପ୍ରତିଶତ)ର ପ୍ରୋଫାଇଲ୍ ଅପଡେଟ୍ ସମ୍ପୂର୍ଣ୍ଣ ହୋଇଛି। ଏହାକୁ ଶତପ୍ରତିଶତରେ ପହଞ୍ଚାଇବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଜିଲ୍ଲାର ୩୭, ୫୩୬ ଜଣଙ୍କ ଲକ୍ଷ୍ୟ ବିପରୀତ ୩୬, ୯୫୬ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇ ୯୮ ପ୍ରତିଶତ ସଫଳତା ହାସଲ ହୋଇଥିବାବେଳେ ମହା ଲକ୍ଷପତି ଦିଦି ସୃଷ୍ଟି ପାଇଁ ୧୦୦ ଜଣଙ୍କ ଲକ୍ଷ୍ୟ ବିପରୀତ ୧୧୮ ଜଣଙ୍କୁ ଚିହ୍ନଟ କରାଯାଇଛି। ଚଳିତ ବର୍ଷରେ ଅଧିକରୁ ଅଧିକ ମହିଳାଙ୍କୁ ଲକ୍ଷପତି ଦିଦିରେ ପରିଣତ କରି ସେମାନଙ୍କ ଆର୍ଥିକ ସ୍ୱାବଲମ୍ବନକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।


ବ୍ୟାଙ୍କ ଲିଙ୍କେଜ୍ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ୧, ୩୬୮ଟି ଋଣ ଆବେଦନ ବ୍ୟାଙ୍କକୁ ପ୍ରେରଣ କରାଯାଇଥିବାବେଳେ ୧, ୦୩୭ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରାୟ ୫୨.୧୭ କୋଟି ଟଙ୍କା ଋଣ ବିତରଣ କରାଯାଇଛି। ବ୍ୟାଙ୍କସ୍ତରରେ ବିଚାରାଧୀନ ଆବେଦନଗୁଡ଼ିକର ଶୀଘ୍ର ନିଷ୍ପତ୍ତି ପାଇଁ ସମନ୍ୱୟ ବୃଦ୍ଧି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



ପ୍ରବାସ ରୋକିବା ଓ ସ୍ଥାନୀୟ ଜୀବିକା ସଶକ୍ତୀକରଣ କ୍ଷେତ୍ରରେ ଜୁନ୍ ମାସରେ ଜିଲ୍ଲାରେ ୩୩୦ଟି ପ୍ରବାସୀ ପରିବାରକୁ ମୋଟ ୭୩.୬୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସମୀକ୍ଷାରେ ଜଣାପଡ଼ିଥିଲା ଯେ, ଜିଲ୍ଲାର ୫୧ଟି ମିଶନ ଶକ୍ତି ରିଟେଲ୍ ମାର୍ଟ ମଧ୍ୟରୁ ୪୭ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ୩୫ଟି ଜିପିଏଲ୍ଏଫ୍ ଭବନ ମଧ୍ୟରୁ ୧୦ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କୁଲିଆବନ୍ଧା ଗ୍ରାମର ଥନ୍ଧାବାଇ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଜଣେ ପ୍ରବାସୀ ଶ୍ରମିକ ଥିବା ଥନ୍ଧାବାଇ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ସହଯୋଗରେ ନିଜ ଗ୍ରାମରେ ସ୍ୱାବଲମ୍ବୀ ଜୀବିକା ସୃଷ୍ଟି କରି ସଫଳତାର ଉଦାହରଣ ପାଲଟିଛନ୍ତି। ସେହିପରି ଆମସେନା ଗ୍ରାମର ସଫଳ ଲକ୍ଷପତି ଦିଦି ସୁନୀତା ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ବୈଠକରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ, ଲିଡ୍ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଲ, ସମସ୍ତ ବ୍ଲକ ପ୍ରକଳ୍ପ ସଂଯୋଜକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେହାଲ୍ ଛିଲିପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଳାର୍ଣ୍ଣବ





**ଧର୍ମଗଡ଼, ୧୦।୭(ସମିସ):** ସାମାନ୍ୟ ବର୍ଷାରେ ଧର୍ମଗଡ଼ ବ୍ଲକ ଛିଲିପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ବେହାଲ ହୋଇପଡ଼ିଛି। ସମ୍ପୂର୍ଣ୍ଣ ସ୍କୁଲ ପରିସର ଜଳମଗ୍ନ ହୋଇଯାଇଛି। ବିଦ୍ୟାଳୟ ପ୍ରବେଶ ପଥଠାରୁ ଆରମ୍ଭ କରି ଶ୍ରେଣୀଗୃହ ଏବଂ କାର୍ଯ୍ୟାଳୟ ଭିତରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସ୍କୁଲ ପ୍ରାଙ୍ଗଣରେ ପ୍ରାୟ ଆଣ୍ଠୁଏ ପାଣି ଜମି ରହିଛି। ଏଭଳି ପରିସ୍ଥିତିରେ କୋମଳମତି ଛାତ୍ରଛାତ୍ରୀମାନେ ପାଣିରେ ପଶି ବିପଦପୂର୍ଣ୍ଣ ଭାବେ ସ୍କୁଲକୁ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ସେହିପରି ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କ କାର୍ଯ୍ୟାଳୟ (ଅଫିସ୍ ରୁମ୍) ଭିତରେ ମଧ୍ୟ ପାଣି ପଶିଯାଇଛି। ଚେୟାର, ଟେବୁଲ୍ ଏବଂ ଆଲମାରୀ ସବୁ ପାଣିରେ ବୁଡ଼ି ରହିଥିବା ବେଳେ ଜରୁରୀକାଳୀନ କାଗଜପତ୍ର ଓ ଦସ୍ତାବିଜ୍ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ସାମାନ୍ୟ ବର୍ଷାରେ ଯଦି ସ୍କୁଲର ଏଭଳି ଅବସ୍ଥା ତେବେ ଆଗକୁ ବଡ଼ବର୍ଷା ହେଲେ କ'ଣ ହେବ ସେନେଇ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ଚିନ୍ତାରେ। ସ୍କୁଲରେ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ବାରମ୍ବାର ଉପୁଜୁଥିବା ଅଭିଯୋଗ ହେଉଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୂଆ ସ୍କୁଲ କମିଟି ଗଠିତ

**କେସିଙ୍ଗା, ୧୦।୭(ସମିସ):** କେସିଙ୍ଗା ବ୍ଲକ ବୋରିଆ କ୍ଲଷ୍ଟରର ବହାଦୁରପଦର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଭୋଇଙ୍କ ଅଧକ୍ଷତାରେ ସ୍କୁଲ ପରିଚାଳନା କମିଟି ଗଠିତ ହୋଇଛି। ସଭାପତି ଭାବେ ଉର୍ମିଳା ବଗର୍ତ୍ତୀ ଏବଂ ଉପସଭାପତି ହେମରାଜ ଭାଟିଙ୍କୁ ଚୟନ କରାଯାଇଥିଲା। ଲିଲି ଯାନୀ, ପ୍ରେମଶିଳା ଭାଟି, ଝିଲି ଶିଖା, ସୁନିତା ପୋଡ଼, ଜିତେନ୍ଦ୍ର ରଣା, ହେମସାଗର ମାଝୀ, ଲଳିତ ପୋଡ଼, ଲୋକନାଥ ପୋଡ଼, ଭରତ ବାଗ ପ୍ରମୁଖଙ୍କୁ ନେଇ ୧୫ ଜଣିଆ କମିଟି ଗଠିତ ହୋଇଥିଲା।

# ପୋଖରୀରୁ ଶବ ଉଦ୍ଧାର

**ନୂଆପଡ଼ା/କୋମନା, ୧୦।୭(ସମିସ):** ନୂଆପଡ଼ା ଜିଲ୍ଲା ସଦର ଥାନା ରତିପାଲି ଗାଁ ପୋଖରୀରେ ଜଣେ ଯୁବକଙ୍କ ଶବ ଭାସୁଥିବା ଖବର ପାଇ ନୂଆପଡ଼ା ସଦର ପୁଲିସ ପହଞ୍ଚି ଥିଲା। ପରେ ଅଗ୍ନିଶମ ବାହିନୀ ଆସି ପୋଖରୀରୁ ଶବ ଉଦ୍ଧାର କରିଥିଲେ। ମୃତକ ଜଣକ ନିକଟସ୍ଥ ସିରତୋଲ ଗାଁର ରୋହିତ ବିଭାର ବୋଲି ଜଣାପଡ଼ିଥିଲା। ସେ କେମିତି ରତିପାଲି ଗାଁ ପୋଖରୀକୁ ଆସିଲେ, କେମିତି ତାଙ୍କ ମୃତ୍ୟୁ ହେଲା ସନ୍ଦେହ ସୃଷ୍ଟି କରୁଛି। ପୁଲିସ ଶବ ଜବତ କରି ଅଧିକ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ପୁଲିସ କହିଛି।

# କାର୍-ଟ୍ରକ୍ ମଧ୍ୟରେ ଧକ୍କା

**ଗୋଲାମୁଣ୍ଡା, ୧୦।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରୀ ଗାଁ ନିକଟରେ ଏକ କାର୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଓଡି ୦୮ ଡବ୍ଲ୍ୟୁ ୩୬୯୯ ନମ୍ବର ବିଶିଷ୍ଟ କାର୍ ସହ ଟିଏନ୍ ୫୨ ଆର୍ ୪୬୦୩ ନମ୍ବର ବିଶିଷ୍ଟ ଟ୍ରକ୍‌ର ଧକ୍କା ହୋଇଥିଲା। ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇ ନ ଥିବା ବେଳେ କାର୍‌ର ଡାହାଣ ପାର୍ଶ୍ୱ ଟ୍ରକ୍ ସହ ଘଷି ହୋଇ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଗୋଲାମୁଣ୍ଡା ପୁଲିସ ପହଞ୍ଚି କାର ଓ ଟ୍ରକ୍‌କୁ ଜବତ କରିବା ସହ କେସ୍ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା ସୂଚନା ଦେଇଛନ୍ତି।

# ଆନ୍ଧ୍ରରେ କରୋନା ଆତଙ୍କ; ଭୟରେ ପଶ୍ଚିମଓଡ଼ିଶାବାସୀ

## ଆନ୍ଧ୍ରପ୍ରଦେଶରୁ ଫେରୁଛନ୍ତି ହଜାର ହଜାର ଦାଦନ ଶ୍ରମିକ

**ନୂଆପଡ଼ା/ ସିନାପାଲି, ୧୦।୭(ସମିସ)**

ଆନ୍ଧ୍ରପ୍ରଦେଶରେ ମାରାତ୍ମକ କରୋନା ଭାଇରସ ଆତଙ୍କ ଖେଳାଉଥିବା ବେଳେ ଏବେ ନୂଆପଡ଼ା ଜିଲ୍ଲା ସମେତ ସାରା ପଶ୍ଚିମ ଓଡ଼ିଶାରେ ଚିନ୍ତା ଘାରିଛି। ପଶ୍ଚିମଓଡ଼ିଶାର ଅନେକ ଅଞ୍ଚଳରୁ ହଜାର ହଜାର ଦାଦନ ଶ୍ରମିକ ଆନ୍ଧ୍ରର ଇଟାଭାଟିରେ କାମ କରୁଥିବାବେଳେ ବର୍ତ୍ତମାନ ଘରକୁ ଫେରିବାରେ ଲାଗିଛନ୍ତି।



ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ମୁକ୍ତ ଜିଲ୍ଲା କରିବାକୁ ଜିଲ୍ଲାପାଳ ଅନେକ କାର୍ଯ୍ୟ ହାତକୁ ନେଇଥିଲେ ମଧ୍ୟ ଦାଦନ ଉପରେ ରୋକ୍ ଲାଗିପାରୁନାହିଁ। ଶହ ଶହ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଫେରୁଥିବାରୁ ଓଡ଼ିଶାରେ ମଧ୍ୟ କରୋନା ବ୍ୟାପିବାର ଆଶଙ୍କା ରହିଛି। ତେଣୁ ସରକାର ତଥା ପ୍ରଶାସନ ସଜାଗ ରହିବାର ଆବଶ୍ୟକତା ରହିଛି।

ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲାରୁ ବିଗତ ବର୍ଷ ଅପେକ୍ଷା ଗତବର୍ଷ ବହୁ ମାତ୍ରାରେ ଦାଦନ ଶ୍ରମିକ ଦଲାଲଙ୍କ ଜରିଆରେ ଚାଲାଣ ହୋଇଥିଲେ। ଏମାନେ ଗତ ଅକ୍ଟୋବର-ନଭେମ୍ବର ମାସରେ ବାହାରି ଦୀର୍ଘ ୭/୮ ମାସ କାମ କରିବା ପରେ ବର୍ଷା ଋତୁ ଆରମ୍ଭରୁ ଘର ବାହୁଡ଼ା ହୁଏ। ବର୍ତ୍ତମାନ ଆନ୍ଧ୍ରପ୍ରଦେଶରୁ ଆସୁଥିବା ବିଭିନ୍ନ ବସ ଓ ଟ୍ରେନ୍‌ରେ ସେମାନେ ଘରକୁ ଫେରିବାରେ ଲାଗିଛନ୍ତି। ସେମାନେ ସେଠିକାର ସ୍ଥାନୀୟ ଲୋକଙ୍କ ସଂସ୍ପର୍ଶରେ ରହିଥିବାବେଳେ ଏବେ ରୋଗ ନେଇ ଫେରୁଥିବା ଆଲୋଚନା ହେଉଛି।

ଆନ୍ଧ୍ରପ୍ରଦେଶ ରାଜ୍ୟର କଡ଼ାପା ଅଞ୍ଚଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତିରୁପତି ଅଞ୍ଚଳରେ ୫ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ଏହି ଅଞ୍ଚଳରେ ନୂଆପଡ଼ା ଜିଲ୍ଲାର ଅନେକ ଲୋକ ଏବେ ବି କାମ କରୁଛନ୍ତି। ଅନେକ ଲୋକ ଇଟା ଗଢ଼ିବା ଓ ବୋହିବା କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ ତିରୁପତି ଅଞ୍ଚଳରେ ଘର ମିସ୍ତ୍ରୀ ଓ କୁଲି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। କରୋନା ଭାଇରସ ଚିହ୍ନଟ ପରେ ପରିବାର ଲୋକେ ଫୋନ ଯୋଗେ ଯୋଗାଯୋଗ କରି ଘରକୁ ଫେରିଆସିବାକୁ କହୁଛନ୍ତି। ୨୦୧୯ରୁ ଦୀର୍ଘ ୩ବର୍ଷ ଧରି ସାରା ବିଶ୍ୱରେ ଆତଙ୍କ ଖେଳାଇ ହଜାର ହଜାର ମୁଣ୍ଡ ନେଇଥିବା କରୋନା ପୁଣି ଫେରିଥିବା ବେଳେ ଲୋକେ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ରହିବା ସ୍ୱାଭାବିକ। ତେବେ ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନ ଏବେଠାରୁ ସତର୍କ ରହିବା ଜରୁରୀ ହୋଇପଡ଼ିଛି।

# ନର୍ଲା ବ୍ଲକରେ ସମନ୍ୱୟ ଓ ଯୋଜନା ବୈଠକ

**ମ.ରାମପୁର, ୧୦।୭(ସମିସ):** ମହାଶକ୍ତି ଫାଉଣ୍ଡେସନର ଆନୁକୂଲ୍ୟରେ ଆଜି ନର୍ଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ 'ସମନ୍ୱୟ ଓ ଯୋଜନା ସଂଗ୍ରହିକରଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଉଦ୍ଦେଶ୍ୟ ଥିଲା ବିଭିନ୍ନ ସରକାରୀ ବିଭାଗ, ପଞ୍ଚାୟତ ଅନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଯୋଜନା ଗୁଡିକର ସୁଫଳ ଅଧିକରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା।




ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଶିଶିର କୁମାର ବିଶୋଇ ଦୀପ ପ୍ରଜ୍ୱଳନ ପୂର୍ବକ ବୈଠକର ଶୁଭ ଉଦଘାଟନ କରିଥିଲେ। ଶ୍ରୀ ବିଶୋଇ ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟ ରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କଲେ ହିଁ କାର୍ଯକ୍ରମ ଗୁଡିକର ସଫଳ ରୂପାୟନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏସବିଆଇ ଫାଉଣ୍ଡେସନର ସହାୟତାରେ ନର୍ଲା ବ୍ଲକରେ ଚାଲିଥିବା ଜଳବାୟୁ ସହଣୀ ପ୍ରାକୃତିକ କୃଷି ସମ୍ପର୍କୀୟ କାର୍ଯ୍ୟକ୍ରମ ବିଷୟରେ ମହାଶକ୍ତି ଫାଉଣ୍ଡେସନ୍‌ର ପ୍ରକଳ୍ପ ସଂଯୋଜକ ସୀମାଞ୍ଚଳ ପଟ୍ଟନାୟକ ଉପସ୍ଥାପନା କରିଥିଲେ। ବୈଠକରେ ସହକାରୀ କୃଷି ଅଧିକାରୀ, ନର୍ଲା ପ୍ରବୀଣ କୁମାର ସାହୁ, ଓଡ଼ିଶା ଜୀବିକା ମିଶନ (ଓଏଲ୍ଏମ୍)ର ବିପିଏମ୍ ସନତ କୁମାର ସାହୁ ତଥା ମୃତ୍ତିକା ସଂରକ୍ଷଣ ବିଭାଗ, ଜଙ୍ଗଲ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ, କୃଷି ବିଭାଗର ପ୍ରତିନିଧି ତଥା ବାଲିଶୀଙ୍ଗା ସରପଞ୍ଚ ପୂଜା ସାରିନୋଭା ସ୍ୱାଇଁ ଏବଂ ପ୍ରଗତି ଚାଷୀ କୃଷକ ଉତ୍ପାଦକ କମ୍ପାନୀର ପ୍ରତିନିଧି ବୈଠକରେ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହାଶକ୍ତି ଫାଉଣ୍ଡେସନର ବରିଷ୍ଠ ପରିଚାଳକ ସୁଶାନ୍ତ କୁମାର ସାହୁ ବୈଠକ ପରିଚାଳନା କରିଥିବା ବେଳେ ହିମାଂଶୁ ଶେଖର ବେହେରା, ଶ୍ୱେତା ଷଡ଼ଙ୍ଗୀ, ମନୋଜ କୁମାର ରଣା ଏବଂ ହିମାଚଳ ନାଗ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ THE SAKALA

## ଜନ-ସଙ୍କୋଚନ

ଯୁବଶକ୍ତିର ଦେଶ ଭାବେ ବିଶ୍ୱରେ ପରିଚୟ ଲାଭ କରିଥିବା ଭାରତର ଅଦୃଶ୍ୟ ସଙ୍କଟ ତାହାର ଜନସାଂଖ୍ୟିକ ସ୍ଥିତି ମଧ୍ୟରେ ଲୁଚି ରହିଛି। ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଏକପକ୍ଷରେ ବୟସ୍କଙ୍କ ସଂଖ୍ୟା ବଢୁଥିବା ବେଳେ ଜନ୍ମହାର ବା ପ୍ରଜନନ ହାର ହ୍ରାସ ପାଇଚାଲିଛି। ଜନ୍ମହାର ବୃଦ୍ଧି ସପକ୍ଷରେ ଦକ୍ଷିଣ ଭାରତୀୟ ନେତାମାନେ ଗୁରୁତ୍ୱ ଦେଉଥିଲେ ହେଁ ତାହା ରାଜନୀତିର ଗଣ୍ଡି ଭିତରେ ସୀମିତ ରହିଯାଉଥିବାରୁ ଯଥୋଚିତ ଗୁରୁତ୍ୱ ଲାଭ କରିପାରୁନାହିଁ। ୧୪୫କୋଟି(ଆନୁମାନିକ) ବିଶାଳ ଜନବୋଝ, ୮୦ କୋଟି ପରିବାରକୁ ମାଗଣା ରାସନ୍ ବଣ୍ଟନ ସମେତ ଅନ୍ୟାନ୍ୟ ରିହାତି ଜନିତ ଭୋଟ-ରାଜନୀତିର ବାଧ୍ୟବାଧକତା ପୃଷ୍ଠଭୂମିରେ ପରିବାର ନିୟନ୍ତ୍ରଣ ବା ଜନ୍ମହାର ହ୍ରାସ ସପକ୍ଷରେ ମତ ପ୍ରକାଶ ପାଉଛି। ଅପରପକ୍ଷରେ ଏହି ମାନସିକତା ଓ ଧାରା ଜାରି ରହିଲେ ଆଗାମୀ ୨୫/୩୦ ବର୍ଷ ପରେ ଭାରତ ଯୁବଶକ୍ତିର ଅଭାବୀ ଦେଶ ଭାବରେ ପରିଗଣିତ ହେବା ଆଶଙ୍କାକୁ ଅସ୍ୱୀକାର କରିହେବ ନାହିଁ।

ସ୍ୱାଧୀନତା ପରେ ପରେ ଭାରତ ଆଗରେ ମୁଖ୍ୟ ଆହ୍ୱାନ ଥିଲା ଏହାର ବିଶାଳ ଜନସଂଖ୍ୟା। ଏକପକ୍ଷରେ ଦେଶ ବିଭାଜନ ଜନିତ ଅର୍ଥନୈତିକ ଦୁଃସ୍ଥିତି, ତିନିତିନିଟି ଯୁଦ୍ଧର ପ୍ରଭାବ, ବ୍ରିଟିଶ୍ ବିଧ୍ୱସ୍ତ ଭାରତୀୟ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ନୂଆ କରି ଗଢ଼ିବାର ଅଗ୍ରାଧିକାର କର୍ତ୍ତବ୍ୟ ସହିତ ଦେଶବାସୀଙ୍କୁ ଦୁଇଓଳି ଦୁଇମୁଠା ଖାଦ୍ୟ ଯୋଗାଣର ଅପରିହାର୍ଯ୍ୟ ଦାୟିତ୍ୱବୋଧ ମଧ୍ୟରେ ସମତୁଲତା ଆଣିବା ପାଇଁ ସେତେବେଳେ ପରିବାର ନିୟୋଜନ ବା ଜନ୍ମ ନିୟନ୍ତ୍ରଣକୁ ସରକାର ପ୍ରୋତ୍ସାହନ ଦେବା ନିତାନ୍ତ ଆବଶ୍ୟକ ଥିଲା। କିନ୍ତୁ ଏବେ ପରିସ୍ଥିତି ଓଲଟମୁହାଁ ହୋଇଛି। ଜନ୍ମହାର ବା ପ୍ରଜନନ ହାର ବୃଦ୍ଧି ପାଇଁ ବିଭିନ୍ନ ରାଷ୍ଟ୍ର ବିଭିନ୍ନ ଲୋଭନୀୟ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆନ୍ଧ୍ରପ୍ରଦେଶ ଦେଶର ପ୍ରଥମ ରାଜ୍ୟ ଭାବେ ତୃତୀୟ ସନ୍ତାନ ଜନ୍ମ ପାଇଁ ଦମ୍ପତିଙ୍କୁ ଉତ୍ସାହିତ କରିବାକୁ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛି।

ଅର୍ଥନୈତିକ ଓ ସାମାଜିକ ପ୍ରଗତି ସହିତ ଜନ୍ମ ଓ ମୃତ୍ୟୁ ହାର ହ୍ରାସ ପାଇବା ସ୍ୱାଭାବିକ। କିନ୍ତୁ ଏହା ଯେଉଁ ହାରରେ ହ୍ରାସ ପାଉଛି ତାହା ସମାଜ ବିଜ୍ଞାନୀମାନଙ୍କୁ ଚିନ୍ତିତ କରିଛି। ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱରେ ମଧ୍ୟ ସୃଷ୍ଟି ହୋଇସାରିଛି। ବୈଶ୍ୱିକ ସ୍ୱାଭାବିକ ପ୍ରଜନନ ହାର ୨.୧(ଜଣେ ମହିଳାଙ୍କ ପିଛା ହାରାହାରି ଜନ୍ମିତ ସନ୍ତାନ ୨ରୁ ଅଧିକ) ଧାର୍ଯ୍ୟ କରାଯାଇଛି। ୧୯୬୦ ବେଳକୁ ବୈଶ୍ୱିକ ସ୍ତରରେ ହାରାହାରି ପ୍ରଜନନ ହାର ୫.୩ ଥିବା ବେଳେ ୨୦୨୪ ବେଳକୁ ଏହା ୨.୨କୁ ହ୍ରାସ ପାଇଛି। ଏହି ସମୟ ଭିତରେ ଭାରତରେ ପ୍ରଜନନ ହାର ୫.୯ରୁ ୧.୯(ସଦ୍ୟତମ ନମୁନା ପଞ୍ଜୀକରଣ ତଥ୍ୟ)କୁ ହ୍ରାସ ପାଇଛି। ସାକ୍ଷରତା, ସଚେତନତା ବୃଦ୍ଧି ସହିତ ମହିଳାମାନେ ଅଧିକରୁ ଅଧିକ କର୍ମଜୀବୀ ହେବାର ଆକାଂକ୍ଷା ଏବଂ ଦରଦାମ ବୃଦ୍ଧି ଜନିତ ଆର୍ଥିକ ଚାପ ପ୍ରଜନନ ହାରକୁ ହ୍ରାସ କରୁଛି। ତେଣୁ ଜାପାନ୍, ଦକ୍ଷିଣ କୋରିଆ ଭଳି ବିକଶିତ ଦେଶମାନଙ୍କରେ ପ୍ରଜନନ ହାର ଯଥାକ୍ରମେ ୧.୧ ଓ ୦.୭ ରହିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ଦେଶମାନଙ୍କରେ ଏହା ହାରାହାରି ୪ରୁ ଅଧିକ ରହିଛି। ଏହାଛଡ଼ା ସାମାଜିକ ଗଣମାଧ୍ୟମର ପ୍ରଭାବ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ, ସାମାଜିକ-ଅର୍ଥନୈତିକ ଅସୁରକ୍ଷିତ ଭାବନା, ବୈଷୟିକ ଜ୍ଞାନକୌଶଳର ଦ୍ରୁତ ବିକାଶ ଆଦି ପ୍ରଜନନ ହାରକୁ ହ୍ରାସ କରିବାର ପ୍ରମୁଖ କାରକ।


ପ୍ରଜନନ ହାର ହ୍ରାସ ଯୋଗୁଁ ସମାଜରେ ଗୁରୁତର ବୟସଗତ ବୈଷମ୍ୟ ବଢ଼ିବାରେ ଲାଗିଛି। ଜୀବନର ପରିଣତ ବୟସରେ ଯୁବଶକ୍ତି ଉପରେ ନିର୍ଭରଶୀଳତା ଅନିବାର୍ଯ୍ୟ ଥିବା ବେଳେ ବିକଶିତ ଦେଶ ଓ ରାଜ୍ୟମାନଙ୍କରେ ପ୍ରଜନନ ହାର ହ୍ରାସ ଯୋଗୁଁ ବାର୍ଦ୍ଧକ୍ୟରେ ଦେଖାଶୁଣା କରିବାକୁ ଯୁବଶକ୍ତିର ଅଭାବ ରହୁଛି ଏବଂ ବାର୍ଦ୍ଧକ୍ୟ ଏକ ବୋଝ ପାଲଟି ଯାଉଛି। ଭାରତରେ ଏହି ସମସ୍ୟା ଆହୁରି ସାଂଘାତିକ ଓ ଉଦ୍‌ବେଗଜନକ। ଭାରତରେ ଏବେ ଜାତୀୟ ପ୍ରଜନନ ହାର ୧.୯ ରହିଥିଲେ ମଧ୍ୟ ସହରାଞ୍ଚଳରେ ଏହା ୧.୫ରେ ସୀମିତ ରହିଛି। ଦିଲ୍ଲୀରେ ୧.୨; କେରଳ, ତାମିଲନାଡୁ, ପଶ୍ଚିମବଙ୍ଗରେ ପ୍ରଜନନ ହାର (୧.୩) ଆମେରିକା, ଫିନ୍‌ଲାଣ୍ଡ, ଜାପାନ୍‌ଠାରୁ ମଧ୍ୟ କମ୍। ଅପରପକ୍ଷରେ ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଭଳି କିଛି ଉତ୍ତରଭାରତୀୟ ରାଜ୍ୟରେ ପ୍ରଜନନ ହାର ଜାତୀୟ ଧାର୍ଯ୍ୟ ହାରଠାରୁ ଅଧିକ। ପ୍ରଜନନ ହାରରେ ଏଭଳି ଆଞ୍ଚଳିକ ତାରତମ୍ୟ ଗୁରୁତର ମାନବ ସମ୍ବଳ-ବୈଷମ୍ୟ ସୃଷ୍ଟି କରିବା ସହିତ ହାରାହାରି ମୁଣ୍ଡପିଛା ଆୟ, ଟିକସ ରାଜସ୍ୱ ଆଦିର ସଂକୋଚନ ଜରିଆରେ ଅର୍ଥନୀତିକୁ ପ୍ରଭାବିତ କରିବା ପ୍ରାୟ ନିଶ୍ଚିତ। ପ୍ରଜନନ ହାରରେ ହ୍ରାସ ବା ଜନ-ସଂକୋଚନ ଆଗାମୀ ଦିନରେ ବିନିର୍ମାଣ, ସେବା, ଶିଳ୍ପ ଆଦି କ୍ଷେତ୍ରରେ ମଧ୍ୟ ଅନୁଭୂତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଭାରତରେ ୧୫ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ୬୦ ବର୍ଷରୁ ଅଧିକ ହୋଇଥିବା ବେଳେ ୨୦୫୦ ସୁଦ୍ଧା ଏମାନଙ୍କ ସଂଖ୍ୟା ୩୪.୭ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେଣୁ ଯୁବଶକ୍ତି ବା କର୍ମକ୍ଷମ ମାନବ ସମ୍ବଳର ହ୍ରାସ ଘଟିଲେ ପାରିବାରିକ ଅର୍ଥନୀତି ମଧ୍ୟ ଚାପଗ୍ରସ୍ତ ହେବ। ନିତି ଆୟୋଗର ରିପୋର୍ଟ ଅନୁଯାୟୀ ଭାରତରେ ଏବେ ୭୦% ବୟୋବୃଦ୍ଧ ପରିବାରର ଅନ୍ୟ ସଦସ୍ୟଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ୭୮% ଜୀବନ ଜିଇଁବାର ସର୍ବନିମ୍ନ ଅପରିହାର୍ଯ୍ୟ ଆର୍ଥିକ ସାହାରା ବା ଭତ୍ତା ସୁବିଧାରୁ ବଞ୍ଚିତ। ଦିନକୁ ଦିନ ସ୍ୱାସ୍ଥ୍ୟ ବା ଚିକିତ୍ସା ସେବା ମହଙ୍ଗା ହେଉଥିବାରୁ ଆଗାମୀ ଦିନରେ ଭାରତ ବାର୍ଦ୍ଧକ୍ୟ ଓ ଅସୁସ୍ଥ ଦେଶ ଭାବେ ଅଲୋଡ଼ା ପରିଚୟ ସୃଷ୍ଟି କରିବା ହିଁ ସାର ହେବ।

ମାନବ ସମ୍ବଳ ବୈଷମ୍ୟର ଏକମାତ୍ର ସମାଧାନ ଭାବେ କର୍ମଶକ୍ତିର ଆନ୍ତଃପ୍ରବାହ ବା ରାଜ୍ୟାନ୍ତର ସପକ୍ଷରେ ମତ ପ୍ରକାଶ ପାଉଥିଲେ ହେଁ ଏହା ଦୀର୍ଘମିଆଦୀ ସମାଧାନର ସୂତ୍ର ନୁହେଁ। ଏଣୁ ସରକାର ଜନ-ସଙ୍କୋଚନ ପ୍ରସଙ୍ଗରେ ଗୁରୁତ୍ୱର ସହିତ ବିଚାର କରିବାର ସମୟ ଆସିଛି। ସଂସଦର ବହୁମୂଲ୍ୟ ସମୟକୁ ଅଯଥା ରାଜନୀତିର ଉଚ୍ଚାଟରେ କୋଳାହଳମୟ ନ କରି ଏଭଳି ଦୀର୍ଘ ଓ ଗୁରୁତର ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ବିଚାରବିମର୍ଶରେ ସମୃଦ୍ଧ କଲେ ଜନବହୁଳ ଭାରତ ଉପକୃତ ହୁଅନ୍ତା।

# ଭାରତୀୟ ନାଗରିକତାର ଦ୍ୱନ୍ଦ୍ୱ

ସୌଜନ୍ୟ କୁମାର ପରିଡ଼ା




ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ସମାନ ଅଧିକାର, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜି ମଧ୍ୟ ଦେଶର ଅନେକ ସାଧାରଣ ନାଗରିକ ଜାଣିନାହାନ୍ତି ଯେ ଭାରତୀୟ ନାଗରିକତାର ପ୍ରକୃତ ଆଇନଗତ ପ୍ରମାଣ କ'ଣ? କେଉଁ ଦଲିଲକୁ ଅନ୍ତିମ ଭାବେ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରାଯିବ? ଏହି ପ୍ରଶ୍ନ ଆଜି କେବଳ ଆଇନଗତ ନୁହେଁ, ବରଂ ସାମାଜିକ ଓ ଜାତୀୟ ଚର୍ଚ୍ଚାର ବିଷୟ ପାଲଟିଛି। ନାଗରିକତା କେବଳ ଏକ ଆଇନଗତ ପରିଚୟ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ସମ୍ବିଧାନିକ ଅଧିକାର, ସମ୍ମାନ ଓ ରାଷ୍ଟ୍ର ସହ ତାଙ୍କର ସମ୍ପର୍କର ମୂଳ ଆଧାର। ତେଣୁ ନାଗରିକତା ପ୍ରମାଣ ନେଇ କୌଣସି ଅସ୍ପଷ୍ଟତା ରହିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ କେବେ ଶୁଭ ସଙ୍କେତ ନୁହେଁ।

ସମୟ ସମୟରେ ନାଗରିକତା ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି), ଜନଗଣନା, ଭୋଟର ତାଲିକା ସଂଶୋଧନ କିମ୍ବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ଆଲୋଚନା ହେବା ସମୟରେ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୁଏ। କେହି କହନ୍ତି ଆଧାର କାର୍ଡ ହିଁ ନାଗରିକତାର ପ୍ରମାଣ, କେହି କହନ୍ତି ଭୋଟର ପରିଚୟପତ୍ର, ଆଉ କେହି ପାସପୋର୍ଟ କିମ୍ବା ଜନ୍ମ ପ୍ରମାଣପତ୍ରକୁ ଚୂଡ଼ାନ୍ତ ଦଲିଲ ବୋଲି ମନେ କରନ୍ତି। ଏହି ବିଭ୍ରାନ୍ତି ଲୋକଙ୍କ ମନରେ ଭୟ ଓ ଅନିଶ୍ଚିତତା ସୃଷ୍ଟି କରୁଛି।

ବାସ୍ତବରେ ଭାରତୀୟ ନାଗରିକତା 'ନାଗରିକତା ଆଇନ-୧୯୫୫' ଅନୁଯାୟୀ ନିର୍ଣ୍ଣୟ ହୁଏ। ଏହି ଆଇନରେ ଜନ୍ମ, ବଂଶାନୁକ୍ରମ, ପଞ୍ଜୀକରଣ, ସ୍ୱାଭାବିକୀକରଣ ଓ ଭୂଖଣ୍ଡ ମିଶ୍ରଣ ମାଧ୍ୟମରେ ନାଗରିକତା ପ୍ରଦାନର ବ୍ୟବସ୍ଥା ରହିଛି। ଆଇନ ନାଗରିକତା ପ୍ରାପ୍ତିର ଉପାୟ କହିଛି; କିନ୍ତୁ ସମସ୍ତ ଭାରତୀୟଙ୍କ ପାଇଁ ଏକକ 'ନାଗରିକତା ପ୍ରମାଣପତ୍ର' ଜାରି କରିବାର ବ୍ୟବସ୍ଥା ନାହିଁ। ଏହି କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଯାଉଛି। ଆଧାର ଆଇନ ସ୍ପଷ୍ଟ କହିଛି ଯେ ଆଧାର କେବଳ ପରିଚୟ ଓ ବାସସ୍ଥାନ ସହ ଜଡ଼ିତ ଏକ ଦଲିଲ, ଏହା ନାଗରିକତାର ପ୍ରମାଣ ନୁହେଁ। ସେହିପରି ଭୋଟର ପରିଚୟପତ୍ର ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦର୍ଶନ କରେ, ପାନ୍ କାର୍ଡ କରଦାତାଙ୍କ ପରିଚୟ, ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚଳାଇବାର ଅନୁମତି ଏବଂ ରାସନ କାର୍ଡ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇଁ ବ୍ୟବହୃତ ହୁଏ। ପାସପୋର୍ଟ ଜାରି କରିବା ସମୟରେ ନାଗରିକତା ସମ୍ବନ୍ଧୀୟ ଯାଞ୍ଚ ହୁଏ; କିନ୍ତୁ ଆଇନର ବ୍ୟବହାରିକ ପ୍ରୟୋଗରେ କେଉଁ ଦଲିଲ କେଉଁ ପରିସ୍ଥିତିରେ ଚୂଡ଼ାନ୍ତ ପ୍ରମାଣ ହେବ, ତାହା ନେଇ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା ନାହିଁ।

ଏହି ଅସ୍ପଷ୍ଟତାର ସବୁଠାରୁ ବଡ଼ ପ୍ରଭାବ ପଡ଼ୁଛି ଗରିବ, ଗ୍ରାମାଞ୍ଚଳବାସୀ, ବୟସ୍କ ନାଗରିକ, ଆଦିବାସୀ, ପ୍ରାକୃତିକ ବିପର୍ଯ୍ୟୟରେ ଦଲିଲ ହରାଇଥିବା ପରିବାର ଏବଂ ଅଶିକ୍ଷିତ ଲୋକଙ୍କ ଉପରେ। ଅନେକଙ୍କ ପାଖରେ ପୁରୁଣା ଜନ୍ମ ପ୍ରମାଣପତ୍ର ନାହିଁ। ଅନେକ ସ୍ଥାନରେ ପୂର୍ବରୁ ଜନ୍ମ ପଞ୍ଜୀକରଣର ପ୍ରଚଳନ ମଧ୍ୟ ନଥିଲା। ବନ୍ୟା, ବାତ୍ୟା କିମ୍ବା ଅଗ୍ନିକାଣ୍ଡରେ ଦଲିଲ ନଷ୍ଟ ହୋଇଯାଇଥିବା ପରିବାର ମଧ୍ୟ ଅଛନ୍ତି। ଏଭଳି ପରିସ୍ଥିତିରେ ସେମାନେ କିପରି ନିଜ ନାଗରିକତା ପ୍ରମାଣ କରିବେ? ଏହାର ସ୍ପଷ୍ଟ ଉତ୍ତର ସାଧାରଣ ଲୋକଙ୍କ ପାଖରେ ନାହିଁ। ଏକ ଗଣତାନ୍ତ୍ରିକ ଦେଶରେ ନାଗରିକମାନେ ନିଜ ଅଧିକାର ଓ ଆଇନଗତ ସ୍ଥିତି ବିଷୟରେ ସ୍ପଷ୍ଟ ଭାବରେ ଜାଣିବା ଉଚିତ। ଏହା ସରକାରଙ୍କ ମଧ୍ୟ ଦାୟିତ୍ୱ ଯେ ସେମାନେ ଲୋକଙ୍କୁ ସରଳ ଭାଷାରେ ଆଇନ ବୁଝାଇବେ। ଆଇନ କେବଳ ଓକିଲ କିମ୍ବା ଅଧିକାରୀଙ୍କ ପାଇଁ ନୁହେଁ, ବରଂ ସାଧାରଣ ଲୋକଙ୍କ ବୁଝିବା ପାଇଁ ମଧ୍ୟ ହେବା ଦରକାର।

ଆଜି ଦେଶର ଆବଶ୍ୟକତା ହେଉଛି କେନ୍ଦ୍ର ସରକାର ଗୋଟିଏ ସରକାରୀ 'ନାଗରିକତା ସ୍ପଷ୍ଟୀକରଣ ନିର୍ଦ୍ଦେଶିକା' ପ୍ରକାଶ କରନ୍ତୁ। ଏହି ନିର୍ଦ୍ଦେଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହୁ ଯେ କେଉଁ ଦଲିଲ କେବଳ ପରିଚୟ, କେଉଁଟି ବାସସ୍ଥାନର ପ୍ରମାଣ, କେଉଁଟି ଭୋଟଦାନର ଯୋଗ୍ୟତା ପ୍ରମାଣ କରେ ଏବଂ କେଉଁ ଦଲିଲ କିମ୍ବା ଦଲିଲଗୁଡ଼ିକର ସମନ୍ୱୟରେ ନାଗରିକତା ପ୍ରମାଣିତ ହୋଇପାରିବ। ସେହିପରି ଯେଉଁମାନଙ୍କ ପାଖରେ ପୁରୁଣା ରେକର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ କରାଯାଉ। ଏହି ନିର୍ଦ୍ଦେଶିକାକୁ ସମସ୍ତ ଭାରତୀୟ ଭାଷାରେ ପ୍ରକାଶ କରାଯିବା ସହ ଗ୍ରାମ ପଞ୍ଚାୟତ, ବ୍ଲକ, ତହସିଲ, ଜିଲ୍ଲା କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଡିଜିଟାଲ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଯିବା ଆବଶ୍ୟକ। ଏହାଦ୍ୱାରା ଗୁଜବ, ଭୁଲ ତଥ୍ୟ ଓ ଅନାବଶ୍ୟକ ଭୟର ଅବସାନ ଘଟିବ।

ସରକାର ଯଦି ଚାହାନ୍ତି, ତେବେ ଏକ ସ୍ୱେଚ୍ଛାକୃତ 'ନାଗରିକତା ପ୍ରମାଣପତ୍ର' ବ୍ୟବସ୍ଥା ସପକ୍ଷରେ ମଧ୍ୟ ବିଚାର କରିପାରନ୍ତି, ଯାହା ପାଇଁ ଆଇନସମ୍ମତ ଯାଞ୍ଚ ପରେ ଇଚ୍ଛୁକ ନାଗରିକମାନେ ଆବେଦନ କରିପାରିବେ। ଏହା କୌଣସି ବାଧ୍ୟତାମୂଳକ ପ୍ରକ୍ରିୟା ନୁହେଁ, ବରଂ ଭବିଷ୍ୟତରେ ନାଗରିକଙ୍କ ସୁବିଧା ପାଇଁ ଏକ ବିକଳ୍ପ ହୋଇପାରେ।

ଆମର ଉଦ୍ଦେଶ୍ୟ କୌଣସି ରାଜନୈତିକ ବିତର୍କ ସୃଷ୍ଟି କରିବା ନୁହେଁ। ଏହା ସାଧାରଣ ନାଗରିକଙ୍କ ଏକ ନ୍ୟାୟସଙ୍ଗତ ପ୍ରଶ୍ନ। ଯେତେବେଳେ ଜଣେ ଭାରତୀୟ ନିଜ ଦେଶର ନାଗରିକ, ସେତେବେଳେ ସେ ନିଶ୍ଚିତ ଭାବେ ଜାଣିବାର ଅଧିକାର ରଖନ୍ତି ଯେ ଆଇନ ଅନୁଯାୟୀ ତାଙ୍କ ନାଗରିକତାର ପ୍ରମାଣ କ'ଣ। ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନରେ ନୁହେଁ, ବରଂ ନାଗରିକଙ୍କ ବିଶ୍ୱାସରେ ନିହିତ। ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ଯେତେ ସୁଦୃଢ଼ ହେବ, ଦେଶ ସେତେ ଶକ୍ତିଶାଳୀ ହେବ। ସେହି ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ନାଗରିକତା ଭଳି ସମ୍ବେଦନଶୀଳ ବିଷୟରେ ସ୍ପଷ୍ଟ, ସରଳ ଓ ସର୍ବସାଧାରଣଙ୍କ ପାଇଁ ବୋଧଗମ୍ୟ ସରକାରୀ ମାର୍ଗଦର୍ଶିକା ଜାରି କରିବା ଆଜିର ସମୟର ଆବଶ୍ୟକତା।

ନାଗରିକତା ଉପରେ ସ୍ପଷ୍ଟତା କେବଳ ଆଇନର ପ୍ରଶ୍ନ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ଅଧିକାର ସହ ଜଡ଼ିତ। ସେଥିପାଇଁ କେନ୍ଦ୍ର ସରକାର ଏହି ବିଷୟରେ ଯଥାଶୀଘ୍ର ଏକ ସ୍ପଷ୍ଟ ଓ ପ୍ରାମାଣିକ ନିର୍ଦ୍ଦେଶିକା ପ୍ରକାଶ କରନ୍ତୁ। ଏହା ଦ୍ୱାରା ଦେଶବାସୀଙ୍କ ମନରେ ଥିବା ସନ୍ଦେହ ଦୂର ହେବ, ଭ୍ରାନ୍ତିର ଅବସାନ ଘଟିବ ଏବଂ ଗଣତନ୍ତ୍ର ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ।

ବାରେ(କେନ୍ଦ୍ରାପଡ଼ା), ମୋ: ୮୨୪୯ ୯୪୩୨୪୭

# ଖେଳପଡ଼ିଆର ଆକର୍ଷଣ ଓ ଆକାଂକ୍ଷା

ଉମେଶ ପାତ୍ର



ଆମ ଘରଆଗରେ ଗୋଟେ ଖେଳ ପଡ଼ିଆ। ସୂର୍ଯ୍ୟର ପ୍ରଥମ କିରଣ ସେଠିକାର କାକର ଟୋପାକୁ ଛୁଇଁବା ପୂର୍ବରୁ ସେଠି ଜମିଯାଏ ଆମ ସାହି ପିଲାଙ୍କର ଭିଡ଼। ପଡ଼ିଆର ଗୋଟେ ଭାଗରେ ଫୁଟବଲ ଚାଲେ, ଅନ୍ୟ ଦୁଇ ଭାଗରେ କ୍ରିକେଟ। ସେ କ୍ରିକେଟର ବି ନିୟମ ନିଆରା। କାହା ପାଇଁ ଛକା ମାରିଲେ ଆଉଟ, ଆଉ କାହା ପାଇଁ ରନ କେବଳ ଡାହାଣ ପାର୍ଶ୍ୱରେ। ସେହି ପଡ଼ିଆରେ ସମାନ୍ତରାଳ ଭାବେ ଗତିଶୀଳ ତିନି-ଚାରିଟି ଖେଳର ପରିସୀମା ଯଦିଓ ଚପଲ, ଇଟାଗଡ଼ି କିମ୍ବା ପଥର ଦ୍ୱାରା ନିର୍ଦ୍ଧାରିତ, ତଥାପି ବେଳେବେଳେ ଏପାଖର ବଲଟି ସେପାଖକୁ ଅନୁପ୍ରବେଶ କରେ। ଏପରି ପରିସ୍ଥିତିରେ ନିର୍ବିବାଦରେ ପିଲାମାନେ ବଲଟିକୁ ଫେରସ୍ତ କରିଦିଅନ୍ତି। ରବିବାର ବ୍ୟତିରେକେ ଅନ୍ୟ ଦିନଗୁଡ଼ିକରେ ପ୍ରାୟ ସକାଳ ୧୦ଟା ପର୍ଯ୍ୟନ୍ତ ପିଲାମାନଙ୍କର ଖେଳଗୋଳ ପୂରା ପଡ଼ିଆକୁ ହୁଲସ୍ଥୁଲ କରୁଥାଏ। ପୁଣି ଅପରାହ୍ନ ଚାରିଟା ପୂର୍ବରୁ ଉଇକେଟ ପୋତା ଆରମ୍ଭ ହୋଇ ଯାଏ।

ଆଙ୍ଗୁଳି ମୁନରେ ବିଶ୍ୱର ଗବାକ୍ଷ ଖଞ୍ଜି ଦେଇଥିବା ମୋବାଇଲ ସାମ୍ପ୍ରତିକ ମଣିଷର ଖାଲି ସମୟ ଉପରେ ଏକଚାଟିଆ ରାଜୁତି କରୁଥିବା ବେଳେ ଆମ ସାହିର ପିଲାମାନେ ଏଭଳି ଏକ ଶାରୀରିକ ଏବଂ ସାମାଜିକ ମନୋରଞ୍ଜନର ପଛାରେ ଦିନକୁ ଦୁଇ ଥର ମନୋନିବେଶ କରିପାରୁଛନ୍ତି, ତାହା କମ ବିସ୍ମୟର କଥା ନୁହେଁ। ଆହୁରି ଖୁସିର କଥା ଯେ, ପରସ୍ପର ଖେଳରେ ମସଗୁଲ ହେଲେ ବି ଗୋଟେ ପଡ଼ିଆରେ ସେମାନଙ୍କ ମଧ୍ୟରୁ କାହାରି ଏକାଧିକାର ରହେ ନାହିଁ। ଗଣତାନ୍ତ୍ରିକ ପଦ୍ଧତିରେ ସେମାନେ ନିଜ ମାଟିରେ ନିଜ ଖେଳ ଖେଳନ୍ତି। ତଥାପି ସେ ଖେଳପଡ଼ିଆ ସମ୍ପୂର୍ଣ୍ଣ ରୂପରେ ଆମ ସାହିର ବାଳୁତ ବା ଯୁବବୃନ୍ଦଙ୍କୁ ଖେଳିବା ପାଇଁ ସମତାର ଅଧିକାର ଦିଏ, ତାହା ସତ୍ୟ ନୁହେଁ। କାରଣ ସେହି ପଡ଼ିଆରେ ଖଣ୍ଡିଏ ବି ଜାଗା ନାହିଁ ଆମ ସାହିର ମହିଳା ଖେଳାଳିଙ୍କ ପାଇଁ।

ଆମ ସାହିର ଝିଅମାନେ ଯେ ଖେଳନ୍ତି ନାହିଁ, ତାହା ନୁହେଁ। କୁନି ଝିଅମାନେ ପ୍ରାୟତଃ ସନ୍ଧ୍ୟା ବେଳେ ଲୁଚକାଳି ଖେଳ ଖେଳନ୍ତି ଘର ଦୁଆର ପାଖାପାଖି। ଶୀତଦିନେ ଅନେକେ ନିଜ ଘର ଅଗଣାରେ ନିଜ ପରିବାର ଲୋକ ବା ଅନ୍ୟ ବନ୍ଧୁ-ବାନ୍ଧବୀଙ୍କ ସାଙ୍ଗରେ ବ୍ୟାଡମିଣ୍ଟନ ଖେଳନ୍ତି। ଆମ ସାହିର କିଛି ବୟସ୍କ ମହିଳାମାନେ ତ ତାସ ଖେଳରେ ବି ପାରଙ୍ଗମ। ବୟସ ନିର୍ବିଶେଷରେ ଅନେକ ମହିଳା ଘର ଭିତରେ ଲୁଡୋ, କ୍ୟାରମ ବା ଶତରଞ୍ଜ ବି ଖେଳୁଥା'ନ୍ତି। କିନ୍ତୁ କ୍ରିକେଟ ବା ଫୁଟବଲ ଭଳି ଖୋଲା ପଡ଼ିଆର ଖେଳ ଆମ ଓଡ଼ିଆ ଘରର ଝିଅମାନଙ୍କ ପାଇଁ ଅନେକାଂଶରେ ହାତପାଆନ୍ତାର ଦୂରେ।

ଏହାପଛରେ ଅନେକ କାରଣ ରହିଛି। ଆମ ଝିଅମାନେ ପଦାକୁ ବାହାରିଲେ ନାନା ଲୋକ ନାନା କଥା କହିବେ। ସେମାନେ ପୁଣି ଏକ ସାର୍ବଜନୀନ ସ୍ଥାନରେ ଖେଳିଲେ ଅନେକ ଲୋଲୁପ, ସର୍ବଗ୍ରାସୀ ଦୃଷ୍ଟିର ଶିକାର ହେବେ। ଆମ ମନରେ ଥିବା ଆଶଙ୍କା ଯେ ତାଙ୍କୁ ଦେଖି କେହି ହୁଇସିଲ ମାରିବେ, କେହି ଅଶାଳୀନ ଇଙ୍ଗିତ କରିବେ, ଆଉ କେହି ଅରୁଚିକର ମନ୍ତବ୍ୟ କରିବେ। ଏହି ଆଶଙ୍କା ସମ୍ପୂର୍ଣ୍ଣ ରୂପେ ନିରାଧାର ନୁହେଁ। ସେଥିପାଇଁ ସ୍କୁଲ, କଲେଜ ବା ସ୍ୱତନ୍ତ୍ର କ୍ରୀଡ଼ା ସଂସ୍ଥାନର ପରିବେଷ୍ଟିତ ପରିସରକୁ ଛାଡ଼ିଦେଲେ କେତେଜଣ ଝିଅ ବା ଆମ ସହରର ପଡ଼ିଆରେ ଅବାଧରେ ନିଜ ସ୍ଥାନ ଅକ୍ତିଆର କରିପାରନ୍ତି?

ଯଦିଓ ଆମ ଗାଁ-ଗହଳିରେ ଆଜି ବି କିତକିତ ଭଳି ନାନାବିଧ ପାରମ୍ପରିକ ଖେଳ ଖେଳିବାରେ ଝିଅମାନଙ୍କୁ ଲୋକଲାଜ ବାଧା ଦିଏ ନାହିଁ, ଅନେକ ଉପାନ୍ତ ଅଞ୍ଚଳରେ ହକି, ଖୋ-ଖୋ ଆଦି ଖେଳରେ ବି ଆମ ଓଡ଼ିଆ ଝିଅମାନେ କିଛିମାତ୍ରାରେ ଆଗୁଆ। କିନ୍ତୁ ଆମ ସହରର ନାନାବିଧ ମୁକ୍ତ ଆକାଶତଳର ଖେଳ ପଡ଼ିଆରେ ଆଜି ବି ତାଙ୍କୁ ଖେଳିବାକୁ ସୁଯୋଗ ସେତେ ସ୍ୱଚ୍ଛନ୍ଦ ଭାବେ ପ୍ରାପ୍ତ ହୋଇନାହିଁ। ସତେକି ଆଜିଯାଏଁ କୌଣସି ଅଦୃଶ୍ୟ ରେଖା ସେମାନଙ୍କ ପାଇଁ ସେହି ପଡ଼ିଆକୁ ଯିବା ବାଟ ଅବରୋଧ କରି ରଖିଛି। ସାଙ୍ଗ ହୋଇ ଖୋଲାପଡ଼ିଆରେ ଖେଳିବା କେବଳ ଏକ ଶାରୀରିକ ବ୍ୟାୟାମ ଏବଂ ମନୋରଞ୍ଜନର ମାଧ୍ୟମ ନୁହେଁ; ତାହା ହେଉଛି ନିଜ ପରିବେଶରେ ନିଜ ପାଇଁ ସ୍ଥାନ ପ୍ରସ୍ତୁତ କରିବା ଏବଂ ମୁକ୍ତ ଆକାଶରେ ଅବାଧରେ ବିଚରଣ କରିବାର ଏକ ପ୍ରତୀକ।

ମୋ ଘର ଆଗର ଖେଳପଡ଼ିଆରେ ଖେଳୁଥିବା ପିଲାଙ୍କ ଭିତରୁ କେହି କେବେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିବ, ଅଥବା ଜାତୀୟ ଦଳରେ ସାମିଲ ହେବ, ସେକଥା ଭବିଷ୍ୟବାଣୀ କରିବାର ଯୋଗ୍ୟତା ମୋର ନାହିଁ। କିନ୍ତୁ ଯେଉଁଦିନ ସେହି ଖେଳପଡ଼ିଆରେ ଆମ ଘରର ଝିଅଙ୍କୁ ବି ସେତିକି ସହଜରେ ଆପଣେଇବ, ସେଦିନ ସେ ଜାଗା କେବଳ ଏକ କ୍ରୀଡ଼ା ପ୍ରାଙ୍ଗଣ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ପୃଷ୍ଠଭୂମିରେ ପରିଣତ ହୋଇଯିବ।

(ଇଂରାଜୀ ଅଧ୍ୟାପକ, ମହାତ୍ମା ଗାନ୍ଧୀ କେନ୍ଦ୍ରୟ ବିଶ୍ୱବିଦ୍ୟାଳୟ)
ମୋତିହାରି(ବିହାର), ମୋ: ୭୦୩୬୨୪୭୪୪୭

# 'ଆସ ଅଲାରେ ଖାଅ ଖିରି, ବାପ ଯାଇଛି ବିଦେଶ କରି'

ବିକ୍ରମ ମହାପାତ୍ର

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ମହାପ୍ରଭୁଙ୍କ ଅଣସର ସମୟରେ ବ୍ରହ୍ମଗିରିରେ ଶ୍ରୀଅଲାରନାଥଙ୍କ ପାଖରେ ଭକ୍ତଜନଙ୍କର ଭିଡ଼ ହୋଇଥାଏ। ଅନେକ ହୁଏତ ଜାଣି ନ ଥିବେ ଶ୍ରୀଅଲରାନାଥଙ୍କ ପ୍ରିୟବ୍ୟଞ୍ଜନ ହେଉଛି ଖିରି। କୋଟି ଭକ୍ତଙ୍କ ମନ ଓ ହୃଦୟରେ ଶ୍ରୀଅଲାରନାଥ ଖିରି ଖିଆ ଠାକୁର ଭାବରେ ପରିଚିତ।

ଅଣସର ଦର୍ଶନ ସମୟରେ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଖିରି ପ୍ରସାଦ ନିଶ୍ଚିତ ସେବନ କରିଥା'ନ୍ତି। ଆଉ ଶ୍ରଦ୍ଧା ଓ ଭକ୍ତିରେ ଘରକୁ ମଧ୍ୟ ନେଇଥା'ନ୍ତି। ଏ ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଶ୍ରୀଜିଉଙ୍କ ସେବାରେ ନିୟୋଜିତ ସେବାୟତ ମୀନକେତନ ବିଦେଶକୁ ଯାତ୍ରା କରିବା ପୂର୍ବରୁ ପତ୍ନୀଙ୍କୁ କହିଗଲେ ଶ୍ରୀଜିଉଙ୍କ ନୈବେଦ୍ୟ ଅର୍ପଣ ନିଜ ପୁଅ ମଧୁସୂଦନ ହାତରେ କରାଇବେ। ମାତ୍ର ୧୧ ବର୍ଷର ବାଳକ ମଧୁସୂଦନ, ଯିଏକି ପୂଜା ଅର୍ଚ୍ଚନା ଜାଣି ନଥିଲେ, ମା'ଙ୍କ ଦ୍ୱାରା ଘରେ ପ୍ରସ୍ତୁତ ଖିରି ନେଇ ଠାକୁରଙ୍କ ଆଗରେ ରଖି ଉଚ୍ଚାରଣ କରିଥିଲେ 'ଆସ ଅଲାରେ ଖାଅ ଖିରି, ବାପ ଯାଇଛି ବିଦେଶ କରି'। ଏହାପରେ ଶ୍ରୀଜିଉଙ୍କ ମନ୍ଦିର କବାଟ ବନ୍ଦ କରି ସାଙ୍ଗ ସହିତ ଖେଳିବାକୁ ଚାଲିଗଲେ। ସେଠାରୁ ଫେରି ଦ୍ୱାର ଫିଟାଇ ଖାଲି ପାତ୍ର ନେଇ ଘରକୁ ଫେରିଲେ। ମାଆ ପଚାରିଲେ ଖିରି ପ୍ରସାଦ କୁଆଡ଼େ ଗଲା? ମଧୁସୂଦନ କହିଲେ ଠାକୁର ସବୁ ଖାଇ ଦେଲେ।

ଏହାରି ଭିତରେ ମୀନକେତନ ବିଦେଶ ଯାତ୍ରା ସାରି ଘରକୁ ଫେରିବା ପରେ ପତ୍ନୀଙ୍କଠାରୁ ସବୁ ଶୁଣି ଆଶ୍ଚର୍ଯ୍ୟ ହେଲେ। ଖିରିତକ ନିଜେ ଖାଇଦେଇ ଠାକୁରଙ୍କ ନାମରେ ପୁଅ ମିଛି କହୁଥିବା ଭାବି ପରୀକ୍ଷା କରିବା ପାଇଁ ସ୍ଥିର କଲେ। ବାପ ଓ ପୁଅ ଏକା ସାଙ୍ଗରେ ଖିରି ନେଇ ମନ୍ଦିର ଭିତରୁ ଗଲେ। ମଧୁସୂଦନ ଅଲାରନାଥଙ୍କ ଆଗରେ ଖିରି ରଖି ପୂର୍ବ ଭଳି ଉଚ୍ଚାରଣ କରି ମନ୍ଦିର ବାହାରକୁ ଆସି କବାଟ ବନ୍ଦ କରିଦେଇ ସାଙ୍ଗମାନଙ୍କ ସହିତ ଖେଳିବାକୁ ଚାଲିଗଲେ। କିନ୍ତୁ ମୀନକେତନ ମନ୍ଦିର ଭିତରେ ଲୁଚି ରହି କଳାହାଟ ଦ୍ୱାର କବାଟ ଛିଦ୍ରରେ ଚାହିଁ ରହିଲେ ଠାକୁର ଖିରି ଖାଉଛନ୍ତି କି ନାହିଁ।

ଭକ୍ତର ମାନ ରଖିବାକୁ ଠାକୁର ନିଜେ ରତ୍ନ ସିଂହାସନରୁ ଓହ୍ଲାଇ ଆସି ଗରମ ଖିରି ଖାଇଲେ। କିନ୍ତୁ ତରବରରେ ଖାଇବା ବେଳେ ଶ୍ରୀଜିଉଙ୍କ ଦକ୍ଷିଣ ହସ୍ତ ଆଙ୍ଗୁଠି ଓ ଗରମ ଖିରି ପଡ଼ି ବକ୍ଷରେ ଫୋଟକା ହୋଇଗଲା। ଖାଇସାରି ଠାକୁର ଅନ୍ତର୍ଦ୍ଧାନ ହୋଇଗଲେ। ଏସବୁ ଅଲୌକିକ ଦୃଶ୍ୟ ଦେଖି ମୀନକେତନ ଭାବବିହ୍ୱଳ ହୋଇଗଲେ। ଆଜି ବି ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ସେହି ଗରମ ଖିରି ଫୋଟକା ଚିହ୍ନ ରହିଛି ବୋଲି କୁହାଯାଏ। ସେଥିପାଇଁ ଦ୍ୱିପ୍ରହର ଧୂପରେ ଶ୍ରୀଜିଉଙ୍କ ପାଖରେ କେବଳ ଖିରି ଧୂପ ଉଠିଥାଏ। ବର୍ଷତମାମ ଖିରି ପ୍ରସାଦ ହେଉଥିବା ବେଳେ ଅଣସର ଦର୍ଶନ ସମୟରେ ପ୍ରତିଦିନ ଶହେ ହାଣ୍ଡିରୁ ଅଧିକ ଖିରି ପ୍ରସାଦ ଶ୍ରୀଜିଉଙ୍କ ପାଖରେ ଲାଗି ହୋଇଥାଏ। ଏବେ ଅଣସର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଖିରି ପ୍ରସାଦ ପାଇଁ ଆନନ୍ଦ ବଜାରରେ ଭିଡ଼ ଲଗାଇଛନ୍ତି। ଶ୍ରୀଜିଉଙ୍କ ଅତିପ୍ରିୟ ଖିରି ପ୍ରସାଦ ଭକ୍ତଙ୍କୁ ଟାଣି ଆଣୁଛି।

କଟକ, ମୋ: ୯୪୩୭୦୨୧୬୧୫

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାକ୍ଷୀ ପୂର୍ଣ୍ଣିମାରେ 'ସୁଭଦ୍ରା' ୫ମ କିସ୍ତି ବିତରଣ

ଭୁବନେଶ୍ୱର, ୧୦।୭ (ସମିସ): ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ୫ମ କିସ୍ତି ବିତରଣର ପ୍ରସ୍ତୁତି ସମୀକ୍ଷା ବୈଠକ ହୋଇଛି। ଜୁଲାଇ ୨୫ ସୁଦ୍ଧା ଯୋଜନା ଅଧୀନରେ ଅବଶିଷ୍ଟ ସମସ୍ତ ଆବେଦନର ଯାଞ୍ଚ, ଯୋଗ୍ୟତା ନିର୍ଦ୍ଧାରଣ ଓ ବ୍ୟାଙ୍କ ଲିଙ୍କ୍ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧,୧୫,୭୫,୬୩୩ଟି ଆବେଦନ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩,୧୭,୯୬୬ଟି ନୂତନ ଆବେଦନ ପ୍ରାପ୍ତ ହୋଇଛି। ସମସ୍ତ ଯାଞ୍ଚ ଓ ଯୋଗ୍ୟତା ନିର୍ଣ୍ଣୟ ପରେ ୧,୦୨,୦୪,୩୯୬ ଜଣ ସମ୍ଭାବ୍ୟ ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚରେ ମୃତ୍ୟୁ ନିଶ୍ଚିତ ହୋଇଥିବା ୫,୨୭୭ ଜଣ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ୧,୦୧,୯୯,୧୧୯ ଜଣଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏହି କ୍ରମରେ ସମସ୍ତ ନୂଆ ଆବେଦନର ଯାଞ୍ଚ ଓ ନିଷ୍ପତ୍ତି ପ୍ରକ୍ରିୟାକୁ ଆସନ୍ତା ୨୫ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସମ୍ବଲପୁର ବିଶ୍ୱବିଦ୍ୟାଳୟ**

# ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଜେଆର୍‌ଏଫ୍ ଛାତ୍ର

ସମ୍ବଲପୁର,୧୦।୭ (ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସେସ୍‌ର ଜଣେ ଜୁନିଅର ରିସର୍ଚ୍ଚ ଫେଲୋ (ଜେଆର୍‌ଏଫ୍) ତାଙ୍କୁ ବିଭିନ୍ନସ୍ତରରେ ହଇରାଣ କରାଯିବା ସହ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ ହଇରାଣ ହରକତ, ୟୁଜିସି-ସିଏସଆଇଆର ଫେଲୋସିପ୍ ସକ୍ରିୟ କରିବାରେ ମନମୁଖୀ ବିଳମ୍ବ, ଆର୍ଥିକ ଅଭାବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯାତନା ଦିଆଯାଉଛି। ଏହାଫଳରେ ସେ ଆର୍ଥିକ ଅନଟନ ଓ ମାନସିକ ଚାପ ଦେଇ ଗତି କରୁଛନ୍ତି। ଏହି ପ୍ରସଙ୍ଗରେ ନ୍ୟାୟ ନ ମିଳିବାରୁ ସେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାସହ ସେ ବୁର୍ଲା ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସେସ୍‌ର ୟୁଜିସି-ସିଏସଆଇଆର ଜୁନିଅର ରିସର୍ଚ୍ଚ ଫେଲୋ ଏବଂ ପିଏଚ୍‌ଡି ସ୍କୋଲାର ରିଙ୍କୁ ମେହେରଙ୍କ ଅଭିଯୋଗ ଅନୁଯାୟୀ, ସେ ୨୦୨୫ ଡିସେମ୍ବରରେ ପିଏଚ୍‌ଡିରେ ନାମ ଲେଖାଇବା ପରେ ଫେବୃୟାରୀ ୨୩ରେ ୟୁଜିସି-ସିଏସଆଇଆର୍ ଜୁନିୟର ରିସର୍ଚ୍ଚ ଫେଲୋସିପ୍ (ଜେଆରଏଫ୍) ପାଇଁ ଯୋଗ୍ୟ ବୋଲି ଫଳାଫଳ ପ୍ରକାଶ ପାଇଥିଲା। ଫଳାଫଳ ଘୋଷଣା ପରେ ତୁରନ୍ତ ସେ ଯୋଗଦାନ ରିପୋର୍ଟ ଦାଖଲ କରିବା ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଇମେଲ୍ ମାଧ୍ୟମରେ ବିଭାଗୀୟ ମୁଖ୍ୟଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ଉତ୍ତର ମିଳି ନଥିଲା। ପରବର୍ତ୍ତୀ ସମୟରେ ଗବେଷଣା ଏବଂ ବିକାଶ ପ୍ରକୋଷ୍ଠ (ଆର୍‌ଡିସି)ର ପରାମର୍ଶ କ୍ରମେ ସେ ମାର୍ଚ୍ଚ ୧ରେ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ଯୋଗଦାନ ରିପୋର୍ଟ ଦାଖଲ କରିଥିଲେ। ତଥାପି ଯୋଗଦାନ ପାଇଁ ଫେଲୋସିପ୍ ଆୱାର୍ଡ ପତ୍ର ବାଧ୍ୟତାମୂଳକ ବୋଲି ବିଭାଗୀୟ ମୁଖ୍ୟ ଯୋଗଦାନ ରିପୋର୍ଟ ଗ୍ରହଣ ଏବଂ ପଠାଇବାକୁ ମନା କରିଦେଇଥିଲେ। ଫେଲୋସିପ୍ ଆୱାର୍ଡ ପତ୍ର ପାଇବା ପରେ ସେ ପୁଣି ମେ ୮ରେ ଯୋଗଦାନ ରିପୋର୍ଟ ଦାଖଲ କଲେ; ଯାହାକୁ ଆର୍‌ଡିସିକୁ ପଠାଗଲା। ମେ ୧୮ରେ ଆର୍‌ଡିସି ଦ୍ୱାରା ଗ୍ରହଣ କରାଯାଇଥିଲା। ତଥାପି ଯେତେବେଳେ ଫେଲୋସିପ୍ ସକ୍ରିୟକରଣ ପାଇଁ ନିର୍ଦ୍ଧାରିତ ୟୁଜିସି ଯୋଗଦାନ ଫର୍ମାଟ୍ ଦାଖଲ କରାଯାଇଥିଲା ପରବର୍ତ୍ତୀ ତାରିଖରୁ ନୂତନ ଯୋଗଦାନ ରିପୋର୍ଟ ଦାଖଲ କରିବାକୁ ତାଙ୍କୁ ପୁଣି ନିର୍ଦ୍ଦେଶ ଦିଆଯାଇଥିଲା। ଏହାଫଳରେ ଫେଲୋସିପ୍ ସକ୍ରିୟକରଣରେ ଆହୁରି ବିଳମ୍ବ ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ବାରମ୍ବାର ପ୍ରଶାସନିକ କାର୍ଯ୍ୟ ଯୋଗୁଁ ସେ ଯେଉଁ ସମୟ ମଧ୍ୟରେ ଯୋଗ୍ୟ ଥିଲେ ସେହି ସମୟ ପାଇଁ ଫେଲୋସିପ୍ ଲାଭରୁ ବଞ୍ଚିତ ହୋଇଛନ୍ତି। ଫେଲୋସିପ୍ ତାଙ୍କ ଆର୍ଥିକ ସହାୟତାର ଏକମାତ୍ର ଉତ୍ସ ଥିବାବେଳେ ଏଥିରେ ବିଳମ୍ବ ଆର୍ଥିକ ଅସୁବିଧା ସୃଷ୍ଟି କରିବା ସହ ଗବେଷଣା କାର୍ଯ୍ୟକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଛି। ସେ ମାନସିକ ଚାପ ମଧ୍ୟରେ ରହିଛନ୍ତି। ଏହି ଘଟଣାରେ ସେ ସମ୍ବିଧାନର ଧାରା ଅନୁଯାୟୀ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ମାନବାଧିକାର କମିଶନଙ୍କ ନିକଟରେ ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଏହାସହ ଶ୍ରୀ ମେହେର ବୁର୍ଲା ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

■ ଅଦାଲତ ଆଦେଶ ଅବମାନନା

# ହାଇକୋର୍ଟରେ ହାଜର ହେଲେ କନ୍ଧମାଳ ଏସ୍‌ପି

କଟକ,୧୦।୭ (ସମିସ): ଏକ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ଆଜି କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହୋଇ କାରଣ ଦର୍ଶାଅ ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ଅନୁମୋଦନ ଏବଂ ସରକାରୀ ସ୍ତରରେ ବିଚାରାଧୀନ ଦୃଷ୍ଟିରୁ ଏସପି ଅଧିକ ସମୟ ଲୋଡ଼ିଥିଲେ। ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୭କୁ ଧାର୍ଯ୍ୟ କରିଛନ୍ତି। ଏଥିସହିତ କନ୍ଧମାଳ ଏସପିଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିଛନ୍ତି। ବଂଶୀଧର ବାରିକଙ୍କ ତରଫରୁ ଦାୟର ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଏମ.ଏସ.ରମଣ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ପୁଲିସ କନଷ୍ଟେବଲଙ୍କୁ ଏକ ଗଞ୍ଜେଇ ଚାଲାଣ ମାମଲାରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଅଦାଲତରେ ଦୋଷମୁକ୍ତ ହେବା ପରେ ବି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଏହି ଦଣ୍ଡ ମିଳିଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୨୦୨୪ରୁ ଏହି ବିଭାଗୀୟ ଦଣ୍ଡାଦେଶକୁ ରଦ୍ଦକରି ଆବେଦନକାରୀଙ୍କୁ ଚାକିରିରେ ପୁନର୍ବାର ଅବସ୍ଥାପିତ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ ଅନୁପାଳନ କରା ନଯିବା ନେଇ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ୧୪ରେ ସବୁ ସହରାଞ୍ଚଳରେ 'ନମସ୍ତେ ଦିବସ'

ଭୁବନେଶ୍ୱର, ୧୦।୭(ସମିସ): ସଫେଇ ମିତ୍ରଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ଯାନ୍ତ୍ରିକ ଓ ନିରାପଦ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଚଳିତ ମାସ ଆସନ୍ତା ୧୪ ତାରିଖରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ରେ "ନମସ୍ତେ ଦିବସ' ପାଳନ କରାଯିବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ଏନ୍‌ଏସିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଭାରତ ସରକାରଙ୍କ ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସମସ୍ତ ସ୍ଥାନୀୟ ସଂସ୍ଥାକୁ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ।

## ସରକାରଙ୍କୁ ୧.୧୭ କୋଟିର ଲାଭାଂଶ ଦେଲା ଓଟିଡିସି

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଆର୍ଥିକ ବର୍ଷ ୨୦୨୪–୨୫ ପାଇଁ ଓଡ଼ିଶା ସରକାରଙ୍କୁ ୧.୧୭ କୋଟିର ଲାଭାଂଶ (ଡିଭିଡେଣ୍ଡ) ପ୍ରଦାନ କରିଛି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଟିଡିସିର ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି।

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated-09/07/2026. I, **Kuni Behera** (new name), W/o Jalandhar Behera, permanent & current resident of AT: Barahmal, PO: Khasbahal, PS: Saintala, Dist: Balangir, State: Odisha, PIN: 767032 declare that I have changed my name from **Khitisuta Behera** (old name) to **Kuni Behera** (new name). Henceforth, I shall be known as **Kuni Behera** (new name) for all future purposes.
**Kuni Behera**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାତୀୟ ସଙ୍ଗୀତ...

କରିବାକୁ ବାଧ୍ୟ ରହିବେ। ପୂର୍ବରୁ ଚଳିତ ବର୍ଷ ଜାନୁଆରୀ ୨୮ରେ ମଧ୍ୟ କେନ୍ଦ୍ର ସରକାର ଏଭଳି ଏକ ଆଦେଶ ଜାରି କରିଥିଲେ। ସେଥିରେ, ସମସ୍ତ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ବାଧ୍ୟତାମୂଳକ ଭାବେ 'ବନ୍ଦେ ମାତରମ୍' ଗାନ କରାଯିବା ଏବଂ ଏହି ସମୟରେ ସମସ୍ତେ ସମ୍ମାନର ସହ ଠିଆ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ପୂର୍ବରୁ କେବଳ ପ୍ରଥମ ଦୁଇଟି ପଦ ଗାନ କରାଯାଉଥିବା ବେଳେ, ଏବେ ସମ୍ପୂର୍ଣ୍ଣ ୬ଟିଯାକ ପଦ ଗାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ମୋଟ ୩ ମିନିଟ୍ ୧୦ ସେକେଣ୍ଡ ସମୟ ଲାଗିବ। କେନ୍ଦ୍ରର ଏହି ନୂତନ ନିୟମକୁ ସମସ୍ତ ସ୍ତରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

### ବିଳମ୍ବ ହେବ...

ନିମନ୍ତେ ସମ୍ମତି ଲୋଡ଼ିଥିଲା। ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପ୍ରକାରର ବାଲାଟ ପେପର ମୁଦ୍ରଣ ପାଇଁ ୱାଟରମାର୍କ କାଗଜ ଟେଣ୍ଡର ମାଧ୍ୟମରେ କ୍ରୟ କରାଯିବ। ତେଣୁ ତୁରନ୍ତ ପାଣ୍ଠି ବରାଦ ପାଇଁ ସମ୍ମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତେବେ ପ୍ରାୟ ତିନି ସପ୍ତାହ ପରେ ମଧ୍ୟ ସମ୍ମତି ନମିଳିବାରୁ ୨ ଜୁଲାଇ ୨୦୨୬ରେ ଓଡ଼ିଶା ମୁଦ୍ରଣ, ଷ୍ଟେସନାରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପୁଣି ଏକ ପତ୍ର ଲେଖି ପାଣ୍ଠି ବରାଦ ସମ୍ମତି ମିଳିଲେ ହିଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଦର୍ଶାଇଛନ୍ତି। ସମୟ ମଧ୍ୟରେ ବାଲାଟ ପେପର ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା ପାଇଁ ଶୀଘ୍ର ଅନୁମୋଦନ ଦେବାକୁ ପତ୍ରରେ ଅନୁରୋଧ କରାଯାଇଛି। ବାଲାଟ ପେପର ପାଇଁ ୧୮୧ ମେଟ୍ରିକ ଟନ ୱାଟରମାର୍କ କାଗଜ ଆବଶ୍ୟକ ରହିଛି। ଚାରି ପ୍ରକାର ରଙ୍ଗର ବାଲାଟ ପେପର ମୁଦ୍ରଣ ପାଇଁ ଏହି କାଗଜ ଟେଣ୍ଡର ଜରିଆରେ କ୍ରୟ କରାଯିବ। ଟେଣ୍ଡର ଚୂଡ଼ାନ୍ତ ହେବା ପରେ ପ୍ରକୃତ କ୍ରୟ ବ୍ୟୟ ନିର୍ଦ୍ଧାରଣ ହେବ ବୋଲି ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି।

ପଞ୍ଚାୟତ ନିର୍ବାଚନକୁ ନେଇ ଏଭଳି ବାରମ୍ବାର ମତ ବଦଳୁଥିବାରୁ ବିଜେଡି ଏହାକୁ ସମାଲୋଚନା କରିଛି। ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ କରିବେ କି ନାହିଁ ତାହା ଏବେ ପ୍ରଶ୍ନ ଘେରରେ ରହିଛି। ବିଜେଡି ସର୍ବଦା ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ନିର୍ବାଚନ ଏକ ଧାରା ବାହିକ ପ୍ରକ୍ରିୟା। କିନ୍ତୁ ସରକାର ବର୍ତ୍ତମାନ ଯେଉଁ ସ୍ଥିତିରେ ଚାଲିଛନ୍ତି, ସେଥିପାଇଁ ସରକାର ସଠିକ ସମୟରେ ନିର୍ବାଚନ କରିବେ କି ନାହିଁ ସନ୍ଦେହରେ ଅଛନ୍ତି। ପୂର୍ବରୁ ଏହି ସରକାର ୬ ମାସ ପୂର୍ବରୁ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଚିଠି କରିଥିଲେ। ମାତ୍ର ଏହି ଚିଠିକୁ ସଙ୍ଗେ ସଙ୍ଗେ ସ୍ଥଗିତ ରଖାଯାଇଥିଲା। ତେଣୁ ଏ ସରକାର ମୁଣ୍ଡ କଣ କରୁଛି ଓ ହାତ କଣ କରୁଛି କିଛି ଜାଣି ପାରୁ ନାହାନ୍ତି। ନିର୍ବାଚନ ହେବ କି ନାହିଁ ଜନସାଧାରଣ ସଂଶୟରେ ରହିଛନ୍ତି ବୋଲି କହି ସେ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି।

### କମିଛି ୫୦୦ ଟଙ୍କିଆ...

ପର୍ଯ୍ୟନ୍ତ ଗୋଟିଏ ମାତ୍ର ସିଫ୍ଟ କରାଯାଇଛି। ସେଥିପାଇଁ କର୍ମଚାରୀମାନେ ଇସ୍ତଫା ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ଦାନ ଅର୍ଥ ଗଣନା ପାଇଁ ବର୍ତ୍ତମାନ ଷ୍ଟେଟବ୍ୟାଙ୍କ ପକ୍ଷରୁ ମାତ୍ର ୧୩ ଜଣ କର୍ମଚାରୀ ଅଛନ୍ତି। ଦାନ ପାଣ୍ଠି ଚୋରି ଘଟଣାର ତଦନ୍ତ ଜାରି ଥିବା ବେଳେ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ଶୁକ୍ରବାର ଅଯୋଧ୍ୟାରେ ପହଞ୍ଚିଛନ୍ତି। ଜୁନ୍ ୭ରେ ଏହି ବିବାଦ ଆରମ୍ଭ ହେବା ପରେ ଏହା ତାଙ୍କର ତୃତୀୟ ଅଯୋଧ୍ୟା ଗସ୍ତ। ସଂପ୍ରତି ରାମମନ୍ଦିର ପାଣ୍ଠି ଚୋରି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଆସନ୍ତା ଜୁଲାଇ ୧୩ ତାରିଖରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ମୋଟ ତିନୋଟି ଆବେଦନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ସେଥିରେ ଘଟଣାର ସିବିଆଇ ତଦନ୍ତ, ସ୍ୱତନ୍ତ୍ର ଏସଆଇଟି ଗଠନ ଏବଂ ମନ୍ଦିରର ଦାନ ପରିଚାଳନା ବ୍ୟବସ୍ଥାର ସମୀକ୍ଷା ପାଇଁ ବିଶେଷଜ୍ଞ କମିଟି ଗଠନ ଦାବି କରାଯାଇଛି।

### ବାଇକ୍‌ରେ ବୁହାହେଲା...

କିନ୍ତୁ ଶୁକ୍ରବାର ସକାଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭରଣ୍ଡୀ ଗ୍ରାମବାସୀ ଶ୍ମଶାନରେ ଶବ ସତ୍କାର କରିବାକୁ ମନା କରିବାରୁ ଶବକୁ ଆମ୍ବଗୁଡ଼ା ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଶବବାହକ ଗାଡ଼ି ଦାବି କରୁଥିବା ଅର୍ଥ ସେମାନଙ୍କ ପାଖରେ ନଥିଲା। ତେଣୁ ଶବକୁ ବାଇକ୍ ପଛରେ ବାନ୍ଧି ସେମାନେ ଗାଁ ଆମ୍ବଗୁଡା ନେଇଥିଲେ। ଏହି ଖବର ପ୍ରଶାସନ ପାଖରେ ପହଞ୍ଚିବା ପରେ ଉମରକୋଟ ବିଡିଓ ମନୋଜ କୁମାର ମେହେର ଆମ୍ବଗୁଡା ଓ ସାନଭରଣ୍ଡୀ ଲୋକଙ୍କ ସହ ଆଲୋଚନା କରିଥିଲେ। ସାନଭରଣ୍ଡୀବାସୀ ଶ୍ମଶାନରେ ଜାଗା ନଦେବା ଅଭିଯୋଗକୁ ଖଣ୍ଡନ କରିଥିଲେ। ଉମରକୋଟ ତହସିଲଦାର ମେଘବାନ ବାଗ ଆମ୍ବଗୁଡା ଯାଇ ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ତହସିଲଦାରଙ୍କ କହିବା ଅନୁସାରେ ଅନିତ୍ରାଙ୍କ ମୃତ୍ୟୁ ପରେ ଶବବାହକ ଗାଡି କିମ୍ବା କାହା ସହିତ ଯୋଗାଯୋଗ ନକରି ପରିବାର ଲୋକେ ଶବ ନେବାକୁ ବାଇକ୍‌କୁ ମାଧ୍ୟମ ବାଛିଥିଲେ। ଅନିତ୍ରାଙ୍କ ମାମୁଁ ସାଇବ କୁମ୍ଭାର ନିଜ ବାଇକ୍‌ରେ ଶବକୁ ସାନଭରଣ୍ଡି ଠାରୁ ଆମ୍ବଗୁଡା ୧୦ କିଲୋମିଟର ନେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଏହି ପରିବାରକୁ ଦୁଇ ହଜାର ଟଙ୍କା ତୁରନ୍ତ ସହାୟତା କରାଯାଇଥିବା ବେଳେ ଅନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

### ୨୦୨୯ରେ 'ଏକ ଦେଶ...

ପ୍ରଶାସନିକ ଓ ବ୍ୟବହାରିକ ସମସ୍ୟା ଆସିପାରେ ଏବଂ ସେଗୁଡ଼ିକର ସମାଧାନ କିପରି ସମ୍ଭବ, ସେନେଇ ମତାମତ ନିଆଯାଇଛି। ଲୋକତାନ୍ତ୍ରିକ ବ୍ୟବସ୍ଥାର ସନ୍ତୁଳନ ବଜାୟ ରଖି ସମସ୍ତଙ୍କ ସମ୍ମତିରେ ଏକ ବ୍ୟବସ୍ଥା ଗଠନ କରିବା ହିଁ କମିଟିର ଲକ୍ଷ୍ୟ ବୋଲି ସେ କହିଛନ୍ତି। କମିଟି ଏପର୍ଯ୍ୟନ୍ତ ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟ ଗସ୍ତ କରି ସେଠାରେ ମଧ୍ୟ ବିଭିନ୍ନ ବର୍ଗର ଲୋକଙ୍କ ମତ ସଂଗ୍ରହ କରିଛି। କମିଟି ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛି। ଯଦି ରାଜ୍ୟ ସରକାର ଓ ରାଜନୈତିକ ଦଳମାନେ ସ୍ୱେଚ୍ଛାରେ ସହମତି ପ୍ରକାଶ କରନ୍ତି, ତେବେ ୨୦୨୯ ପୂର୍ବରୁ ମଧ୍ୟ କିଛି ରାଜ୍ୟର ନିର୍ବାଚନୀ ଚକ୍ରକୁ ଲୋକସଭା ନିର୍ବାଚନ ସହ ସମନ୍ୱୟ କରାଯାଇପାରିବ।

ସେ କହିଛନ୍ତି ଯେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ଆର୍ଥିକ ଅଧ୍ୟୟନ ଅନୁଯାୟୀ ଦେଶରେ ବାରମ୍ବାର ଅଲଗା ଅଲଗା ନିର୍ବାଚନ ହେବା ଫଳରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ଆର୍ଥିକ କ୍ଷତି ହେଉଛି। ଯଦି ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ହୁଏ, ତେବେ ସେହି ପରିମାଣର ଆର୍ଥିକ ଲାଭ ଦେଶକୁ ମିଳିପାରିବ। ବର୍ତ୍ତମାନ ସମୟରେ ନିର୍ବାଚନ କେବଳ ଗୋଟିଏ ରାଜ୍ୟର ସୀମାରେ ସୀମିତ ରହୁନାହିଁ। ଦେଶର ଯେକୌଣସି ରାଜ୍ୟରେ ନିର୍ବାଚନ ହେଲେ ତାହାର ପ୍ରଭାବ ଅନ୍ୟ ରାଜ୍ୟର ଅର୍ଥନୀତି ଉପରେ ମଧ୍ୟ ପଡୁଛି। ବାରମ୍ବାର ନିର୍ବାଚନ ହେବା ଫଳରେ ଶାସନ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଭୋଟର ତାଲିକା ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମତଦାନ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ସବୁଠାରୁ ବେଶି ପ୍ରଭାବ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ କରିବାରେ ଏହି ସଂସ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ତେବେ ଏହାକୁ ନେଇ ଶେଷ ନିଷ୍ପତ୍ତି ସମସ୍ତ ରାଜନୈତିକ ଦଳ ଓ ସମ୍ବନ୍ଧିତ ପକ୍ଷଙ୍କ ସହମତି ପରେ ହିଁ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଶୃଙ୍ଖଳିତ ରଥଯାତ୍ରା...

ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା ସିଏପିଏଫ୍ କର୍ମଚାରୀ ମୁତୟନ କରାଯାଇଛି। ଏହାସହିତ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଙ୍ଗ୍, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

### ନିଶ୍ୱାସ ନେଇପାରୁନି...

ନିଯୁକ୍ତି, ଇଣ୍ଟର୍ନଶିପ୍ ଓ କ୍ୟାମ୍ପସ୍ ପ୍ଲେସମେଣ୍ଟରୁ ବଞ୍ଚିତ ହେଉଛନ୍ତି। ଏନେଇ ବାରମ୍ବାର ବିଶ୍ୱବିଦ୍ୟାଳୟ ସମେତ ସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। କୁଳପତି, କୁଳସଚିବ ବା ପରୀକ୍ଷା ନିୟନ୍ତ୍ରକଙ୍କୁ ଅଭିଯୋଗ କରିବାକୁ ଗଲେ ଅଭ୍ୟର୍ଥନା ସ୍ଥଳରୁ ସୁରକ୍ଷା କର୍ମୀ ତଡ଼ି ଦେଉଛନ୍ତି। ଆନ୍ଦୋଳନ କରିବାକୁ ବାହାରିଲେ ସେମାନଙ୍କୁ ପରୀକ୍ଷାରେ ଫେଲ୍ କରିଦେବାର ଧମକ ମଧ୍ୟ ମିଳୁଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା କେବେ ହେବ ଏବଂ ଫଳ କେବେ ପ୍ରକାଶ ପାଇବ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନେ ଭୟଙ୍କର ମାନସିକ ଚାପରେ ରହିଛନ୍ତି। ଭବିଷ୍ୟତ ପ୍ରତି ଅନିଶ୍ଚିତତା ଘୋଟି ରହିଥିବାବେଳେ ବୟସ ସୀମାଭିତ୍ତିକ ନିଯୁକ୍ତି ସୁଯୋଗ ହରାଇବାର ଆଶଙ୍କା ବଢ଼ିଛି। ଏସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ୱାଇ ରୋଜା ରମଣୀଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରି ନାହିଁ।

# ରାଜସ୍ଥାନରେ 'ଅଦିନିଆ ରଥଯାତ୍ରା' ଉପରେ ରୋକ୍

ପୁରୀ, ୧୦।୭ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସନାତନ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ରାଜସ୍ଥାନର ସିକର ଜିଲ୍ଲାରେ ଆୟୋଜନ ହେବାକୁ ଥିବା 'ଅଦିନିଆ ରଥଯାତ୍ରା' ଉପରେ ରୋକ୍ ଲଗାଯାଇଛି। ସିକର ଜିଲ୍ଲା ମାଜିଷ୍ଟ୍ରେଟ ଏହି ରଥଯାତ୍ରା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

> **ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ ପୁରୀ ଜିଲ୍ଲାପାଳ**
>
> **ସିକର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବନ୍ଦ ରହିଲା ଅଦିନିଆ ରଥଯାତ୍ରା**

ବିଶ୍ୱ ସନାତନ ଧର୍ମ ସେବା ସଂସ୍ଥାନ ଓ ଶ୍ରୀ ଖଟୁ ଶ୍ୟାମ ମଣ୍ଡଳ ଦ୍ୱାରା ରାଜସ୍ଥାନର ସିକର ଜିଲ୍ଲାରେ ଜୁଲାଇ ୧୦ ଅର୍ଥାତ୍ ଆଜି ଅଦିନିଆ ରଥଯାତ୍ରା ଆୟୋଜନ କରାଯିବାର ଥିଲା। କିନ୍ତୁ ପରମ୍ପରା ଅନୁଯାୟୀ ନିର୍ଦ୍ଧାରିତ ସମୟ ବାହାରେ ରଥଯାତ୍ରା ଆୟୋଜନ କରାଯିବାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ସୂଚନା ପାଇବା ପରେ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସିକର ଜିଲ୍ଲାପାଳ ଆଶିଷ ମୋଦିଙ୍କୁ ସରକାରୀ ପତ୍ର ଲେଖି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ମୂଳ ପୀଠ ଶ୍ରୀକ୍ଷେତ୍ର ପୁରୀରେ ଯେଉଁଦିନ ରଥଯାତ୍ରା ଅନୁଷ୍ଠିତ ହେବ ସେହି ତିଥିରେ ହିଁ ରଥଯାତ୍ରା ପାଳନ କରିବା ପାଇଁ ଚିଠିରେ ଉଲ୍ଲେଖ କରିବା ସହ ରାଜସ୍ଥାନର ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏ ସମ୍ବନ୍ଧୀୟ ପତ୍ର ପ୍ରେରଣ କରିଥିଲେ। ପୁରୀ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ପତ୍ର ପାଇବା ପରେ ସିକର ଜିଲ୍ଲାପାଳ ଚିଠି ଜରିଆରେ ସେଠାକାର ପୁଲିସକୁ ତୁରନ୍ତ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଦାନ୍ତାରାମଗଡ଼ର ସବ୍-ଡିଭିଜନାଲ ଅଫିସର (ଏସ୍‌ଡିଓ)ଙ୍କୁ ମଧ୍ୟ ଏହି ନିର୍ଦ୍ଦେଶର କପି ପଠାଯାଇ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଥିଲା। ସେଠାକାର ତହସିଲଦାର ଖାଟୁଶ୍ୟାମ ମଣ୍ଡଳକୁ ରଥଯାତ୍ରା ରୋକିବାକୁ ଅନୁରୋଧ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଆଜି ଆୟୋଜିତ ହେବାକୁ ଥିବା ରଥଯାତ୍ରାକୁ ଅଟକାଯାଇଛି। ସିକର ଜିଲ୍ଲାପାଳ ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇ ରଥଯାତ୍ରା ବନ୍ଦ କରାଯାଇଥିବା ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସନାତନ ସଂସ୍କୃତି ଓ ପରମ୍ପରା ସହ କୌଣସି ବୁଝାମଣା କରାଯିବ ନାହିଁ।

# ସୁପର ପ୍ରିମିୟମ ସମ୍ପୂର୍ଣ୍ଣ ସ୍ଲିପର ଏସି ବସ୍ ଭଡ଼ା ଧାର୍ଯ୍ୟ

କଟକ,୧୦।୭ (ସମିସ): ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ "ସୁପର ପ୍ରିମିୟମ ସମ୍ପୂର୍ଣ୍ଣ ସ୍ଲିପର ଏସି କୋଚ୍' ନୂତନ ବର୍ଗର ବସ୍ ପାଇଁ ଭଡ଼ା ଧାର୍ଯ୍ୟ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୩ ଟଙ୍କା ୫୦ ପଇସା ଭଡ଼ା ଦେବାକୁ ପଡ଼ିବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଦ୍ୱାରା ଗଠିତ ବୈଷୟିକ କମିଟିର ସୁପାରିସ ଆଧାରରେ ଏହି ଭଡ଼ା ସ୍ଥିର କରାଯାଇଛି। ଓଡ଼ିଶା ଗେଜେଟ୍‌ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ହିଁ ନୂଆ ଭଡ଼ା ହାର ଲାଗୁ ହେବ। ତେବେ ରାଜ୍ୟରେ ଚାଲୁଥିବା ପୂର୍ବ ବର୍ଗର ବସ୍, ଯେପରିକି ଅର୍ଡିନାରୀ, ଏକ୍ସପ୍ରେସ, ଡିଲକ୍ସ, ଏସି ଡିଲକ୍ସ ଏବଂ ସୁପର ପ୍ରିମିୟମ (ସ୍ଲିପର/ସେମି-ସ୍ଲିପର) ବସ୍‌ଗୁଡ଼ିକର ଭଡ଼ା ପୂର୍ବଭଳି ଅପରିବର୍ତ୍ତିତ ରହିବ। କୌଣସି ବି ବସ୍ ମାଲିକ ବା ଅପରେଟର ଯାତ୍ରୀଙ୍କଠାରୁ ଏହାଠାରୁ ଅଧିକ ଟଙ୍କା ଆଦାୟ କରିପାରିବେ ନାହିଁ। ପୂର୍ବ ନିୟମ ଅନୁଯାୟୀ ଯାତ୍ରୀମାନଙ୍କୁ ମିଳୁଥିବା ସମସ୍ତ ସୁବିଧା, ଯେପରିକି ସର୍ବନିମ୍ନ ଭଡ଼ା, ଯୋଗ୍ୟ ଯାତ୍ରୀଙ୍କ ପାଇଁ ରିଆତି, ମାଗଣା ଲଗେଜ୍ ସୀମା ଏବଂ ବସ୍ ଭିତରେ ଭଡ଼ା ତାଲିକା ପ୍ରଦର୍ଶନ କରିବା ବାଧ୍ୟତାମୂଳକ ରହିବ।

**AFFIDAVIT**
By virtue of an affidavit sworn before the Executive Magistrate Soro, Baleswar, Odisha vide Sl. no. 2041 dated 9/07/2026, I Taraknath Dutta, S/o- Basudev Dutta, At- Chhatrapur, Po-Soro, Ps- Soro, Dist- Baleswar, Odisha, Pin-756045 declare that I have changed my Son's name from Saikrishna Dutta to Srikrishna Dutta. Henceforth he shall be known as **Srikrishna Dutta** for all purposes.

**AFFIDAVIT**
I, **Nikita Prusty**, D/o Bijay Kumar Prusty, resident of ward At / PO / PS - Kanas, Dist. Puri, Pin code- 752017 Odisha, declared by this **affidavit No 2353, dated 12/06/2026** that know onwards I shall be known as **NIKITA PRUSTY** for all future purposes.

**AFFIDAVIT**
By virtue of an affidavit sworn before Executive Magistrate / Notary Public Udala, Dist - Mayurbhanj on dated 4th day of July 2026 , I, Panabati Sing , D/o - Rama Sing of Village- Bagadafa , P.O - Saradiha , P.S - Sarat , Dist - Mayurbhanj, PIN-757079 , declare that , I have changed my name from PANABATI SING to PANAMATI SING . Henceforth, I shall be known as **PANAMATI SING** for all purposes.

**LOST NOTICE**
I, Goutam Pradhan, S/o Gangadhar Pradhan, resident of Vill- Chheliapada, Dist - Angul, declared that on dated 01/07/2026 at about 9.00AM while I was proceeding towards the fitness gym Similipada, Angul following documents were Lost somewhere on the way. RSD No. 2702 of 1991 dated 01/11/1911 and ROR bearing Khata No - 638/430 in village Chheliapada. After that I had searched the missing documents here and there but could not find them. This newspaper publication is for future references.

**ପଶ୍ଚିମ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ପଶ୍ଚିମ ରେଳବାଇ ପକ୍ଷରୁ EL/TRD/58/2026-27/12 ନମ୍ବର ବିଶିଷ୍ଟ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ରତଲାମ ମଣ୍ଡଳରେ ବିଦ୍ୟମାନ ଓଭରହେଡ୍ ଇକ୍ୱିପମେଣ୍ଟ (OHE) ଗଠନ, କମ୍ କ୍ଷମତାସମ୍ପନ୍ନ ଏବଂ ହେଲି ପଡ଼ିଥିବା OHE ମାଷ୍ଟଗୁଡ଼ିକର ପ୍ରତିସ୍ଥାପନ ସହିତ TRD ସମ୍ପର୍କିତ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଟେଣ୍ଡର ଆହ୍ୱାନ ହୋଇଛି। କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.8,21,03,522/-, ଅମାନତ ଜମା: ଟ.16,42,100/-। କାର୍ଯ୍ୟ ସମାପ୍ତି ସମୟ: 18 ମାସ। ଟେଣ୍ଡର ଦସ୍ତାବିଜ ମୂଲ୍ୟ ନିଃଶୁଳ୍କ ଅଟେ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: ୧୦.୦୮.୨୦୨୬ ଅପରାହ୍ନ ୩.୦୦ ଘଟିକା। ବିଡ୍ ଖୋଲିବା ତାରିଖଠାରୁ ୬୦ ଦିନ ପର୍ଯ୍ୟନ୍ତ ଅଫର ବୈଧ ରହିବ। ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ www.ireps.gov.in ୱେବସାଇଟରେ ଉପଲବ୍ଧ। ଏହି ନୋଟିସ ବୋର୍ଡଟି ସିନିୟର ଡିଭିଜିଓନାଲ ଇଲେକ୍ଟ୍ରିକାଲ ଇଂଜିନିୟର (ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍), ପଶ୍ଚିମ ରେଳପଥ, ରତଲାମ – ୪୫୭୦୦୧ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ। 0140
Like us on: facebook.com/WesternRly

**AFFIDAVIT**
I, PRABINA KUMAR MOHAPATRA, aged about 65 years, S/o- SAMANTA KRUSHNA CHANDRA MOHAPATRA, PLOT NO-153, SAHEED NAGAR, NEAR ALOK BHARTI BUILDING, BHUBANESWAR -751007 ODISHA, declared by this Affidavit No.825/2026 Dated.08.07.2026, That now onwards I shall Be Known as **PRABIN KUMAR MOHAPATRA** That for all future Purposes.

**NOTICE**
By virtue of an affidavit sworn before the Executive **Magistrate, Bargarh** on dated **30th March 2026**, I **Miss DILESWARI NAIK**, Address ADIMATA LANE, WARD No.7 BANDHATALAPADA, BARGARH-768028, Odisha have changed my name from "**CHUMKI NAYAK**" to "**DILESWARI NAIK**". Henceforth, I shall be known as DILESWARI NAIK for all purposes.
**DILESWARI NAYAK**

**AFFIDAVIT**
By virtue of an affidavit (SL No- 2125, dtd- 09.07.2026) sworn before The Executive Magistrate, Khordha. I, **Sarat Kumar Sahoo,** S/o Dasarathi Sahoo, resident of at/PO: Kalapathar, Ps: Baideswar, Dist- Cuttack, PIN- 754009, Odisha declare that I have changed my name from **Saroj Kumar Sahoo** (old name) to **Sarat Kumar Sahoo** (new name) in my **LIC Policy No: 585581432.** Henceforth, I shall be known as **Sarat Kumar Sahoo** (new name) for all purposes.
**Sarat Kumar Sahoo**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR** 10001/352/2627
District Programme Management Unit (DPMU)
National Health Mission (NHM)
**Expression of Interest**
No.: 2112 Date: 10/07/2026
Sealed EOIs are invited from interested eligible organizations (Private Health Care Providers for extension of Healthcare (Super Speciality) facilities through engagement of Private Technical Service Providers/Hospitals to provide Super/Specialist Services at five CHCs, (**Kujang, Balikuda, Nuagaon, Raghunathpur, and Atharabanki) of** Jagatsinghpur District funded under CSR by **IOCL** in **PPP mode**. The eligibility criteria, terms of reference, and the formats for submission of bids are available in Jagatsinghpur District website i.e. **www.jagatsinghpur.odisha.gov.in.** The tender should reach the undersigned on or before **18/07/2026 till 5:00 PM** through **Speed Post, Registered Post / Courier only**. The authority reserves all the rights to cancel or reject any or all EOIs without assigning any reason thereof.
Sd/- CDMO-cum-District Mission Director
Jagatsinghpur
OIPR-10001/10043/1/26-27/0005

### ଥୁଆମୂଳ ରାମପୁରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ୨ ମାସ ଧରି ଅଚଳ ୧୦୮ ଆମ୍ବୁଲାନ୍ସ

**ଥୁଆମୂଳ ରାମପୁର, ୧୦।୭ (ସମିସ)**

ଥୁଆମୂଳ ରାମପୁର ବ୍ଲକରେ ସ୍ୱାସ୍ଥ୍ୟସେବାର ଦୟନୀୟ ଚିତ୍ର ସାମ୍ନାକୁ ଆସିଛି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଥୁଆମୂଳ ରାମପୁର ଓ ସାଇସୁରୁନୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଅଞ୍ଚଳବାସୀଙ୍କ ସେବା ପାଇଁ ଦୁଇଟି ୧୦୮ ଆମ୍ବୁଲାନ୍ସ ନିୟୋଜିତ ରହିଥିଲେ ମଧ୍ୟ, ସେଇ ଦୁଇଟି ଆମ୍ବୁଲାନ୍ସ ପ୍ରାୟ ଦୁଇ ମାସ ଧରି ମରାମତି ପାଇଁ ଯାଇ ଫେରିନଥିବା ଜଣାପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ସମୟ ମଧ୍ୟରେ କୌଣସି ବିକଳ୍ପ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇ ନାହିଁ। ଥୁଆମୂଳ ରାମପୁର-କଳମପୁରକୁ ସଂଯୋଗ କରୁଥିବା ରାସ୍ତାର ସିଙ୍ଗାରି ଘାଟି ରାସ୍ତାର ଅବସ୍ଥା ଶୋଚନୀୟ ଥିବା ଯୋଗୁଁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସ ମଧ୍ୟ ସେବା ଯୋଗାଇବାରେ ବିଫଳର ଆଶଙ୍କା ରହିଛି। ଫଳସ୍ୱରୂପ ବ୍ଲକର ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୁର୍ଘଟଣା, ପ୍ରସବଜନିତ ଜରୁରୀ ପରିସ୍ଥିତି କିମ୍ବା ଗୁରୁତର ରୋଗୀଙ୍କୁ ସମୟମତେ ଆମ୍ବୁଲାନ୍ସ ସେବା ମିଳୁନାହିଁ। ଏଥିପାଇଁ ଅନେକ ସମୟରେ ରୋଗୀଙ୍କ ପରିବାର ଲୋକେ ବେସରକାରୀ ଗାଡ଼ି ଭଡ଼ା କରି ଅଧିକ ଖର୍ଚ୍ଚରେ ଚିକିତ୍ସାଳୟକୁ ନେବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟବାସୀନ୍ଦାଙ୍କ କହିବା ଅନୁଯାୟୀ, ଥୁଆମୂଳ ରାମପୁର ଭଳି ଦୁର୍ଗମ ବ୍ଲକରେ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ୧୦୮ ଆମ୍ବୁଲାନ୍ସ ହିଁ ପ୍ରମୁଖ ଭରସା। କିନ୍ତୁ ଦୀର୍ଘଦିନ ଧରି ଗୋଟିଏ ଆମ୍ବୁଲାନ୍ସ ଅଚଳ ରହିବା ସତ୍ତ୍ୱେ ବିକଳ୍ପ ବ୍ୟବସ୍ଥା ନ କରାଯିବା ପ୍ରଶାସନର ଅବହେଳାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ତୁରନ୍ତ ମରାମତି କାମ ଶେଷ କରି ଆମ୍ବୁଲାନ୍ସକୁ ସେବାରେ ନିୟୋଜିତ କରିବା ସହ ଆବଶ୍ୟକ ପଡ଼ିଲେ ବିକଳ୍ପ ୧୦୮ ଆମ୍ବୁଲାନ୍ସ ମୁତୟନ କରିବାକୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି।

**ମରାମତି ପାଇଁ ଯାଇଥିବା ଆମ୍ବୁଲାନ୍ସର ବିକଳ୍ପ ବ୍ୟବସ୍ଥା ନାହିଁ**

### ■ ରନ୍ଧନ ଗ୍ୟାସ୍ ଯନ୍ତ୍ରଣାରେ ଛଟପଟ ଉପଭୋକ୍ତା

# ବୁକିଂ କଲେ ରିଜେକ୍ଟ, ୩ ମାସ ହେଲା ଜଳୁନି ଚୁଲି



**କଳମପୁର, ୧୦।୭ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ରନ୍ଧନ ଗ୍ୟାସ୍ ସମସ୍ୟା ଉତ୍କଟ ରୂପ ଧାରଣ କରିଛି, ଫଳରେ ରନ୍ଧନଗ୍ୟାସ ନିମନ୍ତେ ହିତାଧିକାରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି, ଏହି ଅଞ୍ଚଳରେ ଉଜ୍ଜଳା ଯୋଜନାରେ ହିତାଧିକାରୀ ମାନଙ୍କୁ ଇଣ୍ଡେନ ଓ ଭାରତ ଗ୍ୟାସ ଯୋଗାଇ ଦିଆଯାଇ ଆସୁଥିଲା, ଗତ ମାର୍ଚ୍ଚ ମାସ ପରେ ଭାରତ ଗ୍ୟାସ ଯୋଗାଣ ବନ୍ଦ ରହିଗଲା। ଏହାର କାରଣ କେହି ଜାଣି ପାରିଲେ ନାହିଁ, ଏହି ସମୟରେ ଯେଉଁମାନେ ବୁକିଂ କଲେ ସେମାନଙ୍କ ବୁକିଂ ସଫଳ ହୋଇଥିବାବେଳେ ଗ୍ୟାସ ଯୋଗାଣ ହେଲା। ନାହିଁ, ଗ୍ୟାସ ନ ଆସିବାରୁ ହିତାଧିକାରୀମାନେ ବାରମ୍ବାର ବୁକିଂ କଲେ, ତଥାପି ଗ୍ୟାସ ଲୋକଙ୍କ ନିକଟରେ ପହଞ୍ଚିଲା ନାହିଁ, ବହୁ ଦୟନୀୟ ଅବସ୍ଥାରେ ଲୋକେ ଜୀବନଯାପନ କରି ଆସୁଥିଲେ, ପୂର୍ବରୁ କରୁଥିବା ଏଜେନ୍ସି ତିନି ମାସର ବ୍ୟବଧାନ ପରେ ପୁନର୍ବାର ଗ୍ୟାସ ଯୋଗାଣ ଆରମ୍ଭ କଲା, କିନ୍ତୁ ଲୋକେ ପୂର୍ବରୁ ବୁକିଂ କରିଥିବାରୁ ସବୁତକ ରିଜେକ୍ଟ ହୋଇଗଲା। ଖୋଜ୍‌ଖବର ନେବା ପରେ ଜଣାଗଲା ଯେ ଉକ୍ତ ଏଜେନ୍ସି ବନ୍ଦ ଥିବା ସମୟରେ ଯେଉଁ ମାନେ ବୁକିଂ କରିଛନ୍ତି ସେମାନଙ୍କ ଗ୍ୟାସ ଫୁଣ୍ଡା ଗ୍ରାମର ଅନ୍ୟ ଏକ ଏଜେନ୍ସୀ ନିକଟକୁ ଚାଲି ଯାଇଛି। ବାରମ୍ବାର ଲୋକେ ସମ୍ପୃକ୍ତ ଏଜେନ୍ସି ସହିତ ଯୋଗାଯୋଗ କରି ଆସୁଥିଲେ ମଧ୍ୟ ସେ ଗ୍ୟାସ ବଣ୍ଟନ କରୁନାହିଁ କି ବିଭାଗକୁ ଫେରାଉ ନାହିଁ, ଏପଟେ ଲୋକେ ନୂତନ ଭାବେ ବୁକିଂ କଲେ ରିଜେକ୍ଟ ହେଉଥିବା ବେଳେ ଅନ୍ୟପଟେ ଫୁଣ୍ଡା ଗ୍ରାମରେ ଥିବା ଏଜେନ୍ସି ନିକଟକୁ ଯିବାକୁ ପରାମର୍ଶ ମିଳୁଛି। ଏନେଇ କଳମପୁର ବ୍ଲକ ମାର୍କେଟିଙ୍ଗ ଇନିସପେକ୍ଟର ଲିସା ସାହୁ ଫୁଣ୍ଡା ଗ୍ରାମରେ ଥିବା ଏଜେନ୍ସି ଦିଆଯାଇଥିବ, ଆମ ପାଖରେ ଖବର ନ ଥିଲା, ଯଦି ଏପରି ହୋଇଛି ତାହେଲେ ଗୋଲାମୁଣ୍ଡା ମାର୍କେଟିଙ୍ଗ ଇନିସପେକ୍ଟର ସହିତ ଯୋଗାଯୋଗ କରି ଆମେ ତାହାକୁ ଫେରାଇ ଆଣିବାକୁ ଚେଷ୍ଟା କରିବୁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ଆଜି ଶ୍ରୀ ଗଣେଶ ଏଜେନ୍ସି ଭାରତ ଗ୍ୟାସ ନେଇ କଳମପୁର ଆସୁଥିବା ସୂଚନା ମିଳିଥିଲା, ସକାଳ ୮ଟାରୁ ଲୋକେ ଗ୍ୟାସ ପାଇଁ ଅପେକ୍ଷା କରିଥିଲେ, ସନ୍ଧ୍ୟା ୭ଟା ବେଳକୁ ସୂଚନା ମିଳିଲା ତାଙ୍କ ଗ୍ୟାସ ଫୁଣ୍ଡାକୁ ଚାଲି ଯାଇଛି, ଏତେ ସମୟ ଅପେକ୍ଷା କରି ଶେଷରେ ନିରାଶରେ ହୋଇ ଲୋକେ ଫେରି ଯାଇଥିଲେ। ଏ ସମ୍ପର୍କରେ ବିଡିଓ ବିଜୟ ମାଣ୍ଡାଙ୍ଗି ଏ ଅଞ୍ଚଳର ଦୁଇ ହଜାରରୁ ଉର୍ଦ୍ଧ୍ୱ ଗ୍ୟାସ ଫୁଣ୍ଡା ଗ୍ରାମକୁ ଚାଲିଗଲା, ଏଭଳି ଅଭାବ ସମୟରେ ଲୋକେ ଗ୍ୟାସ ନ ପାଇ ହନ୍ତସନ୍ତ ହେବା ବହୁ ଦୁଃଖଦ ଘଟଣା ବୋଲି କହିବା ସହିତ ଆମେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଏନେଇ ଅବଗତ କରାଇବୁ, ଯେପରି ଲୋକେ ସେସବୁ ଗ୍ୟାସ ଫେରି ପାଇପାରିବେ ତାହା ଉପରେ ପଦକ୍ଷେପ ଗ୍ରହଣ କରିବୁ ବୋଲି ପ୍ରତିକ୍ରିୟା ରଖିଥିଲେ।

**ଅନ୍ୟ ଗ୍ରାମକୁ ଚାଲି ଯାଇଛି ଗ୍ୟାସ୍**

### କଳାହାଣ୍ଡି ଗସ୍ତରେ ରାଜ୍ୟ ଭାଜପା ସଭାପତି

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦେଲେ ଗୁରୁମନ୍ତ୍ର

**ଭବାନୀପାଟଣା, ୧୦।୭ (ସମିସ):** ମୋହନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କଳାହାଣ୍ଡି ଗସ୍ତରେ ଆସି ପହଞ୍ଚିଛନ୍ତି। ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ, ପୌର ପରିଷଦ, ଏନ୍‌ଏସି ଏବଂ ସମବାୟ ସମିତି ନିର୍ବାଚନ ହେବା ପୂର୍ବରୁ ନେତା ଓ କର୍ମୀଙ୍କୁ ଶୁକ୍ରବାର ଭବାନୀପାଟଣା ସର୍କିଟ ହାଉସରେ ଅନୁଷ୍ଠିତ କଳାହାଣ୍ଡି ସଂସଦୀୟ କୋର କମିଟି ବୈଠକରେ ଗୁରୁମନ୍ତ୍ର ଦେଇଛନ୍ତି ଶ୍ରୀ ସାମଲ।

ପୂର୍ବାହ୍ନରେ ରାଜ୍ୟ ସଭାପତି ସାମଲ ଭବାନୀପାଟଣାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତା ପାଛୋଟି ନେଇଥିଲେ। ପରେ ଜନ ସମ୍ପର୍କ ଅଭିଯାନରେ ସେ ସହରର ଦ୍ୱାରିକାସିଟି ସ୍ଥିତ ଅବସର ପ୍ରାପ୍ତ ବିଚାରପତି ଦେବେନ୍ଦ୍ର ପ୍ରଧାନ ଓ ମନ୍ଦାରବଗିଚା ପଡ଼ା ସ୍ଥିତ ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଉମା ଶଙ୍କର କରଙ୍କ ଘରକୁ ଯାଇ ସାକ୍ଷାତ କରି ସମ୍ବର୍ଦ୍ଧିତ ଜଣାଇଥିଲେ। ଏହାପରେ ପୁରୁଣାପଡ଼ା ସ୍କୁଲ ଠାରେ ଅନୁଷ୍ଠିତ 'ଏକ ପେଡ଼ ମା' କେ ନାମ୍ କାର୍ଯ୍ୟକ୍ରମରେ ଚାରା ରୋପଣ କରିଥିଲେ।

ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଭାଜପାର ସାଙ୍ଗଠନିକ ବୈଠକରେ ଯୋଗ ଦେଇ ଦଳୀୟ ସଙ୍ଗଠନକୁ ବଢ଼ାଇବା ଉପରେ କହିଥିଲେ।

ବୈଠକରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ରାଜ୍ୟ ସାଙ୍ଗଠନିକ ସଚିବ ମାନସ ମହାନ୍ତି, ଭାଜପା କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର, ନୂଆପଡ଼ା ଜିଲ୍ଲା ସଭାପତି କମଳେସ ଦିକ୍ଷିତ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ ପ୍ରଶାନ୍ତ ସାହୁ, ଭବାନୀ ନିଆଲ, ପ୍ରଦୀପ୍ତ ଦାସ ଲୋକନାଥ ଦୁର୍ଗା, ଭଣ୍ଡେଶ୍ୱର୍ ମହାପାତ୍ର, ଅନାମ ନାୟକ ଓ ନରହରି ପଟ୍ଟନାୟକ ପ୍ରମୁଖଙ୍କ ସମେତ କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ବହୁ ପଦାଧିକାରୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ବୋଡେନ ଆଦିବାସୀ ସେବାଶ୍ରମରୁ ନିଖୋଜ ଛାତ୍ର ଟିଟିଲାଗଡ଼ରୁ ଉଦ୍ଧାର

**ନୂଆପଡ଼ା/ସିନାପାଲି, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ସଦର ସ୍ଥିତ ଆଦିବାସୀ ସେବାଶ୍ରମରୁ ପଳାଇଥିବା ଦଶମ ଶ୍ରେଣୀ ଛାତ୍ର ଟିଟିଲାଗଡ଼ରୁ ଉଦ୍ଧାର କରାଯାଇଛି। କୋମନା ବ୍ଲକ ଛତା ଗ୍ରାମର କୋଟେନ୍ସପଡ଼ାର ଦଶମ ଶ୍ରେଣୀ ଛାତ୍ର ବୁଧବାର ରାତିରେ ଅନୁପସ୍ଥିତ ରହିଥିବା ଜାଣି ପରିବାର ଲୋକଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଥିଲେ। ହେଲେ ଖୋଜଖବର ମିଳି ନ ଥିବାବେଳେ ବସ ଯୋଗେ ସେ କୁସମାଳ ଦେଇ ଟିଟିଲାଗଡ଼ରେ ପହଞ୍ଚି ଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପରେ ସମ୍ପୃକ୍ତ ସେବାଶ୍ରମରେ ନୂଆପଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ସମେତ ଏକ ପ୍ରତିନିଧି ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଛାତ୍ର ଜଣଙ୍କୁ ଉଦ୍ଧାର କରି ବାପା ନକୁଳ ମାଝିଙ୍କୁ ଦିଆଯାଇଛି। ଏଭଳି ଘଟଣାର ଦୀର୍ଘ ସମୟ ପରେ ସେବାଶ୍ରମ କର୍ତ୍ତୃପକ୍ଷ ଜାଣିବା ତାଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜୁନାଗଡ଼, ୧୦।୭ (ସମିସ):** ଜୁନାଗଡ଼ ଥାନା ଅନ୍ତର୍ଗତ ଘଣ୍ଟବାହାଲୀ ଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ କଳମପୁର ବ୍ଲକ ଚୁରା ଗାଁର ଭବାନୀ ଶଙ୍କର ପଣ୍ଡା। ସେ ବାଇକ୍ ଯୋଗେ ଭବାନୀପାଟଣାରୁ ନିଜ ଗାଁକୁ ଫେରୁଥିବା ବେଳେ ଘଣ୍ଟବାହାଲୀଠାରେ ଅଜଣା ଗାଡ଼ିଟି ତାଙ୍କୁ ଧକ୍କା ଦେଇ ପଳାଇଥିଲା।

ଖବର ପାଇ ଜୁନାଗଡ଼ ଥାନା ଏଏସ୍‌ଆଇ ସ୍ମିତା ମାଝୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ଯୁବକଙ୍କୁ ପିସିଆର୍‌ରେ ଜୁନାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏଏସ୍‌ଆଇ ସ୍ମିତା ମାଝୀଙ୍କ ଏଭଳି ତତ୍ପରତା ଏବଂ ମାନବିକତାକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଅଜଣା ଗାଡ଼ିକୁ ଚିହ୍ନଟ କରିବାକୁ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ

**ଭବାନୀପାଟଣା, ୧୦।୭ (ସମିସ):** ଭବାନୀପାଟଣାସ୍ଥିତ ଟାଉନ ହାଇସ୍କୁଲରେ ଗୁରୁବାର ଜିଲ୍ଲାସ୍ତରୀୟ ୭୭ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି ବନମହୋତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉତ୍ତର ବନଖଣ୍ଡ ଅଧିକାରୀ ପ୍ରଭାକର ବର୍ମା, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କଳାଇ ବନନ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଏସିଏଫ୍ ଲିଲି ଅମାନତ୍ୟା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ବିଡିଓ ଚନ୍ଦନ ଭୋଇ, ସ୍ଥାନୀୟ ପ୍ରଧାନଶିକ୍ଷକ ଗୋରେଖି ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥି ମାନେ ସ୍କୁଲ ପରିସରରେ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ଗଛର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ଏହି ଅବସରରେ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ନର୍ଲା ରେଞ୍ଜର ପୁଜିଲଡୁ ଓ ଜୁନାଗଡ଼ ରେଞ୍ଜର ସୁରୁଗୁଡା ଆଦି ୨ବନ ସଂରକ୍ଷଣ ସମିତିକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ୫୦ ହଜାର ଟଙ୍କାର ଚେକ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବନପାଳ ଭବାନୀ ଶଙ୍କର ପରିଛା ଧନ୍ୟବାଦ ଦେଇଥିଲେ।




### ମେଟାଲ ଉଠି ସୃଷ୍ଟି ହେଲାଣି ବଡ଼ ବଡ଼ ଖାଲ

# ଜାତୀୟ ରାଜପଥ-ବିଜୁ ଏକ୍ସପ୍ରେସ୍‌ୱେ ସଂଯୋଗୀକରଣ ରାସ୍ତା ଶୋଚନୀୟ


**କୋକସରା, ୧୦।୭ (ସମିସ):** କୋକସରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଚରମ ଅବହେଳା ସାମ୍ନାକୁ ଆସିଛି। ବ୍ଲକର ବଡ଼ପୋଡ଼ାଗୁଡ଼ାଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଦୀର୍ଘଦିନ ହେଲା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାଟି ଏବେ କାଦୁଅ ବିଲ ସଦୃଶ ପାଲଟୁଥିବା ବେଳେ ଯାତାୟାତରେ ସ୍ଥାନୀୟଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ପ୍ରାୟ ୪ କିଲୋମିଟର ବିଶିଷ୍ଟ ଏହି ରାସ୍ତାକୁ ଗତ ୬/୭ ବର୍ଷ ତଳେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ନିର୍ମାଣ ପରଠାରୁ ଥିବା ୫ ବର୍ଷର ରକ୍ଷଣାବେକ୍ଷଣ ଅବଧି ସରିବାପରେ ମଧ୍ୟ ବିଭାଗ ପକ୍ଷରୁ ଏହାର ପୁନଃ-ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ରାସ୍ତାରୁ ପିଚୁ ଛାଡ଼ି ଗେଟି ଓ ମେଟାଲ ଉଠିଗଲାଣି ଏବଂ ସାରା ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଏହି ରାସ୍ତାଟି କେବଳ ଦୁଇଟି ଗାଁକୁ ଯୋଡୁନାହିଁ, ବରଂ ଏହା ୨୬ ନମ୍ବର ଜାତୀୟ ରାଜପଥରୁ ବିଜୁ ଏକ୍ସପ୍ରେସୱେକୁ ସଂଯୋଗ କରୁଥିବା ଏକ ପ୍ରମୁଖ ସେତୁ ସଦୃଶ। ଏହି କାରଣରୁ ପ୍ରତିଦିନ ଏହି ରାସ୍ତା ଉପରେ ଶହଶହ ଛୋଟବଡ ଗାଡ଼ି ମୋଟର ସହ ସ୍ଥାନୀୟ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ରାସ୍ତାର ଅବସ୍ଥା ଏତେ ଖରାପ ଯେ' ଏଠାରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟିବା ଏକ ନିତିଦିନିଆ ଘଟଣା ପାଲଟିଛି। ବିଶେଷ କରି ଚାଷୀ, ରୋଗୀ ଓ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ଅଧିକ ହଇରାଣ ହେଉଛନ୍ତି। ରାସ୍ତାର ଏଭଳି ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ବଡ଼ପୋଡ଼ାଗୁଡ଼ା, ମହାଜନଗୁଡା, ରଏନଗୁଡା, ତଲାଗାଁ ସମେତ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନକଲେ ଆଗାମୀ ଦିନରେ ଜନଆନ୍ଦୋଳନ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।



### ବିଶ୍ୱନାଥପୁରରେ ପ୍ରଥମ ବର୍ଷ ରଥଯାତ୍ରା

# ରଥରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ

**ଲାଞ୍ଜିଗଡ଼, ୧୦।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଏବର୍ଷ ପ୍ରଥମ ଥର ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ନିର୍ମାଣ ହୋଇଥିବା ରଥର କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ରଥରେ ଶେଷ ରଙ୍ଗ, ଚିତ୍ରକଳା, କଳାକୃତି, ପତାକା ଟାଙ୍ଗିବା, ଛତା ଓ ଅନ୍ୟାନ୍ୟ ସାମଗ୍ରୀର ଶେଷ ସ୍ପର୍ଶ ଦିଆଯାଉଛି। ଶିଳ୍ପୀମାନେ ଦିନ ରାତି କାମ କରି ରଥକୁ ହଳଦିଆ, ନୀଳ ଓ ସବୁଜ ରଙ୍ଗରେ ସଜାଉଛନ୍ତି। ରଥଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ ବିଶ୍ୱନାଥପୁର ଜଗନ୍ନାଥ ସେବା ସମିତି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ, ବିଶ୍ୱନାଥପୁର ପୋଲିସ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଭକ୍ତମାନଙ୍କ ସୁବିଧା ପାଇଁ ବିଶ୍ୱନାଥପୁର ରଥ ଛକ ପାଖରେ ପାନୀୟ ଜଳ, ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଉଛି। ଗତ ୭ ତାରିଖ ଦିନ ବିଶ୍ୱନାଥପୁର ରଥ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ କରାଯାଇଛି। ରଥଯାତ୍ରା କମିଟି ସଭାପତି ଓ ସଦସ୍ୟମାନେ ଲାଞ୍ଜିଗଡ଼ ବ୍ଲକର ସମସ୍ତ ଶ୍ରଦ୍ଧାଳୁଙ୍କୁ ବିଶ୍ୱନାଥପୁର ରଥଯାତ୍ରାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ପ୍ରଥମବର୍ଷ ରଥଯାତ୍ରା ହେବାକୁ ଯାଉଥିବାରୁ ଅଞ୍ଚଳରେ ଉତ୍ସାହ ଦେଖାଦେଇଛି। ହଜାର ହଜାର ଭକ୍ତଙ୍କ ସମାଗମ ହେବ ବୋଲି ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ସୂଚନା ମିଳିଛି।




### ନୂଆପଡ଼ାରେ କୃଷି ବିଭାଗର ସମୀକ୍ଷା ବୈଠକ

# ସାର ସମସ୍ୟା ଦେଖାଦେଲେ ତୁରନ୍ତ ସମାଧାନ ନିର୍ଦ୍ଦେଶ

**କୋମନା, ୧୦।୭ (ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଖରିଫ-୨୦୨୬ କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଦାଶ ଚାଷୀମାନଙ୍କର ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ଅତୁଟ ରହିବା ଦିଗରେ ସମସ୍ତ ଅଧିକାରୀ ସମ୍ବେଦନଶୀଳତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାର କଳାବଜାରୀ କିମ୍ବା ବଣ୍ଟନରେ କୌଣସି ଅନିୟମିତତା ଧରାପଡ଼ିଲେ ସମ୍ପୃକ୍ତଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରି ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ୟୁରିଆ ସାରର କୌଣସି ଅଭାବ ଦେଖାଦେଲେ ବିଭାଗୀୟ ସମନ୍ୱୟ ମାଧ୍ୟମରେ ତୁରନ୍ତ ସମାଧାନ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ।

ଚଳିତ ଖରିଫ ଋତୁରେ ଜିଲ୍ଲାରେ ୧, ୫୯, ୯୭୦ ହେକ୍ଟର ଫସଲ ଆବରଣ ଲକ୍ଷ୍ୟ ରହିଥିବାବେଳେ ୧୩, ୧୫୭ ହେକ୍ଟରରେ ଚାଷ ସମ୍ପନ୍ନ ହୋଇଛି। ସେହିପରି ୯୩, ୭୦୦ ହେକ୍ଟର ଧାନ ଚାଷ ଲକ୍ଷ୍ୟ ବିପରୀତ ୯, ୧୪୯ ହେକ୍ଟରରେ ଧାନ ଚାଷ ସମ୍ପନ୍ନ ହୋଇଛି।

ସାର ଉପଲବ୍ଧତା ସମ୍ପର୍କରେ ଜଣାପଡ଼ିଥିଲା ଯେ, ଜିଲ୍ଲାରେ ଖରିଫ ଋତୁ ପାଇଁ ୧୩ହଜାର ମେଟ୍ରିକ୍ ଟନ୍ ୟୁରିଆର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୦, ୦୫୦. ୭୩ ମେଟ୍ରିକ୍ ଟନ୍ ୟୁରିଆ ଉପଲବ୍ଧ ରହିଛି। ମୋଟ ୮, ୭୧୩.୨୪ ମେଟ୍ରିକ୍ ଟନ୍ ବିଭିନ୍ନ ପ୍ରକାର ସାର ଜିଲ୍ଲାରେ ମହଜୁଦ ଥିବାରୁ ଚାଷୀମାନଙ୍କ ପାଇଁ ପର୍ଯ୍ୟାପ୍ତ ସାର ଉପଲବ୍ଧ ଥିବା ବୈଠକରେ ସୂଚନା ଦିଆଯାଇଥିଲା।

କୃଷକ ପଞ୍ଜୀକରଣରେ ଜିଲ୍ଲାର ୧, ୦୧, ୧୨୮ ଚାଷୀଙ୍କ ଲକ୍ଷ୍ୟ ମଧ୍ୟରୁ ୪୭, ୧୯୦ ଜଣ ଚାଷୀଙ୍କ ପଞ୍ଜୀକରଣ ସମ୍ପନ୍ନ ହୋଇ ୪୬ ପ୍ରତିଶତ ଅଗ୍ରଗତି ହାସଲ ହୋଇଥିବାବେଳେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।




ଚଳିତ ବର୍ଷ ଜିଲ୍ଲାରେ ୧୦୦୦ ହେକ୍ଟରରେ ପ୍ରାକୃତିକ କୃଷି, ୩, ୮୧୦ ହେକ୍ଟରରେ ଶ୍ରୀଅନ୍ନ ଅଭିଯାନ, ୬୪୦ ହେକ୍ଟରରେ ମୁଖ୍ୟମନ୍ତ୍ରୀ ମକା ମିଶନ, ୧, ୨୦୦ ହେକ୍ଟରରେ କପା ଉତ୍ପାଦନ ବୃଦ୍ଧି କାର୍ଯ୍ୟକ୍ରମ ସମେତ ବିଭିନ୍ନ ଯୋଜନାର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା।

ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ନୂଆପଡ଼ା ବ୍ଲକର ଗଣେଶ ଶବର, କୋମନା ବ୍ଲକର ମାୟାଧର ପ୍ରଧାନ, ଖଡ଼ିଆଳ ବ୍ଲକର ପୁନ୍ଦରିକାକ୍ଷ କଟା, ବୋଡେନ ବ୍ଲକର ନିରଞ୍ଜନ ମାଝୀ ଏବଂ ସିନାପାଲି ବ୍ଲକର ଗଣେଶରାମ ମାଝୀଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ସହକାରୀ କୃଷି ଅଧିକାରୀ ବର୍ଷା ଆଜାଦ, ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟଭୂଷଣ ନାଗ, ଖଡ଼ିଆଳ ବ୍ଲକ କୃଷି ଅଧିକାରୀ ମହମ୍ମଦ ମୁର୍ତ୍ତୁଜା, ତରବୋଡ଼ ସହକାରୀ କୃଷି ଅଧିକାରୀ ସୌଦାମିନୀ ରାୟ, ଆଇସିଆରଆଇଏସଏଟ୍‌ର ବରିଷ୍ଠ ବୈଜ୍ଞାନିକ ରାମ ବିକାଶ ବର୍ମାଙ୍କ ସମେତ କୃଷି ବିଭାଗର ବିଭିନ୍ନ ବ୍ଲକର ଅଧିକାରୀ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରରେ ନୂଆପଡ଼ା ଜିଲ୍ଲାର କୃତିତ୍ୱ

# ପରିବାର ନିୟୋଜନ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ

**ନୂଆପଡ଼ା/ସିନାପାଲି, ୧୦।୭ (ସମିସ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କ୍ଷେତ୍ରରେ ନୂଆପଡ଼ା ଜିଲ୍ଲା ପୁଣି ଥରେ ରାଜ୍ୟସ୍ତରରେ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛି। ବିଶ୍ୱ ଜନସଂଖ୍ୟା ଦିବସ-୨୦୨୬ ଅବସରରେ ଭୁବନେଶ୍ୱରସ୍ଥିତ କୃଷି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ୨୦୨୫-୨୬ ବର୍ଷର ପରିବାର ନିୟୋଜନ କାର୍ଯ୍ୟକ୍ରମର ସାମଗ୍ରିକ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛି।

ଏହାସହ ପ୍ରସବ ପରେ ଗର୍ଭାଶୟ ମଧ୍ୟରେ ଲଗାଯାଉଥିବା ଜନ୍ମ ନିୟନ୍ତ୍ରଣ ଉପକରଣ ଗ୍ରହଣରେ ମଧ୍ୟ ନୂଆପଡ଼ା ଜିଲ୍ଲା ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଅଧୀନସ୍ଥ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟସ୍ତରୀୟ ସମାରୋହରେ ନୂଆପଡ଼ା ଜିଲ୍ଲା ପକ୍ଷରୁ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଜେ. ଏସ୍. ମହାନ୍ତି ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଚିକିତ୍ସକ, ନର୍ସ, ଏଏନ୍‌ଏମ୍, ଆଶାକର୍ମୀ ଏବଂ ସମସ୍ତ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମନ୍ୱିତ ଦଳଗତ ପ୍ରୟାସ, ଦାୟିତ୍ୱବୋଧ ଓ ଜନମୁଖୀ ସ୍ୱାସ୍ଥ୍ୟସେବାର ସଫଳ କାର୍ଯ୍ୟାନ୍ୱୟନ ଫଳରେ ନୂଆପଡ଼ା ଏହି ଗୌରବ ଅର୍ଜନ କରିପାରିଛି ବୋଲି ପ୍ରକାଶ କରିଥିଲେ। ଜିଲ୍ଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି।



## ଝାରସୁଗୁଡ଼ାରେ 'ଶିକ୍ଷା ବଞ୍ଚାଅ' ଆନ୍ଦୋଳନ

# ତ୍ରୁଟିପୂର୍ଣ୍ଣ ସ୍କୁଲ ପାଠ୍ୟପୁସ୍ତକକୁ ନେଇ ବର୍ଷିଲା ବିଜେଡି

ଝାରସୁଗୁଡ଼ା, ୧୦।୭ (ସମିସ)



ଚଳିତ ଶିକ୍ଷାବର୍ଷରେ ସ୍କୁଲ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟିକୁ ନେଇ ଆଜି ଝାରସୁଗୁଡ଼ାରେ ବିଜେଡି ପକ୍ଷରୁ "ଶିକ୍ଷା ବଞ୍ଚାଅ' ଆନ୍ଦୋଳନ କରାଯାଇଛି । ଏହି ଆନ୍ଦୋନରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ, ବ୍ରଜରଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ବିଜେଡି ଛାତ୍ର ଜନତା ଦଳ ନେତ୍ରୀ ଇପ୍ସିତା ସାହୁ ସାମିଲ ହୋଇଥିଲେ । ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାର ବିରୋଧରେ ପ୍ରତିବାଦ କରିବା ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ବିଜେଡି ନେତା ଓ କର୍ମୀ ସରକାରଙ୍କ ବିରୋଧରେ ପ୍ରତିବାଦ କରି ଅଭିଯୋଗ କରିଥିଲେ ଯେ, ପାଠ୍ୟପୁସ୍ତକରେ ଅନେକ ତଥ୍ୟଗତ ଓ ଛାପାଜନିତ ତ୍ରୁଟି ରହିଛି । ଏଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରୁଛି । ଏହା ଶିକ୍ଷା ବ୍ୟବସ୍ଥା ପ୍ରତି ସରକାରଙ୍କ ଅବହେଳାର ପ୍ରତିଫଳନ ବୋଲି ଦଳ ପକ୍ଷରୁ କୁହାଯାଇଛି । ତୁରନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂଶୋଧନ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଉ । ଏହାସହ ଛାତ୍ରଛାତ୍ରୀଙ୍କୁ ଠିକ୍ ପାଠ୍ୟପୁସ୍ତକ ଯୋଗାଇବାକୁ ସେମାନେ ଦାବି କରିଥିଲେ । ବିଜେଡି ନେତାମାନେ ସତର୍କ କରିଛନ୍ତି ଯେ, ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ । ତେବେ ଏହି କାର୍ଯ୍ୟକ୍ରମରେ ଦଳର ବହୁ ନେତା, କର୍ମୀ ଓ ସମର୍ଥକ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ସୁଧାର ପାଇଁ ସରକାରଙ୍କୁ ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି ।

## ଆଜି ଦେବଗଡ଼ରେ ବିକ୍ଷୋଭ ପ୍ରଦର୍ଶନ

ଦେବଗଡ଼,୧୦।୭ (ସମିସ): ବିଜେପି ସରକାରଙ୍କ ଅବହେଳା ଯୋଗୁଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେବାକୁ ଯାଉଛି । ଏହାସହ ଚଳିତ ବର୍ଷ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହା ବିରୋଧରେ ଶନିବାର ଦେବଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବ । ଦଳ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ଥାନୀୟ ଗୋପାଳଜୀ ମନ୍ଦିରଠାରୁ ଦେବଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିକ୍ଷୋଭ ଶୋଭାଯାତ୍ରା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି ଗଣତାନ୍ତ୍ରିକ ପ୍ରତିବାଦକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି ।

## ମଦ ବନ୍ଦ ପାଇଁ ବାଙ୍କିପାଲିର ମହିଳା ଥାନାର ଦ୍ୱାରସ୍ଥ



ଡୁଙ୍ଗୁରିପାଲି,୧୦।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଏସ. ରାମପୁର ଥାନା ଅଧୀନ ବାଙ୍କିପାଲି ଗ୍ରାମର ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଗାଁରେ ସମ୍ପୂର୍ଣ୍ଣ ଭାବେ କୁଚିଆ ମଦ କାରବାର ବନ୍ଦ କରିବାକୁ ସେମାନେ ଥାନା ଅଧିକାରୀ ବିନୋଦିନୀ ବରିହାଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି । ଗାଁରେ ମଦ କାରବାର ଯୋଗୁ ଅଶାନ୍ତି ଦେଖାଦେଇଛି । ତେଣୁ ମଦ କାରବାର ବନ୍ଦ ପାଇଁ ସେମାନେ ଅଣ୍ଟା ଭିଡିଛନ୍ତି । ଗାଁର ଗରିବ ଓ ନୀରିହ ଲୋକ ମଦ ପିଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଘରର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରି ଦେଉଛନ୍ତି । ନିଜ ପରିବାରର ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ଦେବାକୁ ଲାଗିଛନ୍ତି । ସ୍କୁଲ ପାଖରେ ମଦ ବିକ୍ରି ହେଉଥିବାରୁ ଛାତ୍ରଛାତ୍ରୀ ଯିବା ଆସିବା ବେଳେ ବହୁ ଅସୁବିଧାରର ସମ୍ମୁଖୀନ ହେଉଛନ୍ତି ବୋଲି ଏମାନେ ଅବଗତ କରିଛନ୍ତି ।

## ୨୮ ବର୍ଷ ପରେ ଗିରଫ ହେଲା ହତ୍ୟା ଅଭିଯୁକ୍ତ

ଇବ୍‌ଥର୍ମାଲ,୧୦।୭ (ସମିସ): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ପୁଲିସ ୨୮ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତକୁ ଛତିଶଗଡ଼ରୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ରେଙ୍ଗାଲି ଥାନା ଅଧୀନ ଅତାବିରା ପଞ୍ଚାୟତ ଭୁନ୍ଦୁପାଲି ଗ୍ରାମର ନୀଳମଣି ମହାନନ୍ଦ । ଦୀର୍ଘ ବର୍ଷ ଧରି ସେ ନିଜର ପ୍ରକୃତ ପରିଚୟ ଗୋପନ ରଖି ଛଦ୍ମନାମରେ ଛତିଶଗଡ଼ରେ ବସବାସ କରୁଥିଲା । ଗୁଇନ୍ଦା ସୂଚନା ଆଧାରରେ ରେଙ୍ଗାଲି ପୁଲିସ ତାକୁ ଠାବ କରି ଗିରଫ କରିଛି ।



୧୯୯୮ ମସିହା ଅକ୍ଟୋବର ୬ ତାରିଖ ରାତିରେ ଭୁନ୍ଦୁପାଲି ଗ୍ରାମରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ଯ୍ୟୋଧନ ଦୀପଙ୍କୁ ହତ୍ୟା କରାଯାଇଥିଲା । ଦୁର୍ଯ୍ୟୋଧନଙ୍କ ପୁଅ ଦେବଲାଲ ଦୀପ ରେଙ୍ଗାଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ୨ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା । ତେବେ ଘଟଣା ପରଠାରୁ ଅଭିଯୁକ୍ତ ନୀଳମଣି ଫେରାର ଥିଲା । ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ସେ ପୁଲିସ ହାତରେ ଧରା ପଡ଼ି ନ ଥିଲା । ଛତିଶଗଡ଼ରେ ରାଜୁ ଗୋଣ୍ଡ ନାମରେ ଆଧାର କାର୍ଡ ଓ ପାନ କାର୍ଡ ତିଆରି କରି ଲୁଚିଥିଲା । ଗୁଇନ୍ଦା ସୂଚନା ଆଧାରରେ ରେଙ୍ଗାଲି ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଛତିଶଗଡ଼ରେ ଚଢ଼ଉ କରିଥିଲା । ଶେଷରେ ଦୀର୍ଘ ୨୮ ବର୍ଷ ଧରି ଆଇନକୁ ଫାଙ୍କି ଚାଲିଥିବା ଅଭିଯୁକ୍ତ ଗିରଫ ହୋଇଛି ।

## ଦୁର୍ଘଟଣାରେ ଯୁବକଙ୍କ ଗୋଡ଼ ଭାଙ୍ଗିଲା

ଇବଥର୍ମାଲ,୧୦।୭ (ସମିସ): ଲଖନପୁର ବ୍ଲକ୍ ରମ୍ଭେଲା ପଞ୍ଚାୟତ ଢୁନଢୁନ୍ ଛକରେ ଦୁର୍ଘଟଣା ଘଟି ଜଣଙ୍କର ଡାହାଣ ଗୋଡ଼ ଆଣ୍ଠୁଠାରୁ ତଳକୁ ଭାଙ୍ଗି ଯାଇଛି । ଗୁରୁତର ହୋଇଥିବା ଏହି ଯୁବକ ଜଣକ ତିଲିଆ ପଞ୍ଚାୟତ ଚାରମାଲ ଗ୍ରାମର ରମାକାନ୍ତ କଲେତ (୩୫) । ସାହାଜବାହାଲ ଜେଏସଡବ୍ଲୁ ପାୱାରପ୍ଲାଣ୍ଟ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ନିଆଯାଇଛି । ରମାକାନ୍ତ ତାଙ୍କ ସମ୍ପର୍କୀୟଙ୍କ ବରଯାତ୍ରୀରେ ପିପିଲିକାନି ପଞ୍ଚାୟତ ଡେଙ୍ଗସର୍ଗୀ ଗ୍ରାମକୁ ଯାଇଥିଲେ । ଫେରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଭାରୀଯାନ ଗୁଡ଼ିକ ରାସ୍ତା ଜାମ୍ କରି ରଖିଥିବା ବେଳେ ରମାକାନ୍ତ ଥିବା ବରଯାତ୍ରୀ ବସଟି ଛକରେ ଅଟକିଥିଲା । ରମାକାନ୍ତ ବସରୁ ଓହ୍ଲାଇ ପରିସ୍ରା ଯାଇଥିଲେ । ଫେରିବା ବେଳେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା ।

## ଗୋ ସମ୍ମାନ ପାଇଁ ଲକ୍ଷେ ଦସ୍ତଖତ ଅଭିଯାନ ନେଇ ପ୍ରସ୍ତୁତି

ବୌଦ୍ଧ,୧୦।୭ (ସମିସ): ଆସନ୍ତା ୨୭ରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ । ଏଥିପାଇଁ ଚନ୍ଦ୍ରଚୁଡ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାବା କ୍ରାନ୍ତିକାରୀ ମହାରାଜ ଓ ଯୋଗଗୁରୁ ଡ. ରାଜେଶ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ବ୍ରହ୍ମଚାରୀ ଆଦିତ୍ୟ ଦାସଙ୍କ ନେତୃତ୍ୱରେ ଏକ ୨୧ ଜଣିଆ କମିଟି ଗଠନ କରାଯାଇଛି । ଜିଲ୍ଲାରେ ବିଭିନ୍ନ ସ୍ଥାନରୁ ଲକ୍ଷେ ଲୋକଙ୍କ ଦସ୍ତଖତ ସଂଗ୍ରହ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ୨୭ ତାରିଖରେ ବୌଦ୍ଧ ସହରର ଶ୍ରୀରାମ ମନ୍ଦିରରୁ ଗୋଭକ୍ତ ସହର ପରିକ୍ରମା କରି ସଚେତନତା କରିବା ସହିତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ ।

## ମାଙ୍କଡ଼ ଉପଦ୍ରବରେ ଅତିଷ୍ଠ ଚାଷୀ

ଶଗଡା,୧୦।୭ (ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆ ପଞ୍ଚାୟତର କୁମରକେଲି ଗାଁରେ ମାଙ୍କଡ଼ ଉପଦ୍ରବ ଯୋଗୁ ଚାଷୀ ଅତିଷ୍ଠ ହୋଇ ପଡିଛନ୍ତି । ପନିପରିବା ଚାଷ ସହ, ହରଡ଼, ମୁଗ, ବିରି, ଚିନାବାଦାମ. କପା, ଆମ୍ବ ଭଳି ଅର୍ଥକାରୀ ଫସଲ ଖାଇ ନଷ୍ଟ କରି ଦେଉଛନ୍ତି । ଏଣୁ ଚାଷୀ ବହୁ ପରିଶ୍ରମ କରିବା ସତ୍ତ୍ୱେ ଅମଳ ପାଇ ପାରୁନାହାନ୍ତି ।

## ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ଝାରସୁଗୁଡ଼ା,୧୦।୭ (ସମିସ): ଝାରସୁଗୁଡ଼ାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହିସବୁ କାର୍ଯ୍ୟକ୍ରମର ବର୍ତ୍ତମାନର ସ୍ଥିତି ଆକଳନ କରିବା କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ସଫଳତାର ସହ ସମସ୍ତ ପ୍ରକଳ୍ପ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର, ଅତିରିକ୍ତ ଶ୍ରେଣୀ ଗୃହ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଏହାସହ ବିଭିନ୍ନ ସରକାରୀ ଓ ସାଧାରଣ ସମ୍ପତ୍ତିର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟର ମଧ୍ୟ ତଦାରଖ କରାଯାଇଥିଲା । ଗ୍ରାମୀଣ ଜନସାଧାରଣଙ୍କ ସୁବିଧା ପାଇଁ ଏହି ଭିତ୍ତିଭୂମି ଗୁଡ଼ିକର କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ପିଏମ୍ ସୂର୍ଯ୍ୟ ଘର ଯୋଜନା ଏବଂ ଆଦର୍ଶ ଗ୍ରାମ ମିଶନର ସଫଳ ରୂପାୟନ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଉପରେ ସେ ଗୁରୁତ୍ୱ ଦେଇଥିଲେ । ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଜ ନିଜ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ସ୍ଥାନୀୟ ବୈଶିଷ୍ଟ୍ୟ ଓ ସାମର୍ଥ୍ୟକୁ ଆଧାର କରି ଗୋଟିଏ ଲେଖାଏଁ ଆଦର୍ଶ ଗ୍ରାମ' ବିକଶିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସମଗ୍ର ଜିଲ୍ଲାରେ ଉନ୍ନତ ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସହଭାଗିତା ନିଶ୍ଚିତ କରି ସମସ୍ତ ବ୍ଲକରେ ସ୍ୱଚ୍ଛ ଆଦର୍ଶ ଗ୍ରାମ ଗଠନ ଦିଗରେ କାର୍ଯ୍ୟ କରିବାକୁ ସମସ୍ତ ବିଡିଓଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

## ନାଳ ଉପରେ ଜଳ; ଲୋକେ କଲବଲ

ମନମୁଣ୍ଡା,୧୦।୭ (ସମିସ): ଖଟଖଟିଆ-ଜାମୁମାଳ (ଭାୟା ଶିମିଳିପଦର) ରାସ୍ତାରେ ଥିବା ଏକ ନାଳ ଉପରେ ଜଳ ପ୍ରବାହିତ ହୋଇ ଯାତାୟାତରେ ବାଧକ ସାଜିଛି । ଏହି ରାସ୍ତା ଗ୍ରାମ୍ୟ ବିଭାଗ ଅଧୀନରେ ରହିଛି । ଅଞ୍ଚଳବାସୀଙ୍କ ଦାବି ସତ୍ତ୍ୱେ ଏକ ଉଚ୍ଚ ପୋଲ ନିର୍ମାଣ ହୋଇ ପାରିନି । ଏଣୁ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି । ଶିମିଳିପଦର ନିକଟରେ ଥିବା ଏହି ନାଳ ଦେଇ ଖଟଖଟିଆରୁ ସିନ୍ଦୂରପୁର, ଶିମିଳିପଦର, ଜାମୁମାଳ, ଲୋକପଡା, ଗବଜୋର ଇତ୍ୟାଦି ଅନେକ ଗ୍ରାମର ଲୋକେ ଯିବା ଆସିବା କରନ୍ତି । ଏହା ଏକ ମୁଖ୍ୟ ରାସ୍ତା । ବର୍ଷାରେ ନାଳ ବାଧକ ସାଜିଛି । ଏହି ରାସ୍ତା ମଧ୍ୟ ବହୁତ ଖରାପ ଅବସ୍ଥାରେ ରହିଛି । ଅଦ୍ୟାବଧି ପିଚୁ ହୋଇ ନ ଥିବାରୁ ରୁଗୁଡ଼ି ରାସ୍ତାରେ ଯାତାୟାତ ମୁସ୍କିଲ ହୋଇ ପଡୁଛି ।

## ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କ ଦେବଗଡ଼ ଗସ୍ତ

ଦେବଗଡ଼,୧୦।୭ (ସମିସ): ଦକ୍ଷତା ଓ ବୈଷୟିକ ଶିକ୍ଷା ଏବଂ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଭୂପେନ୍ଦ୍ର ସିଂ ପୁନିଆ ୩ ଦିନିଆ ଦେବଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି । ପ୍ରଥମ ଦିବସରେ ବାରକୋଟ ବ୍ଲକ ଗ୍ରସ୍ତ କରି ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରିଥିଲେ । ଏହି ଅବସରରେ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଝରବାହାଲ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସର ଛାତ୍ର ଓ ଶିକ୍ଷକଙ୍କ ସହ ମତବିନିମୟ କରିଥିଲେ । ସେହିପରି ବମ୍ପରଡା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ ହିତାଧିକାରୀଙ୍କ ସହ ମତବିନିମୟ ଓ ପେନସନ ପାଇଁ ଆଲୋଚନା କରିବା ସହ ପିଏମ କିସାନ ଓ ସିଏମ୍ କିସାନ୍‌ର ଲାଭାର୍ଥୀଙ୍କ ସହ ଆଲୋଚନା କରିଥିଲେ । ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ପରିଚାଳିତ ବାରକୋଟ ବ୍ଲକ୍ କଲା ଗ୍ରାମର ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରିଦର୍ଶନ କରିବା ସହ ଦୁଗ୍ଧ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ବାରକୋଟ ବ୍ଲକ୍ ବହାଡ଼ାପଶି ଗ୍ରାମସ୍ଥିତ ମେଗା ପାନୀୟ ଜଳ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ଆଟେଣ୍ଡେଣ୍ଟଙ୍କ ସହ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ବିଭାଗ ଦ୍ୱାରା ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପ୍ରେକ୍ଷାଳୟ ପରିଦର୍ଶନ କରିବା ପରେ ଅପରାହ୍ନରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ



ପ୍ରକଳ୍ପ ସମ୍ପର୍କରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ବୈଠକରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଲୁଙ୍କି କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା

ଜହ୍ନାପଙ୍କ,୧୦।୭ (ସମିସ): ବୌଦ୍ଧ ସଦର ବ୍ଲକ୍ ବଘିଆପଡା ପଞ୍ଚାୟତ ଏନଏଚଆରଡିଏଫ ସଭାଗୃହରେ ସାଲୁଙ୍କି କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାବାଡର୍ ଡିଡଇଏମ୍ ଡ. ସତ୍ୟସ୍ୱରୂପ ବିଦାନ୍ତ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ ଦାସ, ଯୁଗ୍ମ ନିର୍ଦ୍ଦେଶକ (ଏନଏଚଆରଡିଏଫଡ) ସତ୍ୟେନ୍ଦ୍ର ସିଂ, ଯାନ୍ତ୍ରିକ ଅଧିକାରୀ ରଂଜିତ ଦାସ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ହର, ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଡନ ବାସ୍କୋ, ବଘିଆପଡା ପ୍ରାଣୀ ଚିକିତ୍ସକ ଡା. ବିନୟ ମହାନ୍ତି, କେଦାରନାଥ ସାହୁ, ବିଦ୍ୟାଧର ସ୍ୱାଇଁ ଓ ବିଶିକେଶନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ନିର୍ଦ୍ଦେଶକ ଶୁକଦେବ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃତ୍ତିବାସ ପଲିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମଞ୍ଜୁଲତା ଦାସ ସଭା ପରିଚାଳନା କରିଥିଲେ । ନୂତନ ନିର୍ଦ୍ଦେଶକ ଭାବରେ ବିଦ୍ୟାଧର ସ୍ୱାଇଁ, କେଦାରନାଥ ସାହୁ, ପ୍ରଭୁଦତ୍ତ ପ୍ରଧାନ, ବନମାଳି ଗାଇଗୌରିଆ, ବିଦ୍ୟାଧର ପ୍ରଧାନ, ଲିଜା ନାଏକ ଓ ଶାରଦା ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ଅଜିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଇନ୍ଦ୍ର ଶେଖର ଜାନୀ, ହିମାଦ୍ରୀ ପ୍ରଧାନ, ଦଶରଥ ସାହୁ, ବିଦ୍ୟାଧର ପ୍ରଧାନ, ସନାତନ କହଁର, ଡ ମୟୂରୀ ସିଂ ସର୍ଦ୍ଦାର ପ୍ରମୁଖ ସହଯୋଗ କରିଥିଲେ ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୦।୭ (ସମିସ): ଦେବଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ(ଯତ୍ନ ଓ ସୁରକ୍ଷା) ନିୟମ, ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଏବଂ ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ହୋଇଥିବା ଯୋଜନା ସଂପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତିଲେଇବଣି ବ୍ଲକର ସୁଗୁଡା ଗ୍ରାମର ପିଏମ୍ ଶ୍ରୀ ଅପୂର୍ବ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୃଜନ ସାରସ୍ୱତ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଯତୀନ୍ଦ୍ର ନାଏକ, ଡିଏସପି(ଏଚଆରପିସି) ଅମୂଲ୍ୟ ପୁନମ ଲାକ୍ରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦମୟନ୍ତୀ ବେହେରା ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଇନ ସଂପର୍କରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ ।

ଡୁଙ୍ଗୁରିପାଲି: ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ସଭାଗୃହରେ ଏସି, ଏସଟି ଓ ଭିନ୍ନକ୍ଷମ ଆଇନ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଦେବାଶିଷ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବୀରେନ୍ଦ୍ର କଠାର, ଆଇନଜୀବୀ ନବୀନ ରଣା, ରଞ୍ଜନ ବେହେରା, ଖିରୋଦ ଭୂଷଣ ରାୟ, ଦେବଯାନୀ ବେହେରା, ଜପେନ୍ଦ୍ର ଭୁଏ ପ୍ରମୁଖ ଉପସ୍ଥିତ ରହି ଏହି ଆଇନ ଉପରେ ଆଲୋଚନା କରିଥିଲେ ।




## ସ୍କୁଲରେ ଶିକ୍ଷକ-ଅଭିଭାବକ ସଭା



ମନମୁଣ୍ଡା,୧୦।୭ (ସମିସ): ମନମୁଣ୍ଡା ସରକାରୀ ମଧ୍ୟ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ-ଅଭିଭାବକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଛି । ପଞ୍ଚସଖା ସେତୁ ସଭାପତି ବୈଦ୍ୟନାଥ ହୋତା ସଭାପତିତ୍ୱ କରିଥିଲେ । ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠୀ ସଭାର ଲକ୍ଷ୍ୟ କହିଥିଲେ । କବିତା ମେହେର, କାଞ୍ଚନ ବେହେରା, ଚନ୍ଦ୍ରମା ମେହେର, ପୁଷ୍ପାଞ୍ଜଳି ବାଘ, ସସ୍ମିତା ସେଠୀ, କଳ୍ପନା ଭୋଇ, କ୍ଷୀରୋଦ୍ର ସେଠୀ, ରାଧାକାନ୍ତ ମଲ୍ଲିକ, ହରେକୃଷ୍ଣ ନାଏକ, ମହାଦେବ କଳତା, ଉତ୍ତମ ପାତ୍ର, ସବିତା ନାଗ, ଜୟରାମ ଭୋଇ ପ୍ରମୁଖଙ୍କୁ ନେଇ କମିଟି ଗଠନ କରାଯାଇଛି । ସିଆରସିସି ପ୍ରଜୀନା ପାଢ଼ୀ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ପୁରୋହିତ, ଶିକ୍ଷକ ଭରତ ସେନାପତି, ପ୍ରଶାନ୍ତ ତରିଆ, ଶିକ୍ଷୟିତ୍ରୀ ରୀନାରାଣୀ ବସ୍ତିଆ, ସ୍ୱାଗତିକା ମିଶ୍ର, ତପସ୍ୱିନୀ ବାରିକ, ସସ୍ମିତା ମେହେର, ୱାର୍ଡସଭ୍ୟା ଲକ୍ଷ୍ମୀ ନାଏକ, ଧରିତ୍ରୀ ନାଏକ, ଅଙ୍ଗନବାଡ଼ି କର୍ମୀ ସନ୍ତୋଷିନୀ ମହାରଣା, ଆଶାକର୍ମୀ ରୀନା ତରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁରୀ

ଝାରସୁଗୁଡ଼ା,୧୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲାର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ ଓ ପ୍ରସାରିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସଡ଼କ ନୀତି ଅନୁଯାୟୀ ବିଭିନ୍ନ ଗ୍ରାମ୍ୟ, ପଞ୍ଚାୟତ ସମିତି ଏବଂ ସହରାଞ୍ଚଳ ରାସ୍ତାଗୁଡ଼ିକୁ ପୂର୍ତ୍ତ ବିଭାଗ ଏବଂ ଗ୍ରାମ୍ୟ ବିଭାଗକୁ ହସ୍ତାନ୍ତର କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ପାରିତ ହୋଇଛି । ବୈଠକ ପ୍ରାରମ୍ଭରେ ଝାରସୁଗୁଡ଼ା ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଜିତେନ୍ଦ୍ର ମେହେର ରାଜ୍ୟ ସରକାରଙ୍କ ସଡ଼କ ସମ୍ପର୍କିତ ନୀତିନିୟମ ଏବଂ ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ଉପରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଆଶିଷ ଲେଙ୍କା, ବେଲପାହାଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଏବଂ ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଦାଖଲ ପ୍ରକଳ୍ପ ତାଲିକା ଉପରେ ବୈଠକରେ ସମୀକ୍ଷା କରାଯାଇଥିଲା । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଉନ୍ନୟନମୂଳକ ରାସ୍ତା ସହ ଜିଲ୍ଲାର ପ୍ରମୁଖ ରାସ୍ତାଗୁଡ଼ିକର ରୂପାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । କମିଟିର ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାର ସମୁଦାୟ ୩୪ଟି ରାସ୍ତାକୁ ସରକାରଙ୍କ ନିକଟକୁ ହସ୍ତାନ୍ତର ପ୍ରସ୍ତାବ ପଠାଯିବା ପାଇଁ ଚୂଡ଼ାନ୍ତ କରାଯାଇଛି । ଏଥିମଧ୍ୟରୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ୧୫ଟି ରାସ୍ତା, ସହରାଞ୍ଚଳରୁ ପୂର୍ତ୍ତ ବିଭାଗକୁ ୩ଟି ରାସ୍ତା ଏବଂ ପଞ୍ଚାୟତରାଜ ବିଭାଗରୁ ପୂର୍ତ୍ତ ବିଭାଗକୁ ଗୋଟିଏ ରାସ୍ତା ହସ୍ତାନ୍ତର କରାଯିବ । ଗ୍ରାମାଞ୍ଚଳର ଆଭ୍ୟନ୍ତରୀଣ ରାସ୍ତାର ଉନ୍ନତିକରଣ ପାଇଁ ପଞ୍ଚାୟତ ସମିତି ଅଧୀନରେ ଥିବା ୧୫ଟି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଝାରସୁଗୁଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଝାରସୁଗୁଡ଼ା ବିଡ଼ିଓ ଅନିଲ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

# ବିଡିଓଙ୍କୁ ଦାବିପତ୍ର ଦେଲେ ଯୋଗାଣ ସହାୟକ

ଡୁଙ୍ଗୁରିପାଲି,୧୦।୭ (ସମିସ): ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଯୋଗାଣ ସହାୟକ ସାମୂହିକ ଛୁଟିରେ ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ଡୁଙ୍ଗୁରିପାଲି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଜୁନ ୧୬ରେ ରାଜ୍ୟ ସରକାରଙ୍କୁ ନୋଟିସ ଦେଇଥିଲେ । ଜୁଲାଇ ୧୦ ସୁଦ୍ଧା ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବାକୁ ଅବଗତ କରାଯାଇଥିଲା । ସରକାରଙ୍କ ନୂତନ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସମ୍ମାନ ଜଣାଇ ସାର୍ବଜନୀନ ସ୍ୱାର୍ଥରେ ସହଯୋଗ



କରିଥିଲେ ମଧ୍ୟ ସେମାନଙ୍କ ଦାବିର ସମାଧାନ କରାଯାଇନାହିଁ । ଏପରିସ୍ଥିତିରେ ଜୁଲାଇ ଓ ଅଗଷ୍ଟ ମାସର ଖାଦ୍ୟଶସ୍ୟ ବଣ୍ଟନ କାର୍ଯ୍ୟ କରିବା ସମ୍ଭବ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । ଦାବିପତ୍ରରେ ପ୍ରଶାସନକୁ ଅନୁରୋଧ କରାଯାଇଛି ଯେ, ହିତାଧିକାରୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ପୂର୍ବରୁ ବିକଳ୍ପ ପ୍ରଶାସନିକ ବ୍ୟବସ୍ଥା କରାଯାଉ । ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ମଧ୍ୟ ପଠାଯାଇଛି । ଦେବେନ୍ଦ୍ର ଖମାରୀ, ବ୍ୟାସଦେବ ପଧାନ, ହେମନ୍ତ ପଧାନ, ବନମାଳି ଗଡତ୍ୟା, ଗିରି ମେହେର, ପିଣ୍ଟୁ ସା, ସୁମନ୍ତ ପଧାନ, ଶ୍ରୀକାନ୍ତ ପଧାନ, ଜଗମୋହନ ଦାସ ପ୍ରମୁଖ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ ।

## ବାଗବର ବିଦ୍ୟାଳୟରେ ନୂତନ ମନ୍ତ୍ରିମଣ୍ଡଳ ଗଠନ

ବୀରମହାରାଜପୁର,୧୦।୭ (ସମିସ): ବୀରମହାରାଜପୁର ବ୍ଲକ୍ ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ମନ୍ତ୍ରୀମଣ୍ଡଳ ଗଠିତ ହୋଇଛି । ଛାତ୍ରୀଛାତ୍ର ଗଣତାନ୍ତ୍ରିକ ପଦ୍ଧତିରେ ମତଦାନ କରି ନିଜର ପ୍ରତିନିଧି ଚୟନ କରିଥିଲେ । ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ସୁରେନ୍ଦ୍ର ଓତା, ଶିକ୍ଷୟିତ୍ରୀ ଗୌରୀ କୁମୁରା, ମୌସୁମୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ତଥା ଅନ୍ୟାନ୍ୟ ବିଭାଗର ମନ୍ତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ମନ୍ତ୍ରୀମଣ୍ଡଳର ସଦସ୍ୟ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଥିଲେ ।

## ବିଦ୍ୟାଳୟ ପରିସରରେ ଚାରାରୋପଣ

ବୌଦ୍ଧ,୧୦।୭ (ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ପକ୍ଷରୁ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଚାରାରୋପଣ କରାଯାଇଛି । ଅଧ୍ୟକ୍ଷ ପ୍ରଭାତ ଶତପଥୀ ସଭାପତିତ୍ୱ କରିଥିବାବେଳେ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ଅଶୋକ ପାଣ୍ଡିଆ କାର୍ଯ୍ୟକ୍ରମ ପରିଚାଳନା ତଥା ସଂଯୋଜନା କରିଥିଲେ । ଅଧ୍ୟାପକ ଧ୍ରୁବଚରଣ ପାଣିଗ୍ରାହୀ, ପ୍ରସନ୍ନ ଶତପଥୀ, ଲିପୁନ ପ୍ରଧାନ, ଅଧ୍ୟାପିକା ସୋନାଲି ପ୍ରଧାନ, ଲିପାରାଣୀ ପ୍ରଧାନ ଉପସ୍ଥିତ ଥିଲେ ।

## ପୋଲ ନିର୍ମାଣ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ,୧୦।୭ (ସମିସ): ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ ଜାମୁଖୋଲ ଗ୍ରାମ ନିକଟସ୍ଥ ସୁର କେନାଲ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ସ୍ୱର ପୁଣିଥରେ ଜୋରଦାର ହୋଇଛି । ଏନେଇ ଜାମୁଖୋଲ ସୀତାରାମ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ବୌଦ୍ଧ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଶୀଘ୍ର ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

## ଅଗ୍ନି ନିରାପତ୍ତା କର୍ମଶାଳା

ବୌଦ୍ଧ,୧୦।୭ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କାର୍ଯ୍ୟାଳୟ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ ଅନୁଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ମାନକର କଡ଼ାକଡ଼ି ପାଳନ ଓ ଦୁର୍ଘଟଣା ପ୍ରତିରୋଧ ପାଇଁ ସମନ୍ୱିତ କାର୍ଯ୍ୟ ବା ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସଭାପତିତ୍ୱ କରିଥିଲେ । ଏସ୍‌ପି କୁଲଦୀପ ମୀନା, ସମସ୍ତ ତହସିଲଦାର, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଅଗ୍ନିଶମ ବିଭାଗର ଅଧିକାରୀ, ଓଡ୍ରାଫ ଅଧିକାରୀ, ଶିକ୍ଷା ବିଭାଗର ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ ଅନୁଷ୍ଠାନର ଅଧିକାରୀ ଓ ପ୍ରତିନିଧି ଉପସ୍ଥିତ ଥିଲେ ।

## ବୌଦ୍ଧରେ ଅଭିଯୋଗ ଶୁଣାଣି

ବୌଦ୍ଧ,୧୦।୭ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଏସ୍‌ପି କୁଲଦୀପ ମିନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର ସାହୁ, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ଡିଏସ୍‌ପି କନକ ମାଝି ପ୍ରମୁଖ ଯୋଗଦେଇ ୬୦ଟି ଅଭିଯୋଗ ଶୁଣଇଥିଲେ । ଏଥିରେ ୫୧ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗ ରହିଥିଲା । ତେବେ ୧୦ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସୁଧର୍ମା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।



ନିର୍ବାଚନ କମିସନଙ୍କୁ ଚିଠି ଲେଖିଲା ବିଜେଡି

## ଚୌଦ୍ୱାର ମ୍ୟୁନିସିପାଲିଟି କାଉନସିଲରଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ

ଭୁବନେଶ୍ୱର,୧୦।୭ (ସମିସ): ଚୌଦ୍ୱାର ମ୍ୟୁନସିପାଲଟି ୧୨ ନମ୍ବର ୱାର୍ଡ କାଉନସିଲର ସୁବ୍ରତ ସାମଲଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଚିଠି ଲେଖିଛି ବିଜେଡି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ଦର୍ଶାଯାଇଛି ଯେ ୨୦୨୨ ମସିହାର ଅନୁଷ୍ଠିତ ପୌର ନିର୍ବାଚନରେ ବିଜେଡି ପକ୍ଷରୁ ସୁବ୍ରତ ସାମଲ ଶଙ୍ଖ ଚିହ୍ନରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପରେ ସେ ସ୍ୱେଚ୍ଛାକୃତ ଭାବେ ଦଳର ସଦସ୍ୟତା ତ୍ୟାଗ କରିଥିବା ଦର୍ଶାଇଛନ୍ତି। ଏହାର ପ୍ରମାଣ ସ୍ୱରୂପ ୮ ଜୁଲାଇରେ ଏକ ଦୈନିକ ଖବରକାଗଜରେ ପ୍ରକାଶିତ ଖବର ଓ ତାଙ୍କ ଫେସବୁକ ପୋଷ୍ଟର ଲିଙ୍କକୁ ଏହି ଚିଠି ସହ ସଂଲଗ୍ନ କରାଯାଇଛି। ଓଡ଼ିଶା ମ୍ୟୁନିସିପାଲ ଲ' (ଦ୍ୱିତୀୟ ସଂଶୋଧନ) ଆକ୍ଟ, ୨୦୧୫ର ଧାରା ୪୬ଏ(୧)(ଏ) ଅନୁଯାୟୀ ସୁବ୍ରତ ସାମଲଙ୍କୁ କାଉନସିଲର ପଦରୁ ତୁରନ୍ତ ଅଯୋଗ୍ୟ ଘୋଷଣା କରିବା ସହ ଶୀଘ୍ର ପଦକ୍ଷେପ ନେବାକୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଦଳ ଅନୁରୋଧ କରିଛି।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

ଆଜି ଲାଗି ହେବେ ମହାପ୍ରଭୁ



ପୁରୀ,୧୦।୭ (ସମିସ): ଅଣସରରେ ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥାନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ନ୍ନି, କୃଷ୍ଣପର୍ନ୍ନି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଳକୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହିସବୁ କାମ ଶୁଦ୍ଧପୁତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥାନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଜଳରେ ସ୍ନାନ କରି ଜ୍ୱରରେ ପୀଡତ ହୁଅନ୍ତି। ଏହା ପରଠାରୁ ଆଷାଢ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଆଷାଢ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।

## ଘୂର୍ଣ୍ଣିବଳୟ ସକ୍ରିୟ, ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୦।୭ (ସମିସ): ଗାଙ୍ଗେୟ ଉପତ୍ୟକା ଓ ଏହାର ପାର୍ଶ୍ୱବର୍ତ୍ତୀ ବାଙ୍ଗଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସମୁଦ୍ରପତନ ଠାରୁ ୪.୫ ରୁ ୪.୮ କିମି ଉଚ୍ଚତାରେ ସକ୍ରିୟ ରହିଛି। ଏହାପ୍ରଭାବରେ ଶୁକ୍ରବାର ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଛି। ବିଶେଷ କରି ଭୁବନେଶ୍ୱରରେ ସନ୍ଧ୍ୟାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଏହି ଧାରା ଆହୁରି ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହା ସହ ଆଗାମୀ ୧୩ ରୁ ଅନ୍ୟ ଏକ ଘୂର୍ଣ୍ଣିବଳୟ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ। ଏହାଦ୍ୱାରା ମୌସୁମୀ ଅଧିକ ସକ୍ରିୟ ହେବ ଓ ପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି।

ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଶନିବାର କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୁରଭଞ୍ଜ ଜିଲ୍ଲାକୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ୧୬ ତାରିଖ ଯାଏ ରାଜ୍ୟରେ କିଛି କିଛି ଅଞ୍ଚଳରେ ବର୍ଷା ସହ ପ୍ରବଳ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। ୧୩ ପରେ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ଟି ସ୍ଥାନରେ ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ ଗୁରୁଣ୍ଡିଆରେ ବର୍ଷା ୭୧ ମିମି ରେକର୍ଡ ହୋଇଛି। ମୌସୁମୀ ଋତୁରେ ଏଯାବତ ୬ ଟି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅତ୍ୟଧିକ ବର୍ଷା ରେକର୍ଡର୍ କରାଯାଇଥିବା ବେଳେ ୫ ଜିଲ୍ଲାରେ ଅଧିକା ବର୍ଷା ହୋଇଛି। ୧୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୪ ଜିଲାରେ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ମୟୂରଭଞ୍ଜ ,ବାଲେଶ୍ୱର, ଦେବଗଡ ଓ ସମ୍ବଲପୁରରେ ବର୍ଷାର ପରିମାଣ ନିଅଣ୍ଟିଆ ରହିଥିବା ପାଣିପାଗ କେନ୍ଦ୍ର କହିଛି।

ସୁପର ପ୍ରିମିୟମ୍ ଫୁଲ୍ ସ୍ଲିପର୍ ଏସି କୋଚ୍ ବସ୍ ଭଡ଼ା ନିର୍ଦ୍ଧାରଣ

## କିମି ପିଛା ସର୍ବାଧିକ ୩.୫୦ ଟଙ୍କା ଧାର୍ଯ୍ୟ

ଭୁବନେଶ୍ୱର,୧୦।୭ (ସମିସ): ରାଜ୍ୟରେ ଚାଲିଥିବା ସୁପର ପ୍ରିମିୟମ୍ ଫୁଲ୍ ସ୍ଲିପର୍ ଏସି କୋଚ୍ ବସ୍ ପାଇଁ ଭଡ଼ା ନିର୍ଦ୍ଧାରଣ କରାଯାଇଛି। ନୂଆ ଭଡ଼ା ସ୍ୱରୂପ କିଲୋମିଟର ପିଛା ସର୍ବାଧିକ ୩.୫୦ ଟଙ୍କା ସ୍ଥିର କରାଯାଇଛି। ଏସ୍‌ଟିଏ ଦ୍ୱାରା ଗଠିତ ବୈଷୟିକ କମିଟିର ସୁପାରିଶ ଆଧାରରେ ଏହି ଭଡ଼ା ସ୍ଥିର କରାଯାଇଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ତେବେ ଏହି ନୂତନ ଭଡ଼ା ଓଡ଼ିଶା ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଲାଗୁ ହେବ ବୋଲି ଏଥିରେ ଦର୍ଶାଯାଇଛି।

ଅନ୍ୟ ବସ୍ ବର୍ଗ ଯଥା ଅର୍ଡିନାରୀ, ଏକ୍ସପ୍ରେସ୍, ଡିଲକ୍ସ, ଡିଲକ୍ସ ଏସି ଏବଂ ସୁପର ପ୍ରିମିୟମ୍ ସିଟର୍ କିମ୍ବା ସେମି-ସ୍ଲିପର୍ ବସ୍‌ର ଭଡ଼ାରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବରୁ ଲାଗୁ ଥିବା ଭଡ଼ା ଏହି ବର୍ଗର ବସ୍‌ଗୁଡ଼ିକ ପାଇଁ ଅପରିବର୍ତ୍ତିତ ରହିବ। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ସର୍ବନିମ୍ନ ଭଡ଼ା, ରିହାତି ପାଇବାକୁ ଯୋଗ୍ୟ ଯାତ୍ରୀଙ୍କ ସୁବିଧା, ମାଗଣା ଲଗେଜ୍ ସୀମା, ଅତିରିକ୍ତ ଲଗେଜ୍ ଶୁଳ୍କ ଏବଂ ଯାତ୍ରୀ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମ ନୂତନ ବର୍ଗରେ ମଧ୍ୟ ପୂର୍ବବତ୍ ଲାଗୁ ରହିବ। ନିର୍ଦ୍ଧାରିତ ଏହି ଭଡ଼ା ହିଁ ସର୍ବାଧିକ ଆଦାୟଯୋଗ୍ୟ ଭଡ଼ା ହେବ। କୌଣସି ବସ୍ ଅପରେଟର ଏହାଠାରୁ ଅଧିକ ଭଡ଼ା ଆଦାୟ କରିପାରିବେ ନାହିଁ ବୋଲି ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହାର କଡ଼ାକଡ଼ି କାର୍ଯ୍ୟକାରିତା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ଆଞ୍ଚଳିକ ପରିବହନ ପ୍ରାଧିକରଣ ଟିକେଟିଂ, ପରମିଟ୍ ଅନୁମୋଦନ ଓ ତଦାରଖ କରିବେ ବୋଲି କୁହାଯାଇଛି। ୨୦୨୬ ମସିହା ପାଇଁ ସାମଗ୍ରିକ ବସ୍ ଭଡ଼ା ସଂଶୋଧନ ସମ୍ପର୍କିତ ବୈଷୟିକ କମିଟିର ପରବର୍ତ୍ତୀ ରିପୋର୍ଟ କିମ୍ବା ସରକାରଙ୍କ ନୂତନ ଅଧିସୂଚନା ଆଧାରରେ ଏହି ଭଡ଼ାରେ ଆଗାମୀ ଦିନରେ ପୁଣି ପରିବର୍ତ୍ତନ କରାଯାଇପାରେ ବୋଲି ଦର୍ଶାଯାଇଛି।

ଦୁଇ ବର୍ଷିଆ ବିଏଡ୍ ପ୍ରବେଶିକା ଫଳ ପ୍ରକାଶିତ

## ୨୪୫୦ ସିଟ୍ ପାଇଁ ୯୮୧୭୦ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୦।୭ (ସମିସ): ଚଳିତ ଶିକ୍ଷାବର୍ଷରେ ଦୁଇ ବର୍ଷିଆ ବିଏଡ୍, ଏମ୍ଏଡ୍ ଏବଂ ବିଏଚ୍ଏଡ୍ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ବିଏଡ୍ ପାଠ୍ୟକ୍ରମ ପାଇଁ ମୋଟ୍ ୧,୦୯,୮୭୩ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ ଓ ସେମାନଙ୍କ ମଧ୍ୟରୁ ୯୮,୧୭୦ ଜଣ ପରୀକ୍ଷା ଦେଇଥିଲେ। ଏମ୍ଏଡ୍ ପାଇଁ ୧,୭୮୮ ଆବେଦକଙ୍କ ମଧ୍ୟରୁ ୧,୩୧୮ ଜଣ, ବିଏଚ୍ଏଡ୍ ପାଇଁ ୧,୮୭୯ ଜଣ ଆବେଦକଙ୍କ ମଧ୍ୟରୁ ୧,୫୪୨ ପରୀକ୍ଷା ଦେଇଥିଲେ। ପ୍ରବେଶିକା ପରୀକ୍ଷାରେ ନିଜର ପ୍ରୋଭିଜିନାଲ ମାର୍କକୁ ନେଇ ଯଦି କୌଣସି ଆପତ୍ତି ଥାଏ, ତେବେ ସେମାନେ ୧୦ ଜୁଲାଇ ଅପରାହ୍ନ ୨ ଘଟିକାରୁ ୧୩ ଜୁଲାଇ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲର ଅନ୍‌ଲାଇନ୍ ଅବଜେକ୍ସନ ମଡ୍ୟୁଲ ମାଧ୍ୟମରେ ନିଜର ଅଭିଯୋଗ ଦାଖଲ କରିପାରିବେ। ସୂଚନାଯୋଗ୍ୟ ଯେ ରାଜ୍ୟର ମୋଟ୍ ୩୧ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ବିଏଡ୍ ପାଇଁ ୨୪୫୦, ଏମ୍ଏଡ୍ ପାଇଁ ୩୦୦ ଏବଂ ବିଏଚ୍ଏଡ୍ ପାଠ୍ୟକ୍ରମ ପାଇଁ ୫୦ଟି ସିଟ୍ ରହିଛି।

## ୫୬୯ କୋଟି ଟଙ୍କାର ଗଞ୍ଜେଇ ଓ ବ୍ରାଉନସୁଗର ନଷ୍ଟ

ନିଶାମୁକ୍ତ ଓଡ଼ିଶା ଅଭିଯାନ

କଟକ,୧୦।୭ (ସମିସ): 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ଜବତ ନିଶା ସାମଗ୍ରୀ ନଷ୍ଟ ପ୍ରକ୍ରିୟାରେ ଓଡ଼ିଶା ପୁଲିସ ସଫଳତା ହାସଲ କରିଛି। ଗତ ଜୁନ୍ ୨୬ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିଥିବା ଅଭିଯାନ ଅଧୀନରେ ରେକର୍ଡ ପରିମାଣର ଜବତ ନିଶାଦ୍ରବ୍ୟ ନଷ୍ଟ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏବଂ କ୍ରାଇମବ୍ରାଞ୍ଚର ସ୍ପେସାଲ ଟାସ୍କଫୋର୍ସର ସମନ୍ୱୟରେ ଏହି ସ୍ୱତନ୍ତ୍ର ଅଭିଯାନ ପରିଚାଳିତ ହୋଇଥିଲା। ଏହି ଅଭିଯାନରେ ଜବତ ହୋଇଥିବା ପ୍ରାୟ ୫୬୯.୩୨ କୋଟି ଟଙ୍କାର ଗଞ୍ଜେଇ ଓ ବ୍ରାଉନସୁଗରକୁ ନଷ୍ଟ କରିଦିଆଯାଇଛି। ୫୪୪.୫୨ କୋଟି ଟଙ୍କାର ୧୦୮.୯୦ ମେଟ୍ରିକ ଟନ୍ ଗଞ୍ଜେଇ ଓ ୨୪.୮ କୋଟିର ୧୨.୩୯୮ କିଲୋଗ୍ରାମ ବ୍ରାଉନସୁଗର ଏବଂ ୩,୬୩୧ ବୋତଲ କଫ୍ ସିରପ୍ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ଗଞ୍ଜେଇ ନଷ୍ଟ କରିବାରେ ବୌଦ୍ଧ ପୁଲିସ ସବୁଠାରୁ ଆଗରେ ରହି ୩୭,୪୮୪.୮୮୫ କିଲୋଗ୍ରାମ ଗଞ୍ଜେଇ ନଷ୍ଟ କରିଥିବା ବେଳେ କନ୍ଧମାଳ (୩୪,୨୪୫.୪୩୦ କିଲୋଗ୍ରାମ) ଦ୍ୱିତୀୟ ଏବଂ ମାଲକାନଗିରି (୮,୯୬୯.୯୪୦ କିଲୋଗ୍ରାମ) ତୃତୀୟ ସ୍ଥାନରେ ରହିଛି। ସେହିପରି ବ୍ରାଉନସୁଗର ନଷ୍ଟ କରିବାରେ ବାଲେଶ୍ୱର ପୁଲିସ ସର୍ବାଧିକ ୧୧ କିଲୋ ୨୯୩ ଗ୍ରାମ ଏବଂ ଏସଟିଏଫ୍ ୧ କିଲୋ ୯୦ ଗ୍ରାମ ନଷ୍ଟ କରିଛନ୍ତି। ବରଗଡ଼ ପୁଲିସ ଦ୍ୱାରା ୩,୬୩୧ ବୋତଲ କଫ୍ ସିରପ୍ ନଷ୍ଟ କରାଯାଇଛି।

## ଓସିଏସ୍ ପ୍ରିଲିମ୍ ପରୀକ୍ଷା ଫଳ ପ୍ରକାଶ

ମୁଖ୍ୟ ପରୀକ୍ଷା ପାଇଁ ୫୬୯୦ ଜଣ କୃତକାର୍ଯ୍ୟ

କଟକ,୧୦।୭ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ) ପ୍ରିଲିମିନାରୀ ପରୀକ୍ଷା-୨୦୨୫ର ଫଳାଫଳ ଆଜି ପ୍ରକାଶ ପାଇଛି। ଗତ ଜୁନ୍ ୭ରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ମୋଟ ୫,୬୯୦ ଜଣ ପରୀକ୍ଷାର୍ଥୀ ମୁଖ୍ୟ ଲିଖିତ ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ମୋଟ ୫,୬୯୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧,୯୦୫ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ୨୦୨୬ ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ବୋଲି କମିସନଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହାର ସବିଶେଷ ସୂଚୀ ଓ କାର୍ଯ୍ୟକ୍ରମ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯିବ। ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ରୋଲ୍ ନମ୍ବର ତାଲିକା ଓପିଏସସିର ୱେବସାଇଟରେ ଉପଲବ୍ଧ ରହିଛି।

## ଏବେ ଦେଶରେ ଛାତ୍ର ହତ୍ୟାକାରୀ ସରକାର ଚାଲିଛି: ଉଦୟଭାନୁ



ଭୁବନେଶ୍ୱର,୧୦।୭ (ସମିସ): ଦେଶର ଛାତ୍ରଛାତ୍ରୀ ମାନଙ୍କୁ ଶୋଷଣ କରାଯାଉଛି। ଜଣେ ଅଭିଭାବକ କେତେ କଷ୍ଟ ସ୍ୱୀକାର କରି କୋଚିଂ ଫିସ, ହଷ୍ଟେଲ ଫିସ ପାଇଁ ୪-୫ ଲକ୍ଷ ପର୍ଯ୍ୟନ୍ତ ଯୋଗାଡ଼ କରୁଛନ୍ତି। ମାତ୍ର ଦେଶରେ ପେପର ଲିକ୍ ଓ ପୁନଃପରୀକ୍ଷା ଯୋଗୁଁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ସହ ବହୁ ଛାତ୍ରଛାତ୍ରୀ ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି ଓ ଦେଶରେ ଏବେ ଏକ ଛାତ୍ରହତ୍ୟାକାରୀ ସରକାର ଚାଲିଛି ବୋଲି କହିଛନ୍ତି ଯୁବ କଂଗ୍ରେସର ଜାତୀୟ ସଭାପତି ଉଦୟଭାନୁ ଚିବ୍। ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ 'ଛାତ୍ରୋଂକି ଗୁଞ୍ଜ' କାର୍ଯ୍ୟକ୍ରମ ସାମିଲ ହୋଇ ଶ୍ରୀ ଚିବ୍ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ କିପରି ଅତ୍ୟାଚାରିତ ଓ ଶୋଷିତ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ମୁକ୍ତ ପରୀକ୍ଷା ଆୟୋଜନ, ଉତ୍ତରଦାୟୀ ପରିଚାଳନା ବ୍ୟବସ୍ଥା, ସଶକ୍ତ କ୍ରିୟାବିଧି ସୁନିଶ୍ଚିତ କରିବା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପାଇଁ ସମାବେଶରେ ସେ ଦାବି କରିଛନ୍ତି।

ସେ କହିଛନ୍ତି ଯେ ଗତ ୧୦ ବର୍ଷରେ ୮୯ ଥର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା ବେଳେ ୪୮ ଥର ପୁନଃ ପରୀକ୍ଷା ହୋଇଛି। ୨୨ ଲକ୍ଷ ଛାତ୍ର ଛାତ୍ରୀ ୨୦୨୬ ନିଟ୍ ପେପର ଲିକ୍ ପାଇଁ ପ୍ରଭାବିତ ହୋଇଥିବାବେଳେ ୨୦୨୪ ନିଟ୍ ପେପର ଲିକ୍‌ରୁ କେନ୍ଦ୍ର ସରକାର କିଛି ଶିକ୍ଷା କଲେ ନାହିଁ। ଏପଟେ ଓଡ଼ଶାରେ ଶିକ୍ଷାବ୍ୟବସ୍ଥା ଭୁଷୁଡ଼ି ପଡିଛି। ଓଡ଼ିଆ ପିଲାଙ୍କ ସାହିତ୍ୟ ବହିରେ ଗଣିତ, ଗଣିତ ବହିରେ ସାହିତ୍ୟ, ବୈଜ୍ଞାନିକ ନିଉଟନକୁ ପାଇଲଟ, ନିୟମଗିରି ପର୍ବତକୁ ଝାଡଖଣ୍ଡରେ ସ୍ଥାନୀତ କରିବା, ଓଡ଼ିଶା ବିଧାନସଭା ଜାଗାରେ କର୍ଣ୍ଣାଟକ ବିଧାନସଭାର ଫଟୋ, ସାହିତ୍ୟ ପୁସ୍ତକରେ ନିମ୍ବୋଡା ନିମ୍ବୋଡା ଗୀତ ପାଇଁ ଓଡ଼ିଆ ଜାତିର ସ୍ୱାଭିମାନ, ସମ୍ମାନ ଓ ଅସ୍ମିତା ଭୁଲୁଣ୍ଠିତ ହୋଇଛି ବୋଲି ସେ କହିଛନ୍ତି। ଓଡ଼ିଶାର ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ପ୍ରତି ମୋହନ ସରକାର ବିଶ୍ୱାସଘାତକତା କରିଛନ୍ତି। ଛାତ୍ର ଛାତ୍ରୀଙ୍କ ପ୍ରତି ଖାମଖିଆଲ ମନୋଭାବ ପୋଷଣ କରିଥିବା ମୋହନ ସରକାରଙ୍କ ବିରୋଧରେ ବ୍ୟାପକ ଛାତ୍ର ଅନ୍ଦୋଳନରେ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ଶା ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ରିୟାନା ରାଜୁ, ପୂର୍ଣ୍ଣଚନ୍ଦ୍ର ପାଢୀ, ସ୍ମୃତି ରଞ୍ଜନ ଲେଙ୍କା, ୟାସିର ନୱାଜଙ୍କ ସମେତ ଅନ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ।

■ ବିଲରେ ଧାନତଳି ଖାଇଗଲେ ବୋଲି.....

## ଷଣ୍ଢକୁ ହାଣି ଯବାନ ଗିରଫ

କଟୁରୀ ଚୋଟରେ ଗୋଟେ ଷଣ୍ଢ ମୃତ; ଆଉ ଗୋଟେ ଗୁରୁତର



ରାଜନଗର, ୧୦।୭ (ସମିସ): ବିଲରେ ପଶି ଧାନ ତଳି ଖାଇଦେଲା ବୋଲି ଷଣ୍ଢଙ୍କୁ ଶାବଳରେ ବାଡ଼େଇବା ସହ କଟୁରୀରେ ହାଣିଛନ୍ତି ଜଣେ ଯବାନ। ଗୋଟିଏ ଷଣ୍ଢର ମୃତ୍ୟୁ ହୋଇଥିବାବେଳେ ଅନ୍ୟଏକ ଷଣ୍ଢ ଗୁରୁତର ଆହତ ହୋଇଛି। ସୀମାରେ ଦେଶକୁ ସୁରକ୍ଷା ଯୋଗାଇ ଅବସର ନେଇଥିବା ସୈନିକଙ୍କ ଏଭଳି ଅମାନବୀୟ କାର୍ଯ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ଷଣ୍ଢର ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ପୋତି ଦିଆଯାଇଛି। ଗ୍ରାମର ବିବେକାନନ୍ଦ ସାମନ୍ତରାୟଙ୍କ ଏତଲା ଆଧାରରେ ରାଜନଗର ଥାନାରେ ୨୬୮/୨୦୨୬ରେ ମାମଲା ରୁଜୁ କରାଯାଇ ଅବସରପ୍ରାପ୍ତ ସୈନିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ରାଜନଗର ଥାନା ଅନ୍ତର୍ଗତ ଅମଣାପାରି ଗ୍ରାମର ଦିବାକର ମଲ୍ଲିକ ସୈନିକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ଗାଁରେ ଚାଷ କରୁଛନ୍ତି। ଗାଁ ନିକଟରେ ଥିବା ମଧୁପୁର ମୌଜାରେ ବିଲରେ ତଳା ପକାଇଛନ୍ତି। ଗତକାଲି ଦୁଇଟି ଷଣ୍ଢ ତଳା ବିଲରେ ପଶି ତଳା ଖାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦିବାକର ଦୁଇଟି ଷଣ୍ଢଙ୍କୁ ପ୍ରଥମେ ଶାବଳରେ ନିର୍ମମ ପିଟିଥିଲେ। ଏଥିରେ ମନଶାନ୍ତି ନ ହେବାରୁ କଟୁରୀରେ ଷଣ୍ଢଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ଗୋଟିଏ ଷଣ୍ଢର ମୃତ୍ୟୁ ହେବା ସହ ଅନ୍ୟଏକ ଷଣ୍ଢ ଗୁରୁତର ଆହତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦିବାକରଙ୍କୁ ଗିରଫ କରିଥିଲା। ଶାବଳ ଓ କଟୁରୀ ଜବତ କରାଯାଇଛି। ଆଜି ଦିବାକରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ମୃତ ଷଣ୍ଢର ବ୍ୟବଚ୍ଛେଦ ପରେ ମଧୁପୁର ଛକରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି।

ବିଶ୍ୱର ପ୍ରଥମ ଜନଜାତି ବହୁଳ ଜନସଂଖ୍ୟାଭିତ୍ତିକ କର୍କଟ ରୋଗ ପଞ୍ଜୀକରଣ ରିପୋର୍ଟ ପ୍ରକାଶ

# ବର୍ଷକରେ ମୟୂରଭଞ୍ଜରେ ୧୧୭୦ କର୍କଟ ରୋଗୀ ଚିହ୍ନଟ

ଖୋର୍ଦ୍ଧା ପରେ ରାଜ୍ୟରେ ମୟୂରଭଞ୍ଜ ଦ୍ୱିତୀୟ ପଞ୍ଜୀକୃତ ଜିଲ୍ଲା

ମୁଖ୍ୟ କାରଣ ସାଜିଛି ତମାଖୁ ସେବନ

ପୁରୁଷଙ୍କ ଠାରେ ମୁଖ ଓ ମହିଳାଙ୍କଠାରେ ସ୍ତନ କର୍କଟ ସବୁଠାରୁ ଅଧିକ



ବାରିପଦା, ୧୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ କର୍କଟ ରୋଗର ପ୍ରତିରୋଧ, ଚିହ୍ନଟ ଓ ନିରାକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲଠାରେ ପ୍ରଥମ ବର୍ଷର "ଜନସଂଖ୍ୟା ଭିତ୍ତିକ କର୍କଟ ରୋଗ ପଞ୍ଜୀକରଣ' ରିପୋର୍ଟ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ସେଣ୍ଟର, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜଟଣୀ ସ୍ଥିତ ନାଇଜରର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଏହା ପ୍ରଥମ ଜନଜାତି ବହୁଳ ଜନସଂଖ୍ୟା ଭିତ୍ତିକ କର୍କଟ ରୋଗ ପଞ୍ଜିକରଣ ବୋଲି ଜୋନାଲ କୋର୍ଡିନେଟର ଡା ଆଶୁତୋଷ ପ୍ରଧାନ ସୂଚନା ଦେଇଛନ୍ତି। ବର୍ଷକରେ ୧୧୭୦ ନୂଆ ଆକ୍ରାନ୍ତ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ କଟକ-ଭୁବନେଶ୍ୱରର ପ୍ରମୁଖ ହସ୍ପିଟାଲଗୁଡ଼ିକରୁ ସଂଗୃହିତ ତଥ୍ୟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ମୟୂରଭଞ୍ଜରେ ମୋଟ ୧,୧୭୦ ଜଣ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ମୁମ୍ବାଇ ଟାଟା ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞ ଡା ଅତୁଲ ବୁଡୁକଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ପୁରୁଷମାନଙ୍କ ମଧ୍ୟରେ ତମାଖୁ ସେବନ ଜନିତ ପାଟି ଏବଂ ଜିଭ କର୍କଟ ସବୁଠାରୁ ଅଧିକ ଦେଖାଯାଉଛି। ପୁରୁଷଙ୍କ କ୍ଷେତ୍ରରେ ହେଉଥିବା ମୋଟ କର୍କଟ ମଧ୍ୟରୁ ପ୍ରାୟ ୪୦.୩ଧ (ପ୍ରତି ୫ ଜଣରେ ୨ ଜଣ) କେବଳ ତମାଖୁ ଜନିତ ରୋଗରେ ପୀଡ଼ିତ। ଅପରପକ୍ଷରେ, ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ଏବଂ ଜରାୟୁ ମୁଖ କର୍କଟ ସବୁଠାରୁ ଶୀର୍ଷରେ ରହିଛି। ଆଶ୍ଚର୍ଯ୍ୟଜନକ ଭାବେ, ପ୍ରତି ୨୧ ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ଏବଂ ପ୍ରତି ୧୮ ଜଣ ମହିଳାଙ୍କ ମଧ୍ୟରୁ ଜଣେ ୭୫ ବର୍ଷ ବୟସ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଏହି ରିପୋର୍ଟରୁ ସାମ୍ନାକୁ ଆସିଛି। ଏହା ସହିତ ୦ ରୁ ୧୪ ବର୍ଷ ବୟସ୍କ ଶିଶୁଙ୍କ ମଧ୍ୟରେ ପ୍ରାୟ ୨୧ ଟି କର୍କଟ ମାମଲା (୧.୮ଧ) ସାମ୍ନାକୁ ଆସିବା ଅତ୍ୟନ୍ତ ଚିନ୍ତାଜନକ ସଦୃଶ ହୋଇଛି। ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ସଦର ଓ କପ୍ତିପଦା ଉପଖଣ୍ଡର ୧୪ଟି ବ୍ଲକ ଅଞ୍ଚଳରେ ପ୍ରାୟ ୭୦ ପ୍ରତିଶତ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଞ୍ଚଳରେ କ୍ୟାନ୍ସର ଚିକିତ୍ସା ଓ ରୋଗ ନିରୂପଣ କେନ୍ଦ୍ରର ଅଭାବ ଯୋଗୁଁ ଅନେକ ସମୟରେ ରୋଗ ଚିହ୍ନଟ ହୋଇପାରୁ ନାହିଁ କିମ୍ବା ବିଳମ୍ବରେ ରିପୋର୍ଟ ହେଉଛି। ତେବେ ଟାଟା ମେମୋରିଆଲ୍ ସେଣ୍ଟର ପକ୍ଷରୁ ଅଗଷ୍ଟ ୨୦୨୩ରୁ ମେ ୨୦୨୫ ମଧ୍ୟରେ କରାଯାଇଥିବା ସ୍ୱତନ୍ତ୍ର ସ୍କ୍ରିନିଂ (ବାର୍ଷିକ) କାର୍ଯ୍ୟକ୍ରମରେ ୫,୭୬୮ ଜଣଙ୍କ ମଧ୍ୟରୁ ୭୨ ଜଣଙ୍କଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ କରାଯାଇ ଉଚ୍ଚତର ଚିକିତ୍ସା ପାଇଁ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗର ଅଧ୍ୟକ୍ଷ ତଥା ପରମାଣୁ ଶକ୍ତି ବିଭାଗର ସଚିବ ଡ଼ଃ ଅଜିତ କୁମାର ମହାନ୍ତି କହିଛନ୍ତି, ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ମୟୂରଭଞ୍ଜରେ ଏହି ପଞ୍ଜିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତମାଖୁ ଏବଂ ଦେଶୀ ମଦର ବ୍ୟବହାରକୁ ନିୟନ୍ତ୍ରଣ କରାଗଲେ ଅଧିକାଂଶ କର୍କଟ ରୋଗକୁ ରୋକାଯାଇପାରିବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟିଏମସି ମୁମ୍ବାଇର ନିର୍ଦ୍ଦେଶକ ଡା ସୁଦୀପ ଗୁପ୍ତା କହିଛନ୍ତି, ମୟୂରଭଞ୍ଜ ଭଳି ଏକ ଆଦିବାସୀ ବହୁଳ ଏବଂ ଗ୍ରାମୀଣ ଜିଲ୍ଲାରେ ଏହି କେନ୍ଦ୍ର ସ୍ଥାପନ ହେବା ସମଗ୍ର ଭାରତ ପାଇଁ ଏକ ମଡେଲ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା ବିନୟ ସାହୁ, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ, ପିଆରଏମ ମେଡିକାଲ କଲେଜର ଡିନ୍ ତଥା ପ୍ରିନସିପାଲ ଡା ନିର୍ମଳ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜର ବହୁମୂଲ୍ୟ ମତ ରଖିଥିଲେ। ସରକାରଙ୍କ ତରଫରୁ କର୍କଟ ରୋଗୀଙ୍କ ଯାଞ୍ଚ କିମ୍ବା ତଥ୍ୟ ସଂଗ୍ରହ ପାଇଁ ଯେଉଁ ଫୋନ୍ କଲ୍ ଯାଉଛି, ତାହା ସମ୍ପୂର୍ଣ୍ଣ ସରକାରୀ ଓ ନିରାପଦ ଅଟେ। ତେଣୁ କୌଣସି ସନ୍ଦେହ ନକରି ଜନସାଧାରଣ ସଠିକ୍ ସୂଚନା ଦେଇ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।"ଏହି ଅବସରରେ ଜଣେ ସଫଳ କର୍କଟ ବିଜୟୀ (ସ୍ତନ କର୍କଟ ବିଜୟୀ) ଭାବେ ଅନିତା ବେହେରା ଯୋଗଦେଇ ନିଜର ଅନୁଭୂତି ବାଣ୍ଟିବା ସହ କହିଥିଲେ, "ଶରୀରରେ କୌଣସି ବି ସମସ୍ୟା ଯଦି ୩ ସପ୍ତାହରୁ ଅଧିକ ସମୟ ରହେ, ତେବେ ତୁରନ୍ତ ସ୍କ୍ରିନିଂ କରାଇବା ଆବଶ୍ୟକ। ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହେଲେ କର୍କଟ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ"। "ଏହି ଅବସରରେ ତମାଖୁ ବର୍ଜନ କରି ନିଶାମୁକ୍ତ ହେବା ପାଇଁ ସରକାରଙ୍କ ମାଗଣା ହେଲ୍ପଲାଇନ ନମ୍ବର ୧୮୦୦-୧୧-୨୩୫୬ ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ରାଜ୍ୟ ସରକାରଙ୍କର ୨ ବର୍ଷର ବିଫଳ ଶାସନ

## ୧୩ରେ ଓଡ଼ିଶା ଯୁବ ଜନତା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୦।୭ (ସମିସ): ଆଗାମୀ ୧୩ ତାରିଖରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରି ରାଜ୍ୟ ସରକାରଙ୍କ ୨ ବର୍ଷର ବିଫଳ ଶାସନ ବିରୋଧରେ ଗର୍ଜିବ ଓଡ଼ିଶା ଜନତା କଂଗ୍ରେସ। ଏହି ଶୋଭାଯାତ୍ରାରେ ପାର୍ଟିର ସଭାପତି ଇଂ ମହମ୍ମଦ ମୋକିମ୍‌ଙ୍କ ସହ ଅନେକ ଯୁବ ନେତା ଓ ରାଜ୍ୟ ନେତୃତ୍ୱ ମଧ୍ୟ ଯୋଗଦେବେ। ବିଜେପିର ୨ ବର୍ଷ ଶାସନକାଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ଅବ୍ୟବସ୍ଥା, ଭିଡ଼ହିଂସା, ମହିଳା ନିର୍ଯାତନା ଓ ବେରୋଜଗାରୀ ଆଦି ବିଭିନ୍ନ ସମସ୍ୟାକୁ ଆଧାର କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶୁକ୍ରବାର ଓଡ଼ିଶା ଯୁବ ଜନତା କଂଗ୍ରେସ ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଭିଡ଼ହିଂସା ବୃଦ୍ଧି ଯୋଗୁଁ ରାସ୍ତାରେ ଚାଲିବାକୁ ଲୋକେ ଭୟ କରୁଛନ୍ତି। ବାରମ୍ବାର ମହିଳାଙ୍କ ସୁରକ୍ଷା କଥା କହିଆସୁଥିବା ସରକାର ରାଜ୍ୟକୁ ମହିଳା ନିର୍ଯାତନା ଓ ଦୁଷ୍କର୍ମରେ ଦେଶରେ ଏକ ନମ୍ବର ସ୍ଥାନରେ ପହଞ୍ଚାଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲକ୍ଷ ଲକ୍ଷ ଯୁବପିଢି ରୋଜଗାର ପାଇଁ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଉଛନ୍ତି। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଏବଂ ନିର୍ବାଚନ ପରେ ରୋଜଗାର ଯୋଗାଇଦେବାର କୌଣସି ବ୍ୟବସ୍ଥା ନକରିବା ଏହା ସମ୍ପୂର୍ଣ୍ଣ ରାଜ୍ୟର ଯୁବବର୍ଗଙ୍କ ପ୍ରତି ପ୍ରତାରଣା। ସ୍ୱାସ୍ଥ୍ୟମିତ୍ରମାନଙ୍କୁ ଛଟେଇ, ନିରୀହ ଆଦିବାସୀଙ୍କର ଜଙ୍ଗଲ, ଜଳ ଓ ଜମିକୁ କମ୍ପାନୀ ହାତଟେକି ଦେଇ ରାଜ୍ୟବାସୀଙ୍କ ସହ ସରକାର ଛଳନା କରିଛନ୍ତି ବୋଲି ସେ କହିଛନ୍ତି।





## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ଅଚାନକ ଖୁସି ଖବର ମିଳିପାରେ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ।

**ଧନୁ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମକର:** ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଯୋଜନା ଅନୁଯାୟୀ କାମ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ବିବାହ ପ୍ରସ୍ତାବ ଆସିପାରେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଭାଇମାନଙ୍କ ସହିତ ସମ୍ପର୍କ ମଧୁର ହେବ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଖର୍ଚ୍ଚ ବଢ଼ିପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ, ୧୨୨ ଜଣଙ୍କ ମୃତ୍ୟୁ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା।

# ଆସିଲା ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ର ଫାଷ୍ଟ ଲୁକ୍

ଟିମ୍ ଇଣ୍ଡିଆର ଲୋକପ୍ରିୟ ଅଧିନାୟକ ତଥା କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ଫିଲ୍ମକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ହେଉଛି। ସୌରଭଙ୍କ ଜନ୍ମଦିନ( ଜୁଲାଇ ୮ ତାରିଖ) ଅବସରରେ 'ଦାଦା- ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ଫାଷ୍ଟ ଲୁକ୍ ରିଲିଜ୍ କରାଯାଇଥିଲା। ଏହା ସହିତ ନିର୍ମାତାଙ୍କ ପକ୍ଷରୁ ଏହାର ରିଲିଜ୍ ତାରିଖ ମଧ୍ୟ ଘୋଷଣା କରାଯାଇଛି। ବଲିଉଡ୍‌ରେ କ୍ରିକେଟ୍ ଖେଳାଳିଙ୍କ ଉପରେ ଅନେକ ଫିଲ୍ମ ନିର୍ମାଣ କରାଯାଇଛି। ଏମ୍‌ଏସ୍ ଧୋନି, କପିଳଦେବ ଏବଂ ମହମ୍ମଦ ଆଜହାରୁଦ୍ଦିନଙ୍କ ପରେ ଏବେ ସୌରଭଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି।



ସୌରଭଙ୍କ ବାୟୋପିକ୍ 'ଦାଦା'ରେ ରାଜକୁମାର ରାଓ ଲିଡ୍ ରୋଲରେ ଦେଖାଯିବେ। ପୋଷ୍ଟର୍‌ରେ ଲର୍ଡସ ମୈଦାନର ସେହି ଐତିହାସିକ ଦୃଶ୍ୟ ରହିଛି, ଯେତେବେଳେ ସୌରଭ ନେଟୱେଷ୍ଟ ସିରିଜ୍ ଫାଇନାଲରେ ଇଂଲଣ୍ଡ କ୍ରିକେଟ୍ ଟିମ୍‌କୁ ହରାଇବା ପରେ ଷ୍ଟାଡିୟମ୍‌ର ବାଲକୋନିରେ ନିଜ ଦେହରୁ ଟି-ସାର୍ଟ କାଢ଼ି ଉଡ଼ାଇଥିଲେ। 'ଦାଦା- ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ପୋଷ୍ଟର୍ ଦେଖି ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବହୁତ ବଢ଼ିଯାଇଛି ଏବଂ ସେମାନେ ଏହି ସ୍ପୋର୍ଟସ୍ ଡ୍ରାମାର ରିଲିଜ୍‌କୁ ଚାହିଁ ରହିଛନ୍ତି। ୧୪ ମଇ, ୨୦୨୭ରେ ଏହି ଚଳଚ୍ଚିତ୍ର ସିନେମାହଲ୍‌ରେ ମୁକ୍ତିଲାଭ କରିବ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ବିକ୍ରମାଦିତ୍ୟ ମୋଟୱାନେ ଅଛନ୍ତି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଲଭ୍ ରଞ୍ଜନ ଏବଂ ଅଙ୍କୁର ଗର୍ଗ ଅଛନ୍ତି। ଏହା 'ଲଭ୍ ଫିଲ୍ମସ୍' ବ୍ୟାନରରେ ନିର୍ମିତ ହୋଇଛି। ତେବେ ଦାଦାଙ୍କ ବାୟୋପିକ୍ ପୂର୍ବ କ୍ରୀଡ଼ା ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ଭଳି ବ୍ୟବସାୟିକ ସଫଳତା ପାଇପାରୁଛି କି ନାହିଁ, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ।

# ବିଶ୍ୱ ଜନସଂଖ୍ୟା ଦିବସ




ବିଶ୍ୱ ଜନସଂଖ୍ୟା ଦିବସ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ପାଳନ କରାଯାଏ। ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ସଂପର୍କରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ଜନସଂଖ୍ୟା ବୃଦ୍ଧିର ଆମ ପରିବେଶ ଓ ସାମାଜିକ ବ୍ୟବସ୍ଥା ଉପରେ ପ୍ରଭାବ ତଥା ପରିବାର ନିୟୋଜନ, ଦାରିଦ୍ର୍ୟ, ଲିଙ୍ଗଗତ ସମାନତା, ନାଗରିକ ଅଧିକାର, ମା' ଓ ଶିଶୁର ସ୍ୱାସ୍ଥ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୧ ଜୁଲାଇ, ୧୯୮୭ରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟି ଛୁଇଁଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୮୯ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ୧୯୯୦ ମସିହାରେ ପ୍ରଥମ ଥର ପାଇଁ ୯୦ରୁ ଅଧିକ ଦେଶରେ ଏହି ଦିବସ ବିଧିବଦ୍ଧ ଭାବେ ପାଳନ କରାଯାଇଥିଲା। ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବାବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି। ଏବେ ଭାରତ ବିଶ୍ୱର ସବୁଠୁ ଅଧିକ ଜନବହୁଳ ରାଷ୍ଟ୍ର। ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ। କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ। ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ,ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ। ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଏହି ଦିବସ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ନିର୍ଦ୍ଧାରଣ କରାଯାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- "Realizing the hopes and aspirations of young people – today and for the future"। ଏହି ଦିବସ ପାଳନ ଅବସରରେ ଜନସଂଖ୍ୟା ନିୟନ୍ତ୍ରଣ କରି ସୁଖମୟ ସମାଜ ଗଢ଼ିବା ପାଇଁ 'ଛୋଟ ପରିବାର, ସୁଖୀ ପରିବାର'ର ବାର୍ତ୍ତା ପ୍ରସାର କରାଯାଏ।

# ଉଡ଼ନ୍ତା ଛତା

ଖରା ହେଉ କି ବର୍ଷା ଲୋକଙ୍କୁ ଛତା ଧରି ଚାଲିବା ସମୟରେ ସହଜ ଲାଗେ ନାହିଁ। ବିଶେଷକରି ହାତରେ ଏକାଧିକ ଜିନିଷ ଧରିଥିଲେ ଛତା ଧରିବା କଷ୍ଟକର ହୋଇଥାଏ। ଅନେକ ସମୟରେ ଅତ୍ୟଧିକ ପବନ ଯୋଗୁଁ ଛତା ମଧ୍ୟ ଓଲଟି ଯାଏ। ଏହି କ୍ରମରେ କାନାଡ଼ାର ଇଞ୍ଜିନିୟର ଜନ୍ ସେ ଏସବୁର ଏକ ସମାଧାନର ରାସ୍ତା ଖୋଜି ବାହାର କରିଛନ୍ତି। ସେ ଏକ ଉଡ଼ନ୍ତା ଛତା ପ୍ରସ୍ତୁତ କରିଛନ୍ତି। ପ୍ରକୃତରେ ଏହା ଏକ ହାଇ-ଟେକ୍ ଡ୍ରୋନ୍। ଏଥିରେ ଲାଗିଥିବା ସେନ୍‌ସର୍, ଏଆଇ ଏବଂ କ୍ୟାମେରା ଲୋକଙ୍କୁ ଚିହ୍ନଟ କରିଥାଏ ଏବଂ ଛତା ଆପେ ଆପେ ସେମାନଙ୍କ ମୁଣ୍ଡ ଉପରେ ହିଁ ଘୂରି ବୁଲେ। ସେହିପରି ଏହା ଭିତରେ ଚାରିଟି ପ୍ରୋପେଲର ଫିଟ୍ କରାଯାଇଛି। ଯାହାକି ଉଡ଼ାଣ ଭରିବାରେ ସାହାଯ୍ୟ କରେ। ଏହାସହ ଏଥିରେ ଏକ ଟାଇମ୍ ଅଫ୍ ଫ୍ଲାଇଟ୍ ଡେପ୍‌ଥ କ୍ୟାମେରା ଲାଗିଛି। ଯାହାକି ଥ୍ରୀଡି ଚିତ୍ର ତିଆରି କରିଥାଏ। ଜନ୍ ଏହାକୁ ତିଆରି କରିବା ଲାଗି କାର୍ବନ ଫାଇବର ନାଇଲନ ଏବଂ ଥ୍ରୀଡି ପ୍ରିଣ୍ଟିଂର ବ୍ୟବହାର କରିଛନ୍ତି। ଅନ୍ୟପଟେ ରସବେରି ପାଇକୁ ଡାଟା ପ୍ରୋସେସିଂ ପାଇଁ ଉପଯୋଗ କରାଯାଇଛି। ତେବେ ଏହା ଏବେ ଗବେଷଣା ପର୍ଯ୍ୟାୟରେ ଅଛି। ହେଲେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଚର୍ଚ୍ଚା ସାଉଁଟୁଛି। ଏବେ ଏହାର ଗୋଟିଏ ବ୍ୟାଟେରି ଚାର୍ଜ ହେବା ଦ୍ୱାରା ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ପବନରେ ଉଡ଼ିପାରେ। ଯଦିଓ ଏହା ଏବେ ବଜାରକୁ ଆସି ନାହିଁ, ତଥାପି ଭବିଷ୍ୟତରେ ଗ୍ୟାଜେଟ୍‌ଗୁଡ଼ିକ କିଭଳି ଅତ୍ୟାଧୁନିକ ହୋଇପାରିବ, ତାହା ଦେଖାଇ ଦେଇଛି। କେବଳ ସେତିକି ନୁହେଁ, ପ୍ରବଳ ବର୍ଷା ଏବଂ ପବନରେ ଏହାର ସ୍ଥିରତା ଉପରେ କାମ ହେବା ବାକି ଅଛି। ଯଦି ଏହି ଗ୍ୟାଜେଟ୍‌ଟି ସଫଳ ହେଲା, ଲୋକଙ୍କ ହାତ ଖାଲି ରହିବ ଓ ବର୍ଷାରୁ ମଧ୍ୟ ସୁରକ୍ଷା ମିଳିବ। ଅନ୍ୟପଟେ ବିଶେଷଜ୍ଞଙ୍କ ମତରେ, ଭବିଷ୍ୟତରେ ଏଭଳି ବ୍ୟକ୍ତିଗତ ଡ୍ରୋନ୍ ଗ୍ୟାଜେଟ୍ ଖୁବ୍ ସାଧାରଣ ପାଲଟିବ। କେବଳ ଛତା ନୁହେଁ, ଛୋଟ ଛୋଟ ଡ୍ରୋନ୍ ଜିନିଷ ବୋହିବା, ଆଲୋକ ତଥା ସୁରକ୍ଷା ପ୍ରଦାନ କରିବା ଦିଗରେ କାମ କରିବେ। ସେହିପରି ଭାରତ ଭଳି ବର୍ଷାପ୍ରବଣ ଦେଶରେ ଏହା ଆହୁରି ଉପଯୋଗୀ ପ୍ରମାଣିତ ହେବା ଆଶା କରାଯାଉଛି।



## ପ୍ରହେଳିକା



- ଆଷାଢ଼ର ଶୁକ୍ଳ ଦ୍ୱିତୀୟା ଦିନ
ଯାତଟିଏ ଆସେ ଶ୍ରୀକ୍ଷେତ୍ରେ ଜାଣ
ବଡ଼ଦାଣ୍ଡେ ହୁଏ ଭକ୍ତ ଗହଳି
ଘଣ୍ଟ ଘଣ୍ଟି ନାଦ ପଡ଼େ ଉଚ୍ଛୁଳି
ଯାତ ମଧ୍ୟେ ସାର ସିଏ
ଗୁଣ୍ଡିଚା ଗୃହକୁ ଯାଆନ୍ତି ସାଆନ୍ତ
କୁହ'ତ ତା'ନାମ କିଏ।

ଉତ୍ତର-ରଥଯାତ୍ରା

- ରତ୍ନବେଦୀ ଛାଡ଼ି ଜନମ ବେଦୀକୁ
ଯାଆନ୍ତି ତିନି ଠାକୁର
ପାହୁଣ୍ଡ ପକାଇ ଝୁଲି ଝୁଲି ଦିଅଁ
ଛାଡ଼ନ୍ତି ଶିରୀ ମନ୍ଦିର
ମସ୍ତକେ ଟାହିଆ ନାଇ
ଦିଅଁଙ୍କର ଏହି ଅପୂର୍ବ ଚାଲିକୁ
ପାରିବକି କିଏ କହି।

ଉତ୍ତର-ପହଣ୍ଡି ବିଜେ

- ତିନି ଗୋଟି ରଥ ବଡ଼ଦାଣ୍ଡରେ
ଆଗ ପଛ ହୋଇ ଗଡ଼ନ୍ତି ଧିରେ
ଶେଷ ରଥ ଶୋଭା ଭାରି ସୁନ୍ଦର
ନାଲି ଓ ହଳଦୀ ମଣ୍ଡିଣି ତା'ର
ରଥରେ ଥାଆନ୍ତି କଳା ବାମନ
ଅଗଣିତ ଭକ୍ତ ଟାଣନ୍ତି ଶ୍ରଦ୍ଧାରେ
ଏବେ କୁହ ସେହି ରଥର ନାମ।

ଉତ୍ତର-ନନ୍ଦିଘୋଷ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

## ଆଷାଢ଼ ମାସ ବଡ଼ ସରସ



କୁଞ୍ଜ ବିହାରୀ ସାହୁ

ମେଘରେ ମେଘ ବରଷା ଦେଲୁ
ସଭିଙ୍କୁ ଖୁସି କରି
ବଡ଼ଦାଣ୍ଡରେ ରଥଯାତରା
କରିଲୁ ମନ ଭରି ।
ତୋଅରି ପାଇଁ ଶୁକ୍ଳ ପକ୍ଷର
ଦ୍ୱିତୀୟା ତିଥି ଦିନ
ଜଗାବଳିଆ ହଳଦୀମୁହିଁ
ଛାଡ଼ିଲେ ସିଂହାସନ ।
ତାଳଧ୍ୱଜ ଓ ଦେବଦଳନ
ନନ୍ଦିଘୋଷରେ ବସି,
ବଳଭଦ୍ର ଓ ସୁଭଦ୍ରା ମାତ
ଜଗା ବସିଲେ ହସି ।
ଭକତ ପାଶେ ହେଲେ ହାଜର
ଭୁଲି ଅଜାତି ଜାତି
ଆପଣା ବୋଲି ଖାଇଲେ ଭୋଗ
ସୁଖ ଦୁଃଖର ସାଥୀ ।
ତିନି ଠାକୁର ଶୁଣିଲେ ଗୀତ
ଖୋଳ କୀର୍ତ୍ତନ ବାଜା,
ଦେବଦାସୀର ଦେଖିଲେ ନାଚ
ମନକୁ କଲେ ତାଜା ।
ଏମିତି ଯାତ ବିଶ୍ୱବିଦିତ
ଦେଖିଛି ଯିଏ କହେ
ଆଷାଢ଼ ମାସ ବଡ଼ ସରସ
ତୋତେ ମୁଁ ଭଲ ପାଏ ।■

ପାତ୍ରପଡ଼ା, ଭୁବନେଶ୍ୱର

## ମୋ କୁନି ରଥରେ ଜଗନ୍ନାଥ



ରମାକାନ୍ତ ଦାସ

ସୁନାର ରଥରେ ସାଜିଲେ କାଳିଆ, ଶୋଭୁଛି ନୀଳମଣି,
ମୋ କୁନି ରଥରେ ବସିବେ ସେ ଆଜି, ଭକ୍ତର ସ୍ନେହ ଗଣି।
ଫୁଲର ମାଳାରେ ସଜାଇଛି ରଥ, ଝୁଲୁଛି ରଙ୍ଗିନ ଝୁଲ,
କୁନି ହାତେ ମୁଁ ଧରିଛି ଦଉଡ଼ି, ମନେ ମୋ ପ୍ରୀତିର ଫୁଲ।
ଘର ଅଗଣାରେ ରଥ ଯାତ୍ରା ଆଜି, ଦେଉଳ ହୋଇଛି ଘର,
ମୋ କୁନି ରଥରେ ହସୁଛନ୍ତି ପ୍ରଭୁ, ପରଶି ପ୍ରେମର ସ୍ୱର।
ନାହିଁ ବଡ଼ଦାଣ୍ଡ, ନାହିଁ ଭିଡ଼ ଆଜି, ଅଛି କେବଳ ଭାବ,
ମୋ କୁନି ଆଖିରେ ଖୋଜୁଛି ମୁଁ ତୁମ, ତୁଟିଗଲା ସବୁ ଲୋଭ।
ଜୟ ଜଗନ୍ନାଥ, ଜୟ ବଳଭଦ୍ର, କୁନି ମୁଖେ ଧ୍ୱନି ଉଠେ,
ରଥର ଚକରେ ଦୁଃଖ ହୁଏ ଦୂର, ମୁଁ ଥାଏ ପ୍ରଭୁଙ୍କ ପାଖେ।
ସଂସାର ପଥରେ ତୁମେ ତ ସାରଥୀ, ଦେଖାଅ ସୁନ୍ଦର ବାଟ,
ତୁମରି ଶ୍ରୀପାଦେ ସମର୍ପି ଦେଲି, ମୋ ଜୀବନର କୁନି ପାଟ।
ମହାପ୍ରଭୁ ତୁମେ, ମୁଁ କୁନି ଭକତ, ଦିଅ ଆଶିଷର ହାତ,
ମୋ କୁନି ରଥରେ ସଦା ବିରାଜ, ଜଗତର ନାଥ ନାଥ।
ତୁମରି କରୁଣା ପଥେ ଚାଲିବୁ, ଧରି ତୁମରି ହାତ,
ତୁମ ପାଦତଳେ ମିଳୁ ମୋ ସୁଖ, ହେ ନୀଳଚକ୍ରୀ ନାଥ ।■

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର

# ସୁମନ

# ବୁଦ୍ଧି ପରୀକ୍ଷା




ସେଦିନ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ମିକୁ ଓ ପିକୁ ବାପାଙ୍କ ସହ ବାହାରି ପଡ଼ିଲେ। ପ୍ରଥମଥର ପୁରୀ ଯିବେ ବୋଲି ସେମାନଙ୍କର ମନ ଉଲ୍ଲାସ ଥାଏ। ବଡ଼ଭାଇ ମିକୁ ବାହାରକୁ ଯାଇ ତୁଳସୀ ସଂଗ୍ରହ କରି ଆଣିଲା ଏବଂ ସାନଭାଇ ପିକୁ ବିଭିନ୍ନ ସୁଗନ୍ଧିତ ଫୁଲକୁ ଆଣି ସୁନ୍ଦର ମାଳଟିଏ ପ୍ରସ୍ତୁତ କଲା । ଦୁହେଁ ମନେମନେ ଭାବୁଥିଲେ ତିନି ରଥରେ ଠାକୁରଙ୍କୁ ହୃଦୟଭରି ଦର୍ଶନ କରିବେ ଏବଂ ମହାପ୍ରସାଦ ଖାଇବେ। ଘରୁ ବାହାରିବା ପୂର୍ବରୁ ବାପା ଦୁଇ ଭାଇଙ୍କୁ ଡାକି କହିଲେ, "ଆମେମାନେ ତ ପୁରୀ ଯିବା କିନ୍ତୁ ମୁଁ ତୁମ ଦୁହିଁଙ୍କର ବୁଦ୍ଧି ପରୀକ୍ଷା କରିବାକୁ ଚାହୁଁଛି ।" ଏହାଶୁଣି ମିକୁ ଓ ପିକୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, କେମିତିକା ବୁଦ୍ଧି ପରୀକ୍ଷା ବାପା ? ତାପରେ ବାପା ବୁଝାଇଲେ, "ତୁମେ ପୁରୀ ଗଲାପରେ ସେଠାରେ ଯାହାସବୁ ଦେଖିବ ଏବଂ ଶିଖିବ ଘରେ ଆସି ମତେ କହିବ। ଯିଏ ସବୁଠୁ ଭଲ ଉତ୍ତର ଦେବ ତାକୁ ମୁଁ ଶହେ ଟଙ୍କା ପୁରସ୍କାର ଦେବି। ଏକଥା ଶୁଣିବା ପରେ ଦୁଇ ଭାଇ ଆହୁରି ଖୁସି ହୋଇ ମନେ ମନେ ସଂକଳ୍ପ ନେଲେ ନିଶ୍ଚୟ ଏହି ପରୀକ୍ଷାକୁ ଜିତିବେ ବୋଲି। ବାପା ଏବଂ ଦୁଇ ପୁଅ ମିଶି ବସ୍ ଯୋଗେ ପୁରୀ ଗଲେ। ବଡ଼ଦାଣ୍ଡରେ ପହଞ୍ଚିବା ପରେ ସେମାନେ ଦେଖିଲେ ଅସଂଖ୍ୟ ଭକ୍ତଙ୍କ ଭିଡ଼ରେ ପୁରା ପରିବେଶ ପରିପୂର୍ଣ୍ଣ ହୋଇଯାଇଥାଏ। ଘଣ୍ଟ, ଘଣ୍ଟା, କାହାଳୀ , ମୃଦଙ୍ଗ, ହରିବୋଲ , ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହେଉଥାଏ। କେଉଁଠି ଦେବଦାସୀ ପ୍ରଭୁଙ୍କ ପ୍ରେମରେ ବାଇ ହୋଇ ନୃତ୍ୟ କରୁଥିଲେ ତ ଆଉ କେଉଁଠି ହରିନାମ ସଂକୀର୍ତ୍ତନରେ ଲୋକେ ଭକ୍ତିରସରେ ବୁଡ଼ି ରହିଥିଲେ। କିଏ ହାତଟେକି ପ୍ରଭୁଙ୍କୁ ନିଜର ନିବେଦନ ଜଣାଉଥିଲା ତ ଆଉ କିଏ ଆଖିରୁ ଲୁହ ଝରାଇ ହୃଦୟର ବେଦନାକୁ ସମର୍ପଣ କରୁଥିଲା। ଏହାଦେଖି ମିକୁ ଓ ପିକୁ ଭାବବିହ୍ୱଳ ହୋଇଗଲେ। ଚାହୁଁ ଚାହୁଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟ ପହଣ୍ଡି ଆରମ୍ଭ ହେଲା ଏବଂ ରଥରେ ପ୍ରଭୁ ବିରାଜମାନ ହେବାପରେ ପୂଜାର୍ଚ୍ଚନା ହୋଇ ଗଜପତି ମହାରାଜାଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ଚାଲିଲା। ଶେଷରେ ସମସ୍ତ ନୀତି ସମ୍ପନ୍ନ ହୋଇ ରଥଟଣା ଆରମ୍ଭ ହେଲା। ଭକ୍ତମାନେ ଆନନ୍ଦ ମନରେ ଜୟ ଜଗନ୍ନାଥ କହି ରଥକୁ ଆଗକୁ ଟାଣି ନେଉଥାନ୍ତି। ମିକୁ ଓ ପିକୁ ମଧ୍ୟ କିଛି ସମୟ ପାଇଁ ରଥ ଟାଣିବାର ସୁଯୋଗ ପାଇଲେ। ରଥଟଣା ଶେଷ ହେବାପରେ ମହାପ୍ରସାଦ ପାଇ ଭକ୍ତି ମନରେ ବାପପୁଅ ସମସ୍ତେ ଘରକୁ ଫେରିଲେ। କଥା ଅନୁଯାୟୀ, ରାତିରେ ବାପା ଦୁଇ ଭାଇଙ୍କୁ ପାଖକୁ ଡାକି ବସାଇଲେ ଏବଂ ଦେଇଥିବା କାମ କଥା ପଚାରିଲେ। ମିକୁ କହିଲା "ବାପା , ମୁଁ ଦେଖିଲି ଭକ୍ତ ଓ ଭଗବାନଙ୍କର ନିବିଡ଼ ପ୍ରେମ ! କାହିଁ କେତେ ଦୂରରୁ ଭକ୍ତମାନେ ତାଙ୍କ ପ୍ରିୟ ଠାକୁରଙ୍କ ପ୍ରେମରେ ଟାଣିହୋଇ ଆସିଥିଲେ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ନିଜ ଭାଇ ଭଉଣୀ ଓ ଭକ୍ତମାନଙ୍କୁ ସାଙ୍ଗରେ ନେଇ ରଥରେ ଯାତ୍ରା କରୁଥିଲେ । ଏହା ହିଁ ଏକଥାର ପ୍ରକୃତ ଉଦାହରଣ । ଏଥର ପିକୁ ପାଳି ପଡ଼ିଲା , ସେ ଉତ୍ତର ଦେଲା, "ମୁଁ ଆଜି ଶ୍ରୀ ଜଗନ୍ନାଥଙ୍କ ପାଖରେ ସଂସ୍କାର ଓ ସମ୍ମାନର ନିଚ୍ଛକ ଦୃଶ୍ୟ ଦେଖିଲି। ପହଣ୍ଡି ବେଳେ ଆଗରେ ବଡ଼ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରା ଆସିବା ପରେ କଳାଠାକୁର ଆସିଥିଲେ। ଏହାର ଅର୍ଥ ମହାପ୍ରଭୁ ବଡ଼ମାନଙ୍କୁ ସମ୍ମାନ ଦେଇ ସାନଙ୍କୁ ଅଗ୍ରାଧିକାର ଦେଉଥିଲେ। ଆମେ ଏକଥାକୁ ଜୀବନରେ ଗ୍ରହଣ କରିବା ଦରକାର । ଦୁଇ ପୁଅଙ୍କ ପାଖରୁ ସବୁକଥା ଶୁଣିବା ପରେ ବାପା ଅତ୍ୟନ୍ତ ଖୁସି ହୋଇ କୁଣ୍ଢାଇ ପକାଇଲେ ଏବଂ କହିଲେ "ଆଜି ତୁମେ ଦୁଇଜଣ ବୁଦ୍ଧି ପରୀକ୍ଷାରେ ପାସ୍ କରିଛ ।" ତା ପରେ ବାପା ଦୁହିଁଙ୍କୁ ଶହେ ଟଙ୍କା ଲେଖାଏଁ ଦେଲେ ଏବଂ ସମସ୍ତେ ମହାଆନନ୍ଦରେ ପ୍ରସାଦ ଖାଇ ଆନନ୍ଦ ମନରେ ଶୋଇ ପଡ଼ିଲେ। "■




ରାଜେଶ ରାୟ

ଜୟପୁର , କୋରାପୁଟ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।




କ୍ରିତି କ୍ରିଷ୍ଣା ରାଉତ
ନବମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ




ଶାଶ୍ୱତ ସାଇ ଶୁଭମ୍
ଚର୍ତୁଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା




ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ




ଅଭିଲାଷ ଦାଶ
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର





## ■ ଗୋଲ୍ଡେନ ବୁଟ୍ ରେସ୍
## ଶୀର୍ଷକୁ ଫେରିଲେ ଏମ୍‌ବାପେ

**ବୋଷ୍ଟନ,୧୦।୭ (ଏଜେନ୍ସି):** ମରୋକ୍କୋ ବିପକ୍ଷ କ୍ୱାର୍ଟରରେ ଗୋଟିଏ ଗୋଲ ସ୍କୋର କରି ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ପୁଣିଥରେ ଗୋଲ୍ଡେନ ବୁଟ୍ ରେସ୍‌ର ପ୍ରଥମ ସ୍ଥାନକୁ ଫେରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୮ଟି ଲେଖାଏଁ ଗୋଲ ଦେଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା (ଆସିଷ୍ଟ) କରିଥିବାରୁ ପ୍ରଥମ ସ୍ଥାନରେ ରହିଛନ୍ତି। ମେସି ଦ୍ୱିତୀୟରେ ଥିଲାବେଳେ ୭ଟି ଗୋଲ ଦେଇଥିବା ନରୱେର ଏର୍ଲିଙ୍ଗ ହଲାଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଓ ଫ୍ରାନ୍ସର ବାଲନ ଓ ଡିଅର ପୁରସ୍କାର ବିଜେତା ଓଉସ୍ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ସ୍କୋର କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

## ଆର୍ଜେଣ୍ଟିନା ରେଫରୀ, ଫ୍ରାନ୍ସର ଫାଇଦା

**ବୋଷ୍ଟନ,୧୦।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ୍‌ରେ ଗୋଟିଏ ଦେଶର ରେଫରୀ ଓ ମ୍ୟାଚ୍ ଅଫିସିଆଲଙ୍କୁ ନିଯୁକ୍ତ କରି ଫିଫା ସମାଲୋଚିତ ହୋଇଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଟାଇଟଲ ଜିତିବା ଲାଗି ଟକ୍କର ରହିଛି। ଏଭଳି ସ୍ଥିତିରେ ଫ୍ରାନ୍ସ ଖେଳୁଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନାର ରେଫରି ଓ ଅଫିସିଆଲଙ୍କୁ ନିଯୁକ୍ତ କରାଯିବାକୁ ନେଇ ତୀବ୍ର ବିରୋଧ ପ୍ରକାଶ ପାଇଥିଲା। କିନ୍ତୁ ଏହି ମ୍ୟାଚ୍‌ଟି ବିବାଦଶୂନ୍ୟ ରହିବା ସହ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏପରିକି ଆର୍ଜେଣ୍ଟିନା ରେଫରିଙ୍କ ଦ୍ୱାରା ପରିଚାଳନା କରାଯାଇଥିବା କ୍ରମାଗତ ୬ଟି ମ୍ୟାଚ୍‌ରେ ଫ୍ରାନ୍ସ ବିଜୟୀ ହୋଇ ଏକ ରେକର୍ଡ କରିଛି। ଏଣୁ ଫ୍ରାନ୍ସକୁ ଆର୍ଜେଣ୍ଟିନା ରେଫରୀ ଓ ଅଫିସିଆଲ ଫାଇଦା ବୋଲି ଏହି ରେକର୍ଡରୁ ସ୍ପଷ୍ଟ ହୋଇଛି।

## ଜାରେଲ୍ ୨ଟି ମ୍ୟାଚ୍‌ରୁ ବାସନ୍ଦ



**ଡଲାସ,୧୦।୭ (ଏଜେନ୍ସି):** ମେକ୍ସିକୋ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ରେଡ୍‌କାର୍ଡ ପାଇଥିବା ଇଂଲଣ୍ଡର ଡିଫେଣ୍ଡର ଜାରେଲ କ୍ୱାଂଶଙ୍କୁ ଫିଫା ୨ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ରେଡ୍‌କାର୍ଡ ପାଇଲେ ସାଧାରଣତଃ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥାଏ। କିନ୍ତୁ ଏହି ମ୍ୟାଚ୍‌ରେ ଜାରେଲ ଅଧିକ ବିପଜ୍ଜନକ ଖେଳ ପ୍ରଦର୍ଶନ କରିଥିବା ଫିଫାର ହୃଦ୍‌ବୋଧ ହୋଇଛି। ଫିଫାର ଏହି ନିଷ୍ପତି ଫଳରେ ଇଂଲଣ୍ଡ ଯଦି ନରୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରେ, ତେବେ ଜାରେଲ ସେମିଫାଇନାଲ ମୁକାବିଲାରେ ଖେଳିପାରିବେ ନାହିଁ। ଗୋଟିଏ ପଟେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ରେଡ୍‌କାର୍ଡ ପାଇଥିବା ଆମେରିକାର ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ବାସନ୍ଦ ପ୍ରତ୍ୟାର କରିନିଆଯାଇଥିବାବେଳେ ଜାରେଲଙ୍କୁ ୨ଟି ମ୍ୟାଚ୍‌ରୁ ବାସନ୍ଦ କରିବା ଇଂଲଣ୍ଡକୁ କ୍ଷୁବ୍ଧ କରିଛି।

## ଜୁଲାଇ ୧୮ରୁ ଈଶା ଗ୍ରାମୋତ୍ସବ



**ଭୁବନେଶ୍ୱର, ୧୦।୭ (ସମିସ):** ଭାରତର ସବୁଠାରୁ ବଡ଼ ଗ୍ରାମୀଣ କ୍ରୀଡ଼ା ମହୋତ୍ସବ 'ଈଶା ଗ୍ରାମୋତ୍ସବ'ର ୧୮ତମ ସଂସ୍କରଣ ଓଡ଼ିଶାରେ ଜୁଲାଇ ୧୮ରୁ ଆରମ୍ଭ ହେବ। ସଦଗୁରୁଙ୍କ ଦ୍ୱାରା ପରିକଳ୍ପିତ ଏହି ଗ୍ରାମୀଣସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଓଡ଼ିଶାରେ ଆୟୋଜନ କରାଯିବ। ଚଳିତ ବର୍ଷ ପ୍ରାୟ ୭ ହଜାର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଈଶା ଆଉଟରିଚ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୭୦୦ରୁ ଅଧିକ ଦଳ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପୁରୁଷ ବିଭାଗରେ ଭଲିବଲ୍ ଓ ମହିଳା ବିଭାଗରେ ଥ୍ରୋ ବଲ୍ ଖେଳାଯିବ। ଓଡ଼ିଶାରେ ଜୁଲାଇ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ୭ଟି ଜିଲ୍ଲାରେ କ୍ଲଷ୍ଟର-ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଜିଲ୍ଲାଗୁଡ଼ିକ ହେଲା କଟକ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ବଲାଙ୍ଗିର, ଢେଙ୍କାନାଳ ଓ ସୁନ୍ଦରଗଡ଼। କ୍ଲଷ୍ଟର ପରେ ଅଗଷ୍ଟ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଡିଭିଜନାଲ ରାଉଣ୍ଡ ଅନୁଷ୍ଠିତ ହେବ। ଏହାପରେ ଫାଇନାଲ ପର୍ଯ୍ୟାୟ କୋଏମ୍ବାଟୁରରେ ଅନୁଷ୍ଠିତ ହେବ। ଯେଉଁଥିରେ ଓଡ଼ିଶା ସମେତ କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ ଓ ପୁଡୁଚେରୀର ଦଳ ଭାଗନେବେ। ମୋଟ୍ ଉପରେ ଚଳିତ ସଂସ୍କରଣରେ ଏକ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

### ଏମ୍‌ବାପେ, ଡେମ୍ବେଲେଙ୍କ ଚମତ୍କାର ଗୋଲ୍

# ଅଷ୍ଟମ ଥର ସେମିଫାଇନାଲ ଖେଳିବ ଫ୍ରାନ୍ସ

**ବୋଷ୍ଟନ,୧୦।୭ (ଏଜେନ୍ସି)**



ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋକୁ ୨-୦ ଗୋଲରେ ଫ୍ରାନ୍ସ ପ୍ରଥମ ଦଳ ଭାବେ ଚଳିତ ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ସ୍ପେନ୍ ଓ ବେଲଜିୟମ୍ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲର ବିଜେତା ସହ ଫ୍ରାନ୍ସ ଜୁଲାଇ ୧୪ରେ (ବୁଧବାର) ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ପକ୍ଷରୁ ଦୁଇ ଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଫଳରେ ଏମ୍‌ବାପେ ଚଳିତ ବିଶ୍ୱକପ୍‌ରେ ୮ମ ଗୋଲ କରିବା ସହ ପୁଣିଥରେ ଗୋଲ୍ଡେ ବୁଟ୍ ରେସ୍‌ରେ ନିଜୁ ସାମିଲ କରିଛନ୍ତି। ସେହିପରି ନିଜ ମଧ୍ୟରେ ସମନ୍ୱୟ ରଖି ଖେଳିବାରେ ବିଫଳ ହୋଇଥିବା ମରୋକ୍କୋ କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଫ୍ରାନ୍ସଠାରୁ ହାରି ବିଶ୍ୱକପ୍‌ରୁ ବିଦାୟ ନେଇଛି। କତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସଠାରୁ ୨-୦ ଗୋଲରେ ମରୋକ୍କୋ ପରାଜିତ ହୋଇଥିଲା। ବିଶ୍ୱକପ୍ ଇତିହାସରେ ଫ୍ରାନ୍ସ ୮ମ ଥର ସକାଶେ ଓ କ୍ରମାଗତ ତୃତୀୟଥର ସକାଶେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

## ଇଂଲଣ୍ଡ, ଆର୍ଜେଣ୍ଟିନା ଫେବ୍‌ରାଇଟ୍

**ମିଆମି/କାନ୍‌ସାସ୍ ସିଟି,୧୦।୭ (ଏଜେନ୍ସି):** ଚଳିତ ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ଇଂଲଣ୍ଡ ଓ ନରୱେ ମଧ୍ୟରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବ। ସେହିପରି ଏହି ମ୍ୟାଚ୍‌ର ୪ଘଣ୍ଟା ପରେ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ ଦ୍ୱୟର ବିଜେତା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ। ଏହି ମୁକାବିଲାଦ୍ୱୟରେ ଏଯାଏ ଅପରାଜିତ ରହିଥିବା ଇଂଲଣ୍ଡ ଓ ଆର୍ଜେଣ୍ଟିନା ମ୍ୟାଚ୍ ଜିତିବେ ବୋଲି ଆଶା କରାଯାଉଛି। କିନ୍ତୁ ଖେଳଦିନ କିଏ କିପରି ପ୍ରଦର୍ଶନ କରିବ ତାହା କହିବା କଷ୍ଟକର। ଇଂଲଣ୍ଡର ପ୍ରତିଦ୍ୱନ୍ଦ୍ୱୀ ନରୱେ ଏହି ବିଶ୍ୱକପ୍‌ରେ ବ୍ରାଜିଲକୁ ୨-୧ ଗୋଲରେ ହରାଇ ବିଦା କରିଛି। କଲମ୍ବିଆ ବିପକ୍ଷରେ ଲଢୁଆ ଖେଳି ସ୍ୱିଜରଲାଣ୍ଡ ୧୯୫୪ ପରେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଣୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳ ନିଜର ଦକ୍ଷତା ଉପରେ ନିର୍ଭର କରି ସଫଳତା ପାଇଛନ୍ତି। କିନ୍ତୁ ଇଂଲଣ୍ଡ ଓ ଆର୍ଜେଣ୍ଟିନା ନିକଟରେ ନକ୍‌ଆଉଟ ମ୍ୟାଚ୍ ଖେଳିବାର ଅଧିକ ଅଭିଜ୍ଞତା, ବିଶ୍ୱରେ ପ୍ରତିଷ୍ଠା ପାଇଥିବା ଖେଳାଳି ଓ ଦଳର ଦକ୍ଷତା ଓ ସଫଳତା ଯୋଗୁ ଏମାନେ ଦୁଇ କ୍ୱାର୍ଟରଫାଇନାଲ୍‌ରେ ଫେବରାଇଟ୍ ଟିମ୍ ଭାବେ ବିବେଚନା କରାଯାଉଛି।




## ଚେନ୍ନଇରେ ବିବିଏଲ୍ ଉଦ୍‌ଘାଟନୀ ମୁକାବିଲା

**ମେଲବୋର୍ଣ୍ଣ,୧୦।୭ (ଏଜେନ୍ସି):** ଅଷ୍ଟ୍ରେଲିଆର ଲୋକପ୍ରିୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିବିଏଲ (ବିଗ୍ ବାଶ ଲିଗ୍)ର ଉଦ୍‌ଘାଟନୀ ମୁକାବିଲା ଭାରତର ଚେନ୍ନଇରେ ଡିସେମ୍ବର ୧୨ରେ ଖେଳାଯିବ। ଏଥିରେ ମେଲବୋର୍ଣ୍ଣ ରେନେଗ୍ରେଡ୍‌ସ ସହ ପର୍ଥ ସ୍କ୍ରଚର୍ସର ମୁକାବିଲା ହେବ। ଏ ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ୍‌ଙ୍କ ଉପସ୍ଥିତିରେ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତରେ ଏହି ମ୍ୟାଚ୍ ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି। କ୍ରିକେଟର ଉନ୍ନତି ଓ ବିନିମୟ ଲାଗି ଉଭୟ ଦେଶ ସରକାର ସହମତି ପ୍ରକାଶ କରିଛନ୍ତି। ଏହି ମ୍ୟାଚ୍ ଆୟୋଜିତ ହେଲେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟରେ ଏକ ନୂଆ ଯୁଗର ଆରମ୍ଭ ହେବ। ସୂଚନା ଅନୁଯାୟୀ ଏହି ମ୍ୟାଚଟି ଡିସେମ୍ବର ୧୨ ତାରିଖ ଅପରାହ୍ଣ ୨ଟା ୪୦ ମିନିଟ୍‌ରେ ଖେଳାଯିବ। ମେଲବୋର୍ଣ୍ଣ ରେନେଗ୍ରେଡ୍‌ର ଏହା ହୋମ୍ ଗ୍ରାଉଣ୍ଡଭାବେ ବିବେଚିତ ହେବ। ଏହି ଦିନ ପର୍ଥରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନ। ବିବିଏଲ୍ ମ୍ୟାଚ୍ ବେଳକୁ ଟେଷ୍ଟର ଫଳାଫଳ ବାହାରିସାରିଥିବା ବୋଲି ଆଶା କରାଯାଉଛି। ନଚେତ୍ ଏହି ମ୍ୟାଚ୍ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

### ଏସୀୟ କ୍ରୀଡ଼ା ମହିଳା ହକି
## ଭାରତୀୟ ଦଳରେ ଓଡ଼ିଶାରୁ ସୁନେଲିତା



**ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ଜାପାନରେ ଖେଳାଯିବାକୁ ଥିବା ଆଗାମୀ ଏସୀୟ କ୍ରୀଡ଼ାର ମହିଳା ହକି ଲାଗି ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେଙ୍କୁ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସାଲିମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତ ମାସରେ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଚାମ୍ପିଅନ ହୋଇଥିଲା। ତେଣୁ ଏସୀୟ କ୍ରୀଡ଼ା ଲାଗି ସାଲିମା ଅଧିନାୟିକା ପଦ ବଜାୟ ରଖିଛନ୍ତି। ସେହିଭଳି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ମିଡଫିଲ୍ଡର ସୁନେଲିତା ଟପ୍ପୋଙ୍କୁ ସୁଯୋଗ ମିଳିଛି। "ଏହି ଖେଳାଳିମାନେ ଗତ କିଛି ମାସ ମଧ୍ୟରେ ସେମାନଙ୍କର ଶ୍ରେଷ୍ଠ ଫର୍ମ ଓ ଫିଟନେସ୍ ଦେଖାଇସାରିଛନ୍ତି। ଆମେ ନିଶ୍ଚିତ ଯେ ଏହି ଘୋଷିତ ଦଳ ଏସୀୟ କ୍ରୀଡ଼ାରେ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିଛି' ବୋଲି ମୁଖ୍ୟ ପ୍ରଶିକ୍ଷକ ମାରିଜନେ କହିଛନ୍ତି।

## ଭାରତୀୟ ଭଲିବଲ୍ ଦଳରେ ସୌମ୍ୟ



**ଭୁବନେଶ୍ୱର, ୧୦।୭ (ସମିସ):** ଆଗାମୀ ୧୮ ବର୍ଷରୁ କମ୍ ଏସିଆନ ଭଲିବଲ୍ ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ସୌମ୍ୟ ରଞ୍ଜନ ସାମଲ ସ୍ଥାନ ପାଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିବା ଜାତୀୟ ଶିବିରରେ ସୌମ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଢେଙ୍କାନାଳ ଚରଡ଼ ଗାଡ଼ିଆର ବାସିନ୍ଦା ସୌମ୍ୟଙ୍କ ବାପା ପ୍ରଶାନ୍ତ ସାମଲ ମଧ ଜଣେ ପୂର୍ବତନ ରାଜ୍ୟସ୍ତରୀୟ ଭଲିବଲ୍ ଖେଳାଳି। ସୌମ୍ୟ ବର୍ତ୍ତମାନ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଶିବପୁର ଗ୍ରାମରେ ପରିଚାଳିତ ଭଲିଭଲ କୋଚିଂ କେନ୍ଦ୍ରରେ ତାଲିମ ନେଉଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ଭଲିବଲ ପ୍ରଶିକ୍ଷକ ଆଶୁତୋଷ ପାତ୍ର କହିଛନ୍ତି ଯେ ସୌମ୍ୟ ପ୍ରତିଦିନ କଠିନ ପରିଶ୍ରମ କରନ୍ତି। ତାଙ୍କର ସବୁଠାରୁ ବଡ଼ ଶକ୍ତି ହେଉଛି ଶିଖିବାର ଇଚ୍ଛା। ସ୍ଥିରତା ତାଙ୍କୁ ସର୍ବୋଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ଖେଳାଳି ଭାବରେ ବଢ଼ିବାରେ ସାହାଯ୍ୟ କରିଛି।

## ୱିମ୍ବଲଡନ: ଜ୍ୱେରେଭ-ସିନ୍ନର ଫାଇନାଲ

**ଲଣ୍ଡନ, ୧୦।୭ (ଏଜେନ୍ସି):** ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ପୁରୁଷ ବିଭାଗ ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ଟାଇଟଲ୍ ଲଢ଼େଇ ପାଇଁ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଜାନିକ ସିନ୍ନର ଓ ଦ୍ୱିତୀୟ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ମଧ୍ୟରେ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜର୍ମାନୀର ଜ୍ୱେରେଭ ୭-୬ (୭/୦), ୬-୨, ୬-୪ ସେଟରେ ଘରୋଇ ଅଣସିଡେଡ ଖେଳାଳି ଆର୍ଥର ଫେରୀଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ସିନର ଏକପାଖିଆ ଭାବେ ୬-୪, ୬-୪, ୬-୪ ସେଟରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚଙ୍କୁ ପରାସ୍ତ କରିଥିଲେ। ଫଳରେ ଜୋକୋଭିଚଙ୍କ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବା ପୁଣିଥରେ ଅଧୁରା ରହିଯାଇଛି।

## ଇଂଲଣ୍ଡ ବିପକ୍ଷ ୫ମ ଟି-୨୦ ଆଜି

**ସାଉଥାମ୍ପଟନ, ୧୦।୭ (ଏଜେନ୍ସି):** ବିଶ୍ୱଚାମ୍ପିଅନ ଭାରତୀୟ କ୍ରିକେଟ ଦଳ ଏବେ ସଙ୍କଟରେ। ଇଂଲଣ୍ଡର ପିଚ୍, ପରିବେଶ ଓ ଘରୋଇ ଖେଳାଳିଙ୍କ କବ୍‌ଜାରେ ରହିଛନ୍ତି ଭାରତୀୟ କ୍ରିକେଟର। ଇଂଲଣ୍ଡ ସହ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୩-୦ରେ ପଛୁଆ ରହି ଆଗୁଆ ସିରିଜ ହାତଛଡ଼ା କରିସାରିଛି। ଏବେ ସିରିଜର ଅନ୍ତିମ ତଥା ୫ମ ମୁକାବିଲା ଶନିବାର ଖେଳାଯିବ। କ୍ଲିନସୁଇପରୁ ବର୍ତ୍ତିବା ଲାଗି ପଞ୍ଚମ ମୁକାବିଲାରେ ଭାରତକୁ ବିଜୟ ନିହାତି ଜରୁରୀ ହୋଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଜୁଲାଇ ୧୪ରୁ ଆରମ୍ଭ ହେବ। ଏଥିପୂର୍ବରୁ ଭ୍ରମଣକାରୀ ଖେଳାଳିମାନେ ଏଠାରେ ସାନ୍ତ୍ୱନାମୂଳକ ମ୍ୟାଚ୍ ବିଜୟ ଆଶାରେ ରହିଛନ୍ତି। ଏହି ମ୍ୟାଚ୍ ଲାଗି ଚତୁର୍ଥ ମୁକାବିଲା ଜିତିଥିବା ଇଂଲଣ୍ଡ ଦଳରେ ସେପରି କିଛି ପରିବର୍ତ୍ତନ ହେବାର ଆଶା କମ୍। କିନ୍ତୁ ଭାରତୀୟ ଦଳରେ ସଞ୍ଜୁ ସାମସନ ଓ ସୂର୍ଯ୍ୟାଂଶ ଶେଦ୍‌ଜେଙ୍କ ଭଳି ଡାହାଣହାତୀ ବ୍ୟାଟରଙ୍କୁ ସାମିଲ କରାଯାଇପାରେ। ଯଦି ଏହି ଦୁଇ ଖେଳାଳିଙ୍କୁ ସାମିଲ କରାଯାଏ, ତେବେ ନଂ-୩ରେ ସାମସନ ଓ ନଂ-୬ କିମ୍ବା ୭ରେ ଶେଦ୍‌ଜେ ବ୍ୟାଟିଂ କରିବେ। ଶ୍ରେୟସ ଆୟରଙ୍କ ନେତୃତ୍ୱାଧିନ ଭାରତ ଏଥିପୂର୍ବରୁ ଆୟର୍ଲାଣ୍ଡ ନିକଟରୁ ୨-୦ରେ ଲଜ୍ଜାଜନକ ଭାବେ ଟି-୨୦ ସିରିଜ ହାରିଥିଲା। ଏବେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜରେ ପରାସ୍ତ ହୋଇଛି।

### ନଂ-୧ ଆଶାରେ ଇଂଲଣ୍ଡ

ଭାରତ ସହ ଚାଲିଥିବା ଟି-୨୦ ସିରିଜ୍‌ର ଆସନ୍ତାକାଲି ୫ମ ତଥା ଶେଷ ମୁକାବିଲା ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହେବା ପରେ କ୍ରମାଗତ ୩ଟି ମ୍ୟାଚ୍ ଜିତି ଇଂଲଣ୍ଡ ଏହି ସିରିଜ୍ କବଜା କରିଛି। ଦଳ ଲାଗି ଆଉ ଏକ ବଡ଼ ସଫଳତା ଅପେକ୍ଷା କରିଛି। ଶନିବାର ମୁକାବିଲା ଜିତିଲେ ଇଂଲଣ୍ଡ ଟି-୨୦ ମାନ୍ୟତାରେ ଭାରତକୁ ହଟାଇ ନଂ-୧ ହେବ। ଏହା ଆମଲାଗି ଏକ ବଡ଼ ପୁରସ୍କାର ହେବ ବୋଲି ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍ କହିଛନ୍ତି।

NANDIGHOSHA TV
ନନ୍ଦିଘୋଷ
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Editorial Team.
OPEN POSITIONS
1 CORRESPONDENT
Educational Qualification:
• Master's Degree in Journalism & Mass Communication.
Experience:
• Minimum 7 years of experience in Electronic or Print Media.
Key Requirements:
• Strong knowledge of Politics and Governance reporting.
• Proven ability to gather, verify, and analyze news.
• Strong network of sources and excellent editorial judgment.
• Excellent communication and writing skills in Odia.
• Ability to work under tight deadlines and travel for assignments.
2 REPORTER
Educational Qualification:
• Master's Degree in Journalism & Mass Communication.
Experience:
• 3–5 years of experience in Electronic or Print Media.
Key Requirements:
• Hands-on experience in Spot Reporting, Crime Reporting, and City Reporting.
• Strong news sense and reporting skills.
• Excellent communication and writing skills in Odia.
• Ability to cover breaking news and work in a fast-paced newsroom.
HOW TO APPLY
Interested candidates may send their updated resume to: hr@nandighoshatv.com
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

### ଲର୍ଡ୍ସରେ ଭାରତ-ଇଂଲଣ୍ଡ ଐତିହାସିକ ମହିଳା ଟେଷ୍ଟ
## ମନ୍ଧାନା, ହରମନପ୍ରୀତ୍ ଓ ଦୀପ୍ତି ଲଢ଼ିଲେ



**ଲର୍ଡ୍ସ,୧୦।୭ (ଏଜେନ୍ସି):** କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଐତିହାସିକ ମହିଳା ଟେଷ୍ଟ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ଲର୍ଡ୍ସର ୧୪୨ ବର୍ଷର ଇତିହାସରେ ୧୫୦ଟି ପୁରୁଷ ଟେଷ୍ଟ ମ୍ୟାଚ୍ ଏଠାରେ ଖେଳାଯାଇସାରିଛି। କିନ୍ତୁ ପ୍ରଥମଥର ଏହି ଆଇକନିକ ଭେନ୍ୟୁରେ ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜିତ ହେଉଛି। ଏହି ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଧିନାୟିକା ହରମନପ୍ରୀତ୍ କୌର, ଉପ-ଅଧିନାୟିକା ସ୍ମୃତି ମନ୍ଧନା ଓ ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ପ୍ରଥମ ଇନିଂସରେ ୭୪.୫ ଓଭରରେ ୨୮୫ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ନିଜର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ମନ୍ଧାନା ସର୍ବାଧିକ ୮୩, ହରମନପ୍ରୀତ୍ ୫୮ ଓ ଦୀପ୍ତି ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସ ୩୫, ରିଚା ଘୋଷ ଓ ସ୍ନେହ ରାଣା ୧୩ ରନ ଲେଖାଏ ଓ ଯଷ୍ଟିକା ଭାଟିଆ ୧୨ ରନ କରିଥିଲେ। ଘରୋଇ ଇଂଲଣ୍ଡ ପକ୍ଷରୁ ସୋଫି ଇକଲେଷ୍ଟୋନ ୩ ଏବଂ ଇସି ୟଙ୍ଗ, ମାଡି ଭିଲର୍ସ ଓ ଲୌରେନ୍ ଫାଇଲର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ଷ୍ଟମ୍ପ ସୁଦ୍ଧା ୧୧ ଓଭରରେ ଗୋଟିଏ ୱିକେଟ୍ ହରାଇ ୨୧ ରନ ସଂଗ୍ରହ କରିଛି।

## ୩୦୦ ମ୍ୟାଚ୍ ଖେଳିଲେ ସ୍ମୃତି ମନ୍ଧାନା

**ଲଣ୍ଡନ, ୧୦।୭ (ଏଜେନ୍ସି):** ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଲର୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚ୍ ଖେଳି ଭାରତୀୟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ୨୯ ବର୍ଷୀୟା ମନ୍ଧାନାଙ୍କ କ୍ୟାରିୟରର ଏହା ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇଛି। ଯେଉଁଥିରେ ମନ୍ଧାନା ୯ଟି ଟେଷ୍ଟ, ୧୨୦ ଦିନିକିଆ ଓ ୧୭୧ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ୩୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ମନ୍ଧାନା ୩ୟ ଭାରତୀୟ ମହିଳା କ୍ରିକେଟର ହୋଇଛନ୍ତି। ଅଧିନାୟିକା ହରମନପ୍ରୀତ୍ କୌର ୩୭୪ ଓ ପୂର୍ବତନ ଅଧିନାୟିକା ମିତାଲି ରାଜ ୩୩୩ଟି ମ୍ୟାଚ୍ ଖେଳିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS